

ପଞ୍ଚମ୍ ଦା'ଙ୍କ ଭୂମିକାରେ ଫରହାନ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-349 ◆WEDNESDAY ◆17 JUNE 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୩୪୯ ◆ବୁଧବାର ◆୧୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନିଟ୍ ଜାଲିଆତି ରୋକିବାକୁ ଟେଲିଗ୍ରାମ ଉପରେ କଟକଣା




■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ନିଟ୍-ୟୁଜି ପୁନଃ-ପରୀକ୍ଷା ପୂର୍ବରୁ ଦେଶରେ ଚାଲିଥିବା ସଂଗଠିତ ପରୀକ୍ଷା ଜାଲିଆତି ଏବଂ ମିଥ୍ୟା ଗୁଜବକୁ ରୋକିବା ପାଇଁ ଭାରତ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ମେସେଜିଂ ଆପ୍ ଟେଲିଗ୍ରାମ ଉପରେ ସାମୟିକ ଭାବେ କଟକଣା ଜାରି କରାଯାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସୁପାରିଶ କ୍ରମେ ସରକାର ଦୁଇଟି ପୃଥକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହା ଅନୁଯାୟୀ, ଭାରତରେ ଟେଲିଗ୍ରାମ ବ୍ୟବହାର ଉପରେ ଜୁନ୍ ୨୨ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ଏଥିସହିତ ଟେଲିଗ୍ରାମକୁ ତା'ର ମେସେଜ୍-ଏଡିଟିଂ ବ୍ୟବସ୍ଥାକୁ ଭାରତରେ ଜୁନ୍ ୩୦ ପର୍ଯ୍ୟନ୍ତ ଅଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଟିଏ ଅନୁଯାୟୀ, କିଛି ଅସାଧୁ ଚକ୍ର ଟେଲିଗ୍ରାମର ଏଡିଟିଂ ସୁବିଧାର ଦୁରୁପଯୋଗ କରି ନକଲି ପ୍ରଶ୍ନପତ୍ର ଲିକ୍‌ର ପ୍ରମାଣ ସୃଷ୍ଟି କରୁଥିଲେ। ଏହି ଠକମାନେ ପରୀକ୍ଷା ପୂର୍ବରୁ ଏକ ସାଧାରଣ ମେସେଜ୍ ପୋଷ୍ଟ କରୁଥିଲେ ଏବଂ ପରୀକ୍ଷା ଶେଷ ହେବା ପରେ ସେହି ମେସେଜକୁ ଏଡିଟ୍ କରି ସେଥିରେ ଅସଲି ପ୍ରଶ୍ନପତ୍ରକୁ ଅପଲୋଡ୍ କରୁଥିଲେ। ▶ପୃଷ୍ଠା-୭

## ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ମିଳିବନି କଫ ସିରପ

### ସମସ୍ତ ସିରପ ଔଷଧର ବିକ୍ରି ବନ୍ଦ କଲେ ସରକାର

■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଦେଶରେ କଫ ସିରପ୍ ଏବଂ ଅନ୍ୟାନ୍ୟ ସିରପ୍-ଭିତ୍ତିକ ଔଷଧ ବିକ୍ରିକୁ ନେଇ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି। ଏବେ ଡାକ୍ତରଙ୍କ ବୈଧ ପ୍ରେସକ୍ରିପସନ ବିନା କୌଣସି କଫ ସିରପ୍ ଓଭର-ଦ-କାଉଣ୍ଟର (ଓଟିସି) ବା ସିଧାସଳଖ ଔଷଧ ଦୋକାନରୁ ମିଳିବ ନାହିଁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଡ୍ରଗ୍ ରେଗୁଲେଟରଙ୍କ ପକ୍ଷରୁ ଏହି କଟକଣାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ସୂଚନା ଅନୁଯାୟୀ, ୨୦୨୫ରେ ମଧ୍ୟପ୍ରଦେଶ ଏବଂ ପରବର୍ତ୍ତୀ ସମୟରେ ରାଜସ୍ଥାନରେ କଫ ସିରପ୍ ସେବନ ଯୋଗୁଁ ଅନେକ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ଏହି ସିରପ୍ ସେବନ ପରେ ଶିଶୁମାନଙ୍କର ଅଙ୍ଗ ଅକାମୀ ହୋଇଯାଇଥିଲା ଏବଂ ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହିପରି ଘଟଣାକୁ ଗମ୍ଭୀରତାର ସହ ନେଇ ସରକାର ସିରପ୍ କାରଣରୁ ହେଉଥିବା ମୃତ୍ୟୁକୁ ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ବର୍ତ୍ତମାନ ଯେକୌଣସି ସିରପ୍ ଜାତୀୟ ଔଷଧ କିଣିବା ପାଇଁ ରୋଗୀଙ୍କୁ ଡାକ୍ତରଙ୍କ ଦ୍ୱାରା ଲିଖିତ ପ୍ରେସକ୍ରିପସନ ଦେଖାଇବାକୁ ପଡ଼ିବ। ବିନା ପ୍ରେସକ୍ରିପସନରେ ଔଷଧ ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

**ରଜରେ ଅରାଜକତା**

# ୨୪ ଘଣ୍ଟାରେ ୪ ଗଣଦୁଷ୍କର୍ମ

## ନବରଙ୍ଗପୁରରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

■ ଭୁବନେଶ୍ୱର, ୧୬।୬ (ସମିସ): ରାଜ୍ୟ ଆଇନ୍‌ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ସାଂଘାତିକ। ମହିଳା ହିଂସା ସୀମା ଟପିଲାଣି। ଅପରାଧୀ ପୁଲିସକୁ ଡ଼ରୁ ନାହାନ୍ତି, ଆଇନକୁ ଭୟ କରୁନାହାନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସର 'ମିଶନ ଏନ୍‌କାଉଣ୍ଟର' ବି ଫଳପ୍ରସୂ ହୋଇ ପାରିନାହିଁ। ମହିଳା, ଯୁବତୀ ଓ ନାବାଳିକାଙ୍କୁ ଏବେ ଅପରାଧୀ ନିଶାଣ କରିଛନ୍ତି। ନାରୀ ହିଂସାକୁ ରୋକିବାରେ ପୁଲିସର ଅସମ୍ବେଦନଶୀଳତା ରାଜ୍ୟରେ ଅପରାଧ ବୃଦ୍ଧି ପାଇଁ ବାଟ ଖୋଲିଥିବା ମଧ୍ୟ ଅଭିଯୋଗ ହୋଇଛି। ରଜ ପର୍ବ ବିଶେଷ କରି ମହିଳାମାନଙ୍କର ପର୍ବ ବୋଲି କୁହାଯାଏ। ମାତ୍ର ରଜ ପର୍ବରେ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ବଲାଙ୍ଗୀର, ସୁନ୍ଦରଗଡ଼ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪ଟି ଗଣଦୁଷ୍କର୍ମ ଘଟଣା ଘଟିଛି। ସେହିପରି ନବରଙ୍ଗପୁରରେ ଦୁଷ୍କର୍ମ ପରେ ଜନୈକ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।



କେନ୍ଦ୍ରାପଡ଼ା ଜିଲ୍ଲା ଗରାପୁର ଅଞ୍ଚଳରେ ଖୋଦ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ଜଣେ ନାବାଳିକାଙ୍କୁ ଉଠାଇ ନିଆଯାଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ନିଜ ପରିବାର ସହ ଏକ ଅସ୍ଥାୟୀ ଟେଣ୍ଟରେ ରହୁଥିବା ନାବାଳିକାଙ୍କୁ ଉଠାଇ ନେଇ ଗଣଦୁଷ୍କର୍ମ କରାଯିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଚାମେଲୀ ପ୍ରସଙ୍ଗକୁ ନେଇ କେନ୍ଦ୍ରାପଡ଼ା ପୁଲିସ ପ୍ରଶାସନ ହରଡ଼ଘଣାରେ ପଡ଼ିଥିବାବେଳେ ଏହି ଗଣଦୁଷ୍କର୍ମ ପୁଲିସ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଛି।

ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ନିଶା ଖୁଆଇ ୪ଜଣ ଯୁବକ ଦୁଷ୍କର୍ମ ଅଭିଯୋଗ ହୋଇଛି। ପୀଡ଼ିତା ନିଜ ଭଉଣୀ ସହ ଶୌଚ ହେବାକୁ ଯାଇଥିବା ବେଳେ ୪ ଜଣ ଯୁବକ ତାଙ୍କୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିବା ଓ ପରେ ଏକ ଆମ୍ବଗଛ ମୂଳେ ଫିଙ୍ଗି ଦେଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ପୁଲିସ ଏସକ୍ ଦୀପୁ, ସେକ୍ ଅମାନ, ଜାଭେଦ୍ ଏବଂ ମୁଖ୍ୟ ଅଭିଯୁକ୍ତ ସେକ୍ ମଜବୁଲକୁ ଗିରଫ କରିଛି। ବଲାଙ୍ଗୀର ଜିଲ୍ଲାରେ ପାଟଣାଗଡ଼ ଥାନା ଅଞ୍ଚଳରେ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ୪ ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଯୁବତୀଙ୍କ ପ୍ରେମିକ ଓ ତାଙ୍କର ସାଙ୍ଗମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା କୁହାଯାଉଛି।

ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଘଟଣା ଅତ୍ୟନ୍ତ ଲୋମହର୍ଷଣକାରୀ। ଜଣେ ବାପଛେଉଣ୍ଡ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଘର ବାରିପଟେ ଫୋପଡି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ସୋମବାର ସକାଳୁ ଯୁବତୀଙ୍କର ରକ୍ତ ଜୁଡୁବୁଡୁ ମୃତ ଦେହକୁ ଉଦ୍ଧାର କରାଯାଇ ପୁଲିସକୁ ଖବର ଦିଆଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ସେହିପରି ସୁନ୍ଦରଗଡ଼ରେ ▶ପୃଷ୍ଠା-୭

## ୟୁପିଏସ୍‌ସି ପ୍ରିଲିମ୍ସ ପ୍ରଶ୍ନପତ୍ର ଲିକ୍ !

### କୋଚିଂ ସେଣ୍ଟର ସହ ୮୨ଟି ପ୍ରଶ୍ନ ମିଶୁଥିବା ଅଭିଯୋଗ

■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏହି ଅଭିଯୋଗ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ପକ୍ଷରୁ କରାଯାଇଛି। ଏନ୍‌ଏସ୍‌ୟୁଆଇର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୋଦ ଜାଖଡ଼ ଅଭିଯୋଗ କରିଛନ୍ତି ଯେ, ଚଳିତ ବର୍ଷ ୟୁପିଏସ୍‌ସି ପ୍ରିଲିମ୍ସ ପରୀକ୍ଷାରେ ପଚରାଯାଇଥିବା ୧୦୦ଟି ପ୍ରଶ୍ନ ମଧ୍ୟରୁ ୮୨ଟି ପ୍ରଶ୍ନ ଅନନ୍ତମ୍ ଆଇଏଏସ୍ ନାମକ ଏକ କୋଚିଂ ସଂସ୍ଥାର ଷ୍ଟଡି ମ୍ୟାଟେରିଆଲ୍ ବା ଅଧ୍ୟୟନ ସାମଗ୍ରୀ ସହିତ ପ୍ରାୟତଃ ମେଳ ଖାଉଛି। ତାଙ୍କ ଅନୁଯାୟୀ, କେବଳ ପ୍ରଶ୍ନର ବିଷୟବସ୍ତୁ ନୁହେଁ, ବରଂ ସେଗୁଡ଼ିକର ଶବ୍ଦ ଚୟନ ଏବଂ ଉପସ୍ଥାପନା ଶୈଳୀ ମଧ୍ୟ ଉକ୍ତ କୋଚିଂ ସେଣ୍ଟରର ନୋଟ୍ସ ସହ ମିଶିଯାଉଛି। ବିନୋଦ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ପରୀକ୍ଷା ପରେ ସମ୍ପୃକ୍ତ କୋଚିଂ ସଂସ୍ଥା ନିଜର ନୋଟ୍ସରେ ପରିବର୍ତ୍ତନ କରିଛି ଏବଂ ପୁରୁଣା ତାରିଖ ବସାଇ ତାହାକୁ ସଂଶୋଧିତ କରିଛି। ଏହି ଘଟଣା କୋଚିଂ ସଂସ୍ଥା ଏବଂ ପରୀକ୍ଷା ପ୍ରକ୍ରିୟା ପରିଚାଳନା କରୁଥିବା କର୍ତ୍ତୃପକ୍ଷଙ୍କ ମଧ୍ୟରେ କୌଣସି ପ୍ରକାରର ଗୁପ୍ତ ବୁଝାମଣା ବା ସଲାସୁତୁରା ଥିବା ନେଇ ଗୁରୁତର ସନ୍ଦେହ ସୃଷ୍ଟି କରିଛି। ଏହି ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଦର୍ଶାଇ ଏନ୍‌ଏସ୍‌ୟୁଆଇ ପକ୍ଷରୁ ୟୁପିଏସ୍‌ସିକୁ ଚିଠି ଲେଖାଯିବ ବୋଲି କୁହାଯାଇଛି। ପରୀକ୍ଷାର୍ଥୀଙ୍କ ମନରେ ସୃଷ୍ଟି ହୋଇଥିବା ଆଶଙ୍କାକୁ ଦୂର କରିବା ପାଇଁ ଏକ ସ୍ୱଚ୍ଛ ତଥା ନିରପେକ୍ଷ ତଦନ୍ତ କରିବାକୁ ଏବଂ କମିଶନଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରିବାକୁ ସଙ୍ଗଠନ ଦାବି କରିଛି। ତେବେ ଏହି ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ସମ୍ପର୍କିତ ଅଭିଯୋଗ ଉପରେ ୟୁପିଏସ୍‌ସି ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ।

### ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

## ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣିଲେ

■ ରାଉରକେଲା, ୧୬।୬ (ସମିସ): ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ। ରାଉରକେଲା ଗୋଲଘର ବସ୍ତିରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ବିଟ୍ ରାସ୍ତାରେ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ, ବସ୍ତିର ତୋଫାନ ବିନ୍ଧାଣୀ। ଏହି ଆକ୍ରମଣରେ ତୋଫାନଙ୍କ ବନ୍ଧୁ ଶୁଭେନ୍ଦୁ ସେଠୀ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଉତ୍ତ୍ୟକ୍ତ ବସ୍ତିବାସିନ୍ଦା ସେକ୍ଟର୍-୭ ଥାନା ଘେରାଉ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ସ୍ଥାନୀୟ ସେକ୍ଟର-୭ ଥାନା ଅନ୍ତର୍ଗତ ଗୋଲଘର ନିକଟସ୍ଥ ନାରାୟଣୀ

**ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରାଉ**

ବସ୍ତିରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ଅପରାହ୍ଣରେ ଏକ ଗୋଷ୍ଠୀସଂଘର୍ଷ ଘଟିଥିଲା। ବସ୍ତିର ତୋଫାନ ବିନ୍ଧାଣୀ ଏବଂ ଅନ୍ୟ ଜଣେ ଯୁବକ ଶୁଭେନ୍ଦୁ ସେଠୀଙ୍କ ସହ କିଛି ଯୁବକଙ୍କ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଚ୍ଚବାଚ ହୋଇଥିଲା। ଏହାପରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଦୁର୍ବୃତ୍ତମାନେ ଖଣ୍ଡା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ତୋଫାନ ଏବଂ ଶୁଭେନ୍ଦୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ତୋଫାନ ଓ ଶୁଭେନ୍ଦୁ ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଘଟଣାସ୍ଥଳରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଅପରପକ୍ଷେ, ଚିତ୍କାର ଶୁଣି ସ୍ଥାନୀୟଲୋକ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ)ରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତୋଫାନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଶୁଭେନ୍ଦୁ ଆଇଜିଏଚରେ ଚିକିତ୍ସାଧୀନ ରହିଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଏହି ଘଟଣାରେ ଗୋଲ ବସ୍ତିରେ ▶ପୃଷ୍ଠା-୭







## ଭତ୍ତା ନ ପାଇ ବୃଦ୍ଧାଙ୍କ ଆତ୍ମହତ୍ୟା

■ ବେଗୁନିଆପଡ଼ା, ୧୬।୬ (ସମିସ): ଦୀର୍ଘ ୩ ମାସ ଧରି ଭତ୍ତା ନ ପାଇ ଶେଷରେ ଜୀବନ ହାରିଲେ ୬୬ ବର୍ଷୀୟା ବୃଦ୍ଧା। ଏଭଳି ଏକ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ପଞ୍ଚାୟତର ଚଢିଆପଡା ଗ୍ରାମରେ। ଭତ୍ତା ଟଙ୍କା ଆକାଉଣ୍ଟକୁ ଆସିଲା କି ନାହିଁ, ସେନେଇ ସେ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ। ଦୀର୍ଘ ୩ ମାସ ଧରି ଭତ୍ତା ଟଙ୍କା ନ ଆସିବାରୁ ମାନସିକ ଭାରସାମ୍ୟ ହରାଇ ଗତ ରବିବାର ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଜଣଙ୍କ ହେଲେ ଚଢିଆପଡା ଗ୍ରାମର ବି ସାବିତ୍ରୀ ଦୋରା।

ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ମରଶରୀରକୁ ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ଅନ୍ତିମ ସଂସ୍କାର ▶ପୃଷ୍ଠା-୭


ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ




ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।

ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଆଧାର କାର୍ଡ କ'ଣ କେବଳ ପରିଚୟପତ୍ର?



**କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ଆଧାର କାର୍ଡକୁ ନାଗରିକତ୍ୱ ଏବଂ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଭାବରେ କରାଯାଉଥିବା ଅପବ୍ୟବହାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟ ସରକାରଙ୍କ ଠାରୁ ଜବାବ ମାଗିଛନ୍ତି। ଏହି ମାମଲା ଦେଶର ନିର୍ବାଚନୀ ସ୍ୱଚ୍ଛତା ଏବଂ ଜାତୀୟ ସୁରକ୍ଷା ଉପରେ ପ୍ରଭାବ ପକାଇପାରେ ବୋଲି ଚେତାବନୀ ଦିଆଯାଇଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନୋଟିସ ଜାରି କରିଛନ୍ତି। ଏହି ଆବେଦନରେ ଦର୍ଶାଯାଇଛି ଯେ, ଆଧାରର ବ୍ୟବହାର କେବଳ ପରିଚୟ ପ୍ରମାଣ ପାଇଁ ହେବା ଉଚିତ, କିନ୍ତୁ ଏହାକୁ ଭୁଲ ଭାବରେ ନାଗରିକତ୍ୱ ଏବଂ ବାସିନ୍ଦା ପ୍ରମାଣ ପତ୍ର ଭାବରେ ବ୍ୟବହାର କରାଯାଉଛି। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ନିୟମ ଅନୁଯାୟୀ ଆଧାର କେବଳ ପରିଚୟର ପ୍ରମାଣ। ଏହା ନାଗରିକତ୍ୱ କିମ୍ବା ବାସିନ୍ଦା ହେବାର ପ୍ରମାଣ ନୁହେଁ। ତଥାପି, ସ୍କୁଲ ଆଡମିଶନ, ସମ୍ପତ୍ତି କିଣାବିକା, ଜନ୍ମ ପ୍ରମାଣ ପତ୍ର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ (ଫର୍ମ-୬) ପାଇଁ ଆଧାରକୁ ବୟସ ଏବଂ ବାସସ୍ଥାନର ପ୍ରମାଣ ଭାବେ ବ୍ୟବହାର କରାଯାଉଛି। ଏହି କାରଣରୁ ଅନୁପ୍ରବେଶକାରୀ ଏବଂ ବେଆଇନ ପ୍ରବାସୀମାନେ ସହଜରେ ସରକାରୀ ଦଲିଲ ହାସଲ କରିବାରେ ସଫଳ ହେଉଛନ୍ତି। ଆବେଦନରେ ନିର୍ବାଚନ ପ୍ରକ୍ରିୟାରେ ବ୍ୟବହୃତ ଯାଞ୍ଚ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ଦାବି କରାଯାଇଛି। ଏଥିସହିତ, ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ଏବଂ ସାଇବର ସିକ୍ୟୁରିଟି ଓ ଫୋରେନ୍ସିକ ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ମନିଟରିଂ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଏହି ସଂସ୍କାରଗୁଡ଼ିକର ତଦାରଖ କରିବ।

# ଭବାନୀପୁର ଫଳାଫଳକୁ ଚାଲେଞ୍ଜ କଲେ ମମତା



କୋଲକାତା, ୧୬।୬: ଭବାନୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ଫଳାଫଳକୁ ଚାଲେଞ୍ଜ କରି କଲିକତା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ। ଏହି ଆସନରେ ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ୧୫ ହଜାରରୁ ଅଧିକ ଭୋଟରେ ହାରିଯାଇଥିଲେ। ନିର୍ବାଚନ ପିଟିସନ ଜରିଆରେ ସେ ଏହି ଫଳାଫଳକୁ ଚାଲେଞ୍ଜ କରିଛନ୍ତି। ଗତ ମଇ ୪ ତାରିଖରେ ରାଜ୍ୟ ବିଧାନସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନରେ ବିଜେପିର ଐତିହାସିକ ବିଜୟ ପରେ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୧ ନିର୍ବାଚନରେ ନନ୍ଦିଗ୍ରାମ ଆସନରେ ମମତା ୨ ହଜାର ଭୋଟରେ ଶୁଭେନ୍ଦୁଙ୍କ ଠାରୁ ହାରିଯାଇଥିଲେ। ଏହାକୁ ସେ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ ଏବଂ କୋର୍ଟରେ ଏବେ ବି ମାମଲା ବିଚାରାଧୀନ ରହିଛି।

## କାଲିଫର୍ଣ୍ଣିଆରେ ବି-୫୨ ବୋମାବର୍ଷି ବିମାନ ଦୁର୍ଘଟଣା; ୮ ମୃତ

କାଲିଫର୍ଣ୍ଣିଆ, ୧୬।୬(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଏଡୱାର୍ଡସ୍ ଏୟାରଫୋର୍ସ ବେସରେ ବାୟୁସେନାର ଏକ ବି-୫୨ ଷ୍ଟ୍ରାଟୋଫୋର୍ଟ୍ରେସ୍ ବୋମା ବର୍ଷଣକାରୀ ବିମାନ ପରୀକ୍ଷଣ ଉଡ଼ାଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବିମାନରେ ଥିବା ସମସ୍ତ ୮ ଜଣଙ୍କର ମୃତ୍ୟୁ ଘଟିଛି। ବିମାନଟି ସକାଳେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଭୂମିରେ ପଡ଼ିଯାଇଥିଲା। ଏହାପରେ ସେଥିରେ ଭୟଙ୍କର ନିଆଁ ଲାଗିଯାଇଥିଲା। ମୃତକଙ୍କ ମଧ୍ୟରେ ବାୟୁସେନା କର୍ମଚାରୀଙ୍କ



ସମେତ ବିମାନ ପରୀକ୍ଷଣ କାର୍ଯ୍ୟରେ ନିୟୋଜିତ ବିଶେଷଜ୍ଞ ରହିଥିବା ଜଣାପଡ଼ିଛି। ଦୁର୍ଘଟଣା ପଛରେ ବିମାନର ଇଞ୍ଜିନ ବିଫଳତା କିମ୍ବା ଫ୍ଲାଇଟ୍ କଣ୍ଟ୍ରୋଲ ସିଷ୍ଟମରେ ତ୍ରୁଟି ଥିବା ବିମାନ ସୁରକ୍ଷା ବିଶେଷଜ୍ଞ ସନ୍ଦେହ କରିଛନ୍ତି। ଏହା ବ୍ୟତୀତ ରକ୍ଷଣାବେକ୍ଷଣ ପରବର୍ତ୍ତୀ ସମସ୍ୟା କିମ୍ବା ପରୀକ୍ଷଣ କରାଯାଉଥିବା ଉପକରଣର ବିଫଳତା ମଧ୍ୟ ଏହାର କାରଣ ହୋଇଥାଇପାରେ ବୋଲି କୁହାଯାଇଛି। ବିମାନରେ କୌଣସି ମାରାତ୍ମକ ଅସ୍ତ୍ରଶସ୍ତ୍ର ଥିଲା କି ନାହିଁ, ସେ ନେଇ ଅଧିକାରୀମାନେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ବି-୫୨ ହେଉଛି ଏକ ଦୂରଗାମୀ ଭାରୀ ବୋମା ବର୍ଷଣକାରୀ ବିମାନ, ଯାହା ୧୯୫୫ରୁ ଆମେରିକୀୟ ବାୟୁସେନାରେ ରହିଛି।

## ପାଟ୍ରୋଲିଂ ବେଳେ ବିସ୍ଫୋରଣ, ୩ ଯବାନ ଆହତ

ଶ୍ରୀନଗର, ୧୬।୬(ଏଜେନ୍ସି): ଜମ୍ମୁ-କାଶ୍ମୀରର ରାଜୌରୀ ସେକ୍ଟରରେ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ଏକ ବିସ୍ଫୋରଣ ଘଟି ୩ ଜଣ ସେନା କର୍ମଚାରୀ ଆହତ ହୋଇଛନ୍ତି। ମଙ୍ଗଳବାର ସେନା ପକ୍ଷରୁ ନିୟମିତ ପାଟ୍ରୋଲିଂ ସମୟରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଆହତମାନଙ୍କ ମଧ୍ୟରେ ଜଣେ ଜୁନିୟର କମିଶନଡ୍ ଅଫିସର ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି। ବିସ୍ଫୋରଣ ପରେ ତୁରନ୍ତ ସମସ୍ତ ଆହତ ଯବାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିକଟସ୍ଥ ଏକ ସାମରିକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ବିସ୍ଫୋରଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ନେଇ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସେନା କିମ୍ବା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରାଯାଇ ନାହିଁ। ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରେ ଅନୁସନ୍ଧାନ ଜାରି ରହିଛି।

# ମୋ ବିନା ଇସ୍ରାଏଲର ଅସ୍ତିତ୍ୱ ନାହିଁ



- ନେତନ୍ୟାହୁଙ୍କୁ ସତର୍କ କରାଇଲେ ଟ୍ରମ୍ପ
- ଇସ୍ରାଏଲ ଯୋଗୁଁ ନିରୀହ ଲୋକଙ୍କ ମୃତ୍ୟୁ ଘଟୁଛି
- ହେଜବୁଲ୍ଲା ଦାୟିତ୍ୱ ସିରିଆକୁ ଦିଆଯାଉ

ୱାସିଂଟନ, ୧୬।୬: ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ ଚଳାଇଥିବା ବେଳେ ଏହାକୁ ଭଣ୍ଡୁର କରିବାକୁ ଉଦ୍ୟମ କରୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ। ବାରମ୍ବାର ତାଗିଦ ସତ୍ତ୍ୱେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରୁଥିବାରୁ ଏଥିରେ ବିରକ୍ତି ପ୍ରକାଶ କରିଛନ୍ତି ଟ୍ରମ୍ପ। ସେ କହିଛନ୍ତି ଯେ ଇସ୍ରାଏଲ ପାଇଁ ସେ ଯାହା କରିଛନ୍ତି ଆମେରିକାର କୌଣସି ରାଷ୍ଟ୍ରପତି କରି ନାହାନ୍ତି। ସେ ଜାଣିବା ଦରକାର ଯେ, 'ମୋ ବିନା ଇସ୍ରାଏଲର କୌଣସି ଅସ୍ତିତ୍ୱ ନାହିଁ।' ତେଣୁ ଲେବାନନ୍ ମାମଲାରେ ନେତନ୍ୟାହୁଙ୍କୁ ଦାୟିତ୍ୱବାନ ହୋଇ କାମ କରିବାକୁ ପଡ଼ିବ। ନେତନ୍ୟାହୁଙ୍କ ଯୋଗୁଁ ଲେବାନନରେ ଶହଶହ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି। ସିରିଆର ରାଷ୍ଟ୍ରପତି ଅହମଦ ଅଲ ସାହାରାଙ୍କ ସହିତ ଆଲୋଚନା ପରେ ଟ୍ରମ୍ପ କହିଛନ୍ତି ଯେ ନେତନ୍ୟାହୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ତାହା ତାଙ୍କୁ ବିସ୍ମିତ କରିଛି। ତାଙ୍କର ବାରଣ ସତ୍ତ୍ୱେ ସେ ଲେବାନନ ଉପରେ ଆକ୍ରମଣ କରି ଚାଲିଛନ୍ତି। ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ଉପରେ ଆକ୍ରମଣ ବେଳେ ଶହ ଶହ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଯାହା ଜଣାପଡୁଛି ଯେ ହେଜବୁଲ୍ଲାର ମୁକାବିଲାରେ ଇସ୍ରାଏଲକୁ ସଫଳତା ମିଳୁନାହିଁ। ହେଜବୁଲ୍ଲା ତ ମୂଳପୋଛ ହେଉନାହିଁ, କିନ୍ତୁ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି। ତେଣୁ ଇସ୍ରାଏଲ ଏବେ ଏଥିରୁ ବିରତ ରହୁ। ହେଜବୁଲ୍ଲାର ମୁକାବିଲା ଦାୟିତ୍ୱ ସିରିଆ ରାଷ୍ଟ୍ରପତିଙ୍କୁ ଦିଆଯାଉ। ସେ ଏହି ସଂଗଠନର ଠିକ୍ ମୁକାବିଲା କରିପାରିବେ। ବର୍ତ୍ତମାନ ସୁଦ୍ଧା ଅହମଦ ଭଲ କାମ କରୁଛନ୍ତି ଏବଂ ସେ ହିଁ ହେଜବୁଲ୍ଲାର ଦମନ କରିପାରିବେ। ଅହମଦ ଜଣେ ପୂର୍ବତନ ଜେହାଦୀ ହୋଇଥିବାରୁ ହେଜବୁଲ୍ଲାର ଦମନ ପାଇଁ ତାଙ୍କ ପାଖରେ ରଣନୀତି ରହିଛି। ଏହି ଦାୟିତ୍ୱ ତାଙ୍କୁ ଦିଆଯାଉ। ଇସ୍ରାଏଲ ଦୀର୍ଘ ବର୍ଷ ହେଲା ସଂଘର୍ଷ କରୁଛି, କିନ୍ତୁ ପାରୁନାହିଁ। ଫ୍ରାନ୍ସରେ ଚାଲିଥିବା ଜି-୭ ଶୀର୍ଷ ସମ୍ମିଳନୀ ଅବସରରେ ଇସ୍ରାଏଲକୁ ଏଭଳି ବାର୍ତ୍ତା ଦେଇଛନ୍ତି।

## ନିଷିଦ୍ଧ ପରେ ବି ଟେଲିଗ୍ରାମ ସକ୍ରିୟ

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ଭାରତ ସରକାର ନିଟ୍ ପୁନଃ ପରୀକ୍ଷାରେ ଜାଲିଆତି ରୋକିବାକୁ ଦେଶରେ ଟେଲିଗ୍ରାମ ଆପ୍‌କୁ ସାମୟିକ ଭାବେ ନିଷିଦ୍ଧ କରିଛନ୍ତି। ମାତ୍ର କଟକଣା ସତ୍ତ୍ୱେ ଟେଲିଗ୍ରାମ୍ ଆପ୍ ସକ୍ରିୟ ରହିବା ଦେଶର ବୈଷୟିକ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆସନ୍ତା ଜୁନ୍ ୨୧ରେ ନିଟ୍ ପୁନଃ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ସରକାର ମଙ୍ଗଳବାର ଏହି ପ୍ରତିବନ୍ଧକ ଲଗାଇଛନ୍ତି। ତେବେ ସରକାରୀ ଘୋଷଣା ସତ୍ତ୍ୱେ ସନ୍ଧ୍ୟା ଯାଏଁ ଟେଲିଗ୍ରାମର ଆପ୍, ୱେବସାଇଟ୍ ଏବଂ ଏକ ଡୋମେନ୍ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧ ରହିଥିବା ଜଣାପଡ଼ିଛି। ସେପଟେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଏହି ଆପକୁ ହଟାଇ ଦିଆଯାଇଛି। ତଥାପି ଏହା ଅନ୍ୟାନ୍ୟ ୱେବ୍ ଆପ୍ ଷ୍ଟୋର ଏବଂ ଏପିକେ ମାଧ୍ୟମରେ ସହଜରେ ମିଳିପାରୁଛି। ବିଶେଷଜ୍ଞଙ୍କ ମତରେ, ଟେଲିଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଅସମ୍ଭବ। ସାଧାରଣତଃ ଭାରତୀୟ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଡିଏନ୍ଏସ୍ ବ୍ଲକିଂ ମାଧ୍ୟମରେ ୱେବସାଇଟ୍ ବନ୍ଦ କରନ୍ତି। କିନ୍ତୁ ଟେଲିଗ୍ରାମର ବୈଷୟିକ ସୁରକ୍ଷା ବ୍ୟବସ୍ଥା ଏହାକୁ ଏଡ଼ାଇବାରେ ସକ୍ଷମ ରହିଛି।



ଫ୍ରାନ୍ସରେ ଜି-୭ ଶିଖର ସମ୍ମିଳନୀ ଅବସରରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ, ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ। ଗତ ୧୬ ମାସରେ ପ୍ରଥମ ଥର ଲାଗି ମୋଦୀ ଓ ଟ୍ରମ୍ପ ମୁହାଁମୁହିଁ ହୋଇଛନ୍ତି। ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ଯୋଗୁଁ ଭାରତ ସହ ସଂପର୍କ ତିକ୍ତ ହୋଇଥିଲା।

## ଦୃଷ୍ଟିହୀନ ବ୍ୟକ୍ତି ଓ ତାଙ୍କ ବୃଦ୍ଧା ମା'ଙ୍କୁ ମିଳିଲା ନ୍ୟାୟ

**■ ସମ୍ମାନଜନକ ଜୀବନ ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ସୁବର୍ଣ୍ଣପୁର ଜିଲ୍ଲା ବାଗଡ଼ିଆ ଗ୍ରାମର ଜଣେ ଜନ୍ମରୁ ଦୃଷ୍ଟିହୀନ ବ୍ୟକ୍ତି ଏବଂ ତାଙ୍କର ୮୦ ବର୍ଷୀୟା ବୃଦ୍ଧା ମା ଉତ୍କଟ ଦାରିଦ୍ର୍ୟ ଦେଇ ଗତି କରୁଛନ୍ତି। ମଙ୍ଗଳବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଓଡ଼ିଶା ସରକାରଙ୍କୁ ସମ୍ପୃକ୍ତ ପରିବାରକୁ ତୁରନ୍ତ ସମସ୍ତ ସାମାଜିକ ସୁରକ୍ଷା ସୁବିଧା ଏବଂ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତି ଦୟନୀୟ ଅବସ୍ଥାରେ ଏକ ଭଙ୍ଗା ଦଦରା ଘରେ ରହୁଥିବା ଜପ ଭୁଏ ଏବଂ ତାଙ୍କ ମାଆ ରାଧିକା ଭୁଏଙ୍କ ସମ୍ପର୍କରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ରିପୋର୍ଟ ଆଧାରରେ କୋର୍ଟ ସୁଓ ମୋଟୋ ମାମଲା ଗ୍ରହଣ କରିଥିଲେ। କେବଳ ସରକାରୀ ଆବାସ ଯୋଗାଇଦେବା ଯଥେଷ୍ଟ ନୁହେଁ ବୋଲି ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ରାଧିକାଙ୍କୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ଏବଂ ଭୁଏଙ୍କୁ ମିଳୁଥିବା ଭିନ୍ନକ୍ଷମ ଭତ୍ତାର ନିୟମିତତା ଯାଞ୍ଚ କରିବା ସହ ବକେୟା ଅର୍ଥ ପ୍ରଦାନ କରିବାକୁ କୋର୍ଟ କହିଛନ୍ତି। ଉଭୟଙ୍କୁ ମାସିକ ୩,୫୦୦ ଟଙ୍କା ଲେଖାଏଁ ଭତ୍ତା ଏବଂ ମାଗଣା ଚାଉଳ ମିଳୁଥିବା ସରକାର କୋର୍ଟଙ୍କୁ ଜଣାଇଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ପରିବାର ସହ ଯୋଗାଯୋଗ କରିବାକୁ ଏବଂ ଆବଶ୍ୟକ ସ୍ଥଳେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହାୟତାରେ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ କୁହାଯାଇଛି। ଏହାଛଡ଼ା ଜପ ଭୁଏ ନିଜସ୍ୱ ଏକ ସ୍ୱତନ୍ତ୍ର ଆବାସ ପାଇବାକୁ ଯୋଗ୍ୟ କି ନୁହେଁ, ତାହା ଯାଞ୍ଚ କରିବାକୁ କୋର୍ଟ କହିଛନ୍ତି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର (ଓଏସ୍ଏଲ୍ଏସ୍ଏ) ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକଙ୍କୁ ବ୍ୟକ୍ତିଗତ ଭାବେ ପରିବାର ସହ କଥା ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଟିଏମ୍ସି ବିଭାଜନ ମାମଲା

## ଅଭିଷେକ ବାନାର୍ଜୀଙ୍କୁ ଦୁଇ ଘଣ୍ଟାର ନୋଟିସ



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍ସି)ରେ ହୋଇଥିବା ବିଭାଜନ ଫଳରେ ଦଳରୁ ପୃଥକ ହୋଇଥିବା ବିଦ୍ରୋହୀ ସାଂସଦମାନେ ଏକ ଅଖ୍ୟାତ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍ସିପିଆଇ) ସହ ମିଶ୍ରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ମିଶ୍ରଣକୁ ସ୍ୱୀକୃତି ପ୍ରଦାନ କରିବା ନେଇ ଲୋକସଭା ବାଚସ୍ପତି ଓମ ବିର୍ଲା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ଏହି ରାଜନୈତିକ ସଙ୍କଟ ମଧ୍ୟରେ କୋଲକାତାରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା କରିଛି। ଏହି ସମୟରେ ବାଚସ୍ପତିଙ୍କ କାର୍ଯ୍ୟାଳୟରୁ ତାଙ୍କୁ ମାତ୍ର ୨ ଘଣ୍ଟାର ନୋଟିସ ଦିଆଯାଇ ଏକ ବୈଠକ ପାଇଁ ଡକାଯାଇଥିଲା। ଦ୍ୱିପ୍ରହର ୨ଟାରେ ଇମେଲ ମାଧ୍ୟମରେ ମିଳିଥିବା ଏହି ନୋଟିସରେ ତାଙ୍କୁ ଅପରାହ୍ଣ ୪ଟାରେ ବାଚସ୍ପତିଙ୍କୁ ଭେଟିବାକୁ କୁହାଯାଇଥିଲା। ଏହା ପରେ ଟିଏମସି ସାଂସଦ କୀର୍ତ୍ତି ଆଜାଦ ବାଚସ୍ପତିଙ୍କୁ ଭେଟି ଜଣାଇଥିଲେ ଯେ, ବାନାର୍ଜୀ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରୁଥିବାରୁ ଉକ୍ତ ବୈଠକରେ ଉପସ୍ଥିତ ରହିପାରିବେ ନାହିଁ। ଟିଏମସିର ପ୍ରାୟ ୨୦ ଜଣ ସାଂସଦ (ସମୁଦାୟ ସଂଖ୍ୟାର ଦୁଇ-ତୃତୀୟାଂଶ) ଦଳରୁ ଅଲଗା ହୋଇ ଏନ୍ସିପିଆଇ ସହ ମିଶ୍ରଣ ପାଇଁ ଘୋଷଣା କରିଛନ୍ତି। ବିଦ୍ରୋହୀ ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ଅନୁଯାୟୀ, ସେମାନେ ବାଚସ୍ପତିଙ୍କୁ ଭେଟି ସଂସଦରେ ପୃଥକ ବସିବା ବ୍ୟବସ୍ଥା ପାଇଁ ଆବେଦନ କରିଛନ୍ତି ଏବଂ ଆଗାମୀ ଦିନରେ ଏନ୍ଡିଏକୁ ସମର୍ଥନ କରିବେ। ଏହି ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ଭାବେ ଦାବି କରିବାକୁ ମଧ୍ୟ ଯୋଜନା କରୁଛନ୍ତି। ଏହି ମିଶ୍ରଣକୁ ସ୍ୱୀକୃତି ଦେବା ପୂର୍ବରୁ ବାଚସ୍ପତି ଓମ ବିର୍ଲା ଉଭୟ ବିଦ୍ରୋହୀ ପକ୍ଷ ଏବଂ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ମୂଳ ଟିଏମସିର ପକ୍ଷ ଶୁଣିବେ। ବାଚସ୍ପତି ଏହି ମାମଲାରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟର ଲିଖିତ ପରାମର୍ଶ ଲୋଡ଼ିବେ, ଯାହା ଦ୍ୱାରା ତାଙ୍କ ନିଷ୍ପତ୍ତି ଅଦାଲତରେ ଆଇନଗତ ଭାବେ ସୁଦୃଢ଼ ରହିପାରିବ। ସମ୍ବିଧାନ ଅନୁଯାୟୀ କେବଳ ଏକ ରାଜନୈତିକ ଦଳ ଅନ୍ୟ ଏକ ଦଳ ସହ ମିଶ୍ରଣ କରିପାରିବ, କେବଳ ସାଂସଦ ବା ବିଧାୟକମାନେ ନିଜେ ମିଶ୍ରଣ କରିପାରିବେ ନାହିଁ।


# ରାମ ମନ୍ଦିର କର୍ମଚାରୀଙ୍କ ଘରେ ବିପୁଳ ସୁନା, ୫୦ କୋଟିର ସଂପତ୍ତି

**ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା**

ଅଯୋଧ୍ୟା, ୧୬।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ଦାନ ଓ ବହୁମୂଲ୍ୟ ଅଳଙ୍କାର ଚୋରି ଅଭିଯୋଗରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି। ଗତ ଜୁନ୍ ୭ରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଏସଆଇଟି ଏହାର ଖୋଳତାଡ଼ ଜାରି ରଖିଥିବା ବେଳେ ଧିରେ ଧିରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିକଟତମ ସହଯୋଗୀ ରାମଶଙ୍କର ଯାଦବ ଓରଫ ତିନ୍ନୁଙ୍କ ବାସଭବନରୁ ଅଘୋଷିତ ପରିମାଣର ସୁନା ଜବତ କରାଯାଇଛି, ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏସଆଇଟି ଅଯୋଧ୍ୟା ଏବଂ ଲକ୍ଷ୍ନୌରେ ତିନ୍ନୁଙ୍କର ପ୍ରାୟ ୫୦ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଜଣେ ସାଧାରଣ ଅଟୋ ଚାଳକ ଭାବେ ଜଣାଶୁଣା ତିନ୍ନୁଙ୍କର ବର୍ତ୍ତମାନ ଅଯୋଧ୍ୟା ବିମାନବନ୍ଦର ନିକଟରେ ୭୦ଟି ରୁମ୍ ବିଶିଷ୍ଟ ଏକ ବିଶାଳ ହଷ୍ଟେଲ ରହିଥିବା ଜଣାପଡ଼ିଛି। ମନ୍ଦିର ନିର୍ମାଣ ଦାୟିତ୍ୱରେ ଥିବା ଗୋପାଳ ରାଓଙ୍କ ପୁତୁରା ସୋମେଶ ଆନନ୍ଦଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି। ସୂତ୍ର ଅନୁସାରେ, ସୋମେଶ ଗତ ଏକ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ସ୍ଥାନକୁ ୫୦ରୁ ଅଧିକ ଥର ଯାତ୍ରା କରିଥିବା ଜଣାପଡ଼ିଛି। ସେ ଟ୍ରେନରେ ବଡ଼ ବଡ଼ ବ୍ୟାଗ୍ ଧରି ଯାଉଥିବା ବେଳେ ବିମାନରେ ବିନା କୌଣସି ଜିନିଷପତ୍ରରେ ଫେରୁଥିଲେ। ଏହି ମାମଲାରେ ଏସଆଇଟି ଅନ୍ୟ ୮ ରୁ ୧୦ ଜଣ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଛି। ଅଳଙ୍କାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କେଡି ତିୱାରୀଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି। ତିୱାରୀ ପ୍ରାୟ ୧.୫ କୋଟି ଟଙ୍କାର ଜମି କିଣିଥିବା ନେଇ ତଦନ୍ତ ଚାଲିଛି। ଏହା ପୂର୍ବରୁ ଦୁଇ ବର୍ଷ ତଳେ ଝୁଲଣ ଯାତ୍ରା ସମୟରେ ଭଗବାନଙ୍କ ସୁନା ମୁକୁଟ ନିଖୋଜ ହେବା ଭଳି ଘଟଣା ମଧ୍ୟ ଘଟିଥିଲା।



## ରାହୁଲ ଗାନ୍ଧୀ ବିଶ୍ୱାସଘାତକ ଓ ଅପରିପକ୍ୱ: ଡିଏମ୍କେ



ଚେନ୍ନାଇ, ୧୬।୬(ଏଜେନ୍ସି): ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ତାମିଲନାଡୁର ଡିଏମକେ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଶାଣିତ ଆକ୍ରମଣ କରିବା ସହ ତାଙ୍କୁ ବିଶ୍ୱାସଘାତକ ଏବଂ ଅପରିପକ୍ୱ ବୋଲି ଆକ୍ଷେପ କରିଛି। ଡିଏମକେ ଅନୁଯାୟୀ, କଂଗ୍ରେସ ରାଜ୍ୟସ୍ତରୀୟ ନିର୍ବାଚନରେ ମେଣ୍ଟର ସହଯୋଗୀ ଦଳଗୁଡ଼ିକୁ ଦୁର୍ବଳ କରିବା ପାଇଁ ଅସାଧୁ ଉପାୟ ଅବଲମ୍ବନ କରୁଛି, କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନ ପାଇଁ ସେମାନଙ୍କ ସମର୍ଥନ ଲୋଡୁଛି। ଡିଏମକେର ମୁଖପତ୍ର 'ମୁରାସୋଲି' ଏକ ସମ୍ପାଦକୀୟରେ ଉଲ୍ଲେଖ କରିଛି ଯେ, ରାହୁଲଙ୍କ ସହମତିରେ କଂଗ୍ରେସ ତାମିଲନାଡୁ ବିଧାନସଭା ନିର୍ବାଚନରେ ଡିଏମକେ ସହ ବିଶ୍ୱାସଘାତକତା କରିଛି। ଏହି କାରଣରୁ ଦୁଇ ଦଳ ମଧ୍ୟରେ ଥିବା ଦଶନ୍ଧି ପୁରୁଣା ମେଣ୍ଟ ଭାଙ୍ଗିଯାଇଛି। ନିକଟରେ କଂଗ୍ରେସ ଡିଏମକେ ନେତୃତ୍ୱାଧୀନ ମେଣ୍ଟ ଛାଡ଼ି ଶାସକ ଟିଭିକେ ସହ ସାମିଲ ହେବା ଘଟଣାକୁ ନେଇ ମଧ୍ୟ ସମ୍ପାଦକୀୟରେ କଡ଼ା ସମାଲୋଚନା କରାଯାଇଛି। ମୁରାସୋଲିରେ ରାହୁଲଙ୍କୁ ପରିହାସ କରାଯାଇ କୁହାଯାଇଛି ଯେ, ସେ ପ୍ରତିଟି ରାଜ୍ୟରେ ବିରୋଧୀ ସେ ଏକତାକୁ ନଷ୍ଟ କରିଛନ୍ତି।

# ଅଙ୍ଗନବାଡ଼ି କର୍ମୀଙ୍କୁ ହତ୍ୟା!

କରଞ୍ଜିଆ/ଶୁକ୍ରୁଲି, ୧୬।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅଧୀନ ହଳଦିଆ ଗାଁର ଅଙ୍ଗନବାଡ଼ି କର୍ମୀ ତନୁଜା ନାଏକ (୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତ୍ୟୁ ପୂର୍ବରୁ ତନୁଜାଙ୍କ ସହ ସ୍ୱାମୀ ଖଗେଶ୍ୱର ନାଏକଙ୍କ ପାଟିତୁଣ୍ଡ ଏବଂ ମୃତ୍ୟୁ ପରଠାରୁ ସେ ଫେରାର୍ ଥିବାରୁ ତାଙ୍କ ଉପରେ ପୁଲିସର ସନ୍ଦେହ ଘନୀଭୂତ ହୋଇଛି। ଖଗେଶ୍ୱର ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

**ସ୍ୱାମୀ ଫେରାର୍**

ସୂଚନାନୁଯାୟୀ, ରଜରେ ଘରକୁ କୁକୁଡ଼ା ମାଂସ ଆଣି ରୋଷେଇ କରାଯାଇଥିଲା ଓ ପରିବାର ସଦସ୍ୟ ଏକାଠି ଖାଇଥିଲେ। ଦିନ ପ୍ରାୟ ସାଢ଼େ ୩ଟାରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ଖଗେଶ୍ୱର ତାଙ୍କୁ ମାଡ଼ ମାରିଥିଲେ। ଏହାକୁ କେନ୍ଦ୍ର କରି ରାତିରେ ପରିସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଆଜି ସକାଳେ ତନୁଜାଙ୍କ ମୃତଦେହ ଘର ଭିତରେ ମିଳିଥିବା ବେଳେ ଖଗେଶ୍ୱରଙ୍କ ଦେଖା ମିଳିନଥିଲା। ଘର ପଛପଟ ରାସ୍ତା ଦେଇ ସେ ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ରରୁଆଁ ପୁଲିସ ଓ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ



ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି। ସ୍ୱାମୀ ଫେରାର୍ ଥିବାରୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣା ପରେ ହଳଦିଆ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ସ୍ଥାନୀୟ ଲୋକ ଗଭୀର ଉଦବେଗ ପ୍ରକାଶ କରିଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ହେପାଜତରୁ ଖସିବାକୁ ପୁଲିସ୍‌କୁ ଗୁଳି

# ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ଅପରାଧୀ ପ୍ରଭାତ ଜଖମ

କେନ୍ଦୁଝର, ୧୬।୬(ସମିସ): ଲୁଟ୍, ଡକାୟତି, ଛିନ୍‌ତାଇ ଭଳି ୪୦ରୁ ଊର୍ଦ୍ଧ୍ୱ ସଂଗିନ୍ ଆପରାଧିକ ମାମଲାରେ ଜଡ଼ିତ କୁଖ୍ୟାତ ଅପରାଧୀ ପ୍ରଭାତ ମଲ୍ଲିକକୁ କେନ୍ଦୁଝର ସଦର ଥାନା ପୁଲିସ ଏନ୍‌କାଉଣ୍ଟର୍ କରିଛି। ଲୁଟ୍ ଟଙ୍କା ଉଦ୍ଧାର କରିବା ପାଇଁ ପୁଲିସ ଆଜି ତାକୁ ମହୁଲଡିହା ଜଙ୍ଗଲକୁ ନେଇଥିବା ବେଳେ ସେ ପୁଲିସ୍ ଉପରକୁ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୁଲିସ୍ ଗୁଳିରେ ସେ ଜଖମ ହୋଇଥିଲା। ତା' ଡାହାଣ ଗୋଡ଼ ଆଣ୍ଠୁ ତଳେ ଗୋଟିଏ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ପୁଲିସ୍ ତାକୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଇଛି।

**ବିଭିନ୍ନ ଥାନାରେ ୪୦ରୁ ଅଧିକ ସଂଗୀନ ମାମଲା**

ପୁଲିସ ସୂଚନାନୁସାରେ, ପ୍ରଭାତ ଜଣେ କୁଖ୍ୟାତ ଓ ପେସାଦାର ଅପରାଧୀ। ତା' ନାଁରେ ଜିଲ୍ଲାର ଏକାଧିକ ଥାନାରେ ସଂଗିନ୍ ମାମଲା ରହିଛି। ଗତ ମେ' ୧୮ ତାରିଖ ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ବାଉରିପଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଷାରଜ୍ୟୋତି ସୋରେନ ଏବଂ ଏଡିଇଓ ଅଭିମନ୍ୟୁ ସାହୁ ଏକ ସ୍କୁଟିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଯାଉଥିବା ବେଳେ ପ୍ରଭାତ ଓ ତା'ର ଦୁଇ ସହଯୋଗୀ ଗୁଳି ଫୁଟାଇ ଦୁହିଁଙ୍କୁ ଭୟଭୀତ କରିବା ସହ ବନ୍ଧୁକ ମୁନରେ ସବୁତକ ଭତ୍ତା ଟଙ୍କା ଲୁଟି ନେଇଥିଲେ। ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଘଟିଥିବାରୁ ତାକୁ ଶୀଘ୍ର ଗିରଫ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ନମ୍ବର ୩୧୧/୨୬ରେ ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରିଥିଲା। ଗିରଫ ହେବା ପରେ ତା' ଠାରୁ କିଛି ଟଙ୍କା ଜବତ କରିଥିଲା ପୁଲିସ। ବାକି



ଟଙ୍କା ସଦର ଥାନା ମହୁଲଡିହା ଜଙ୍ଗଲରେ ରଖିଥିବା କହିଥିଲା ପ୍ରଭାତ। ଟଙ୍କା ଉଦ୍ଧାର ଏବଂ ପଚରାଉଚରା କରିବା ପାଇଁ ପୁଲିସ ଆଜି ତାକୁ ମହୁଲଡିହା ଜଙ୍ଗଲକୁ ନେଇଥିଲା। ସେଠାରେ ପ୍ରଭାତ ଗାତରୁ ଟଙ୍କା ବାହାର କରିବା ବାହାନାରେ ସେଠାରେ ପୋତା ହୋଇଥିବା ଏକ ଦେଶୀ ବନ୍ଧୁକ କାଢ଼ି ପୁଲିସ୍ ଉପରକୁ ଗୁଳି ଚଳାଇଥିଲା। ଆତ୍ମରକ୍ଷା ନିମନ୍ତେ ପୁଲିସର ପାଲଟା ଗୁଳିରେ ପ୍ରଭାତ ଗୁରୁତର ହୋଇଥିଲା। ତା' ପାଖରୁ ପୁଲିସ ଗୋଟିଏ ଦେଶୀ ପିସ୍ତଲ ମଧ୍ୟ ଜବତ ହୋଇଛି। ଅନ୍ୟପକ୍ଷରେ, ବିଏନ୍‌ଏସ୍ ଆର୍ମ ଆକ୍ଟ ଆଧାରରେ ତା' ନାଁରେ ସଦର ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ତଦନ୍ତକୁ ଅଧିକ କ୍ରିୟାଶୀଳ କରିଛି।

### ଅଦାଲତ, ଗୃହ ବିଭାଗ, କ୍ରାଇମବ୍ରାଞ୍ଚ ଡ଼ିଜିଙ୍କ ନିର୍ଦ୍ଦେଶକୁ ବେଖାତିର

# ସବୁ ଜାଣି ଅଜଣା ପୁଲିସ

ଭୁବନେଶ୍ୱର ୧୬।୬ (ସମିସ): ପୁଲିସ ଦ୍ୱାରା ଜଣେ ବ୍ୟକ୍ତି ଗିରଫ ହେବା ସମୟରେ କେଉଁ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଛି, ତାହା ଜଣାଇବାକୁ ପୁଲିସ ବାଧ୍ୟ। ଅନ୍ୟପକ୍ଷରେ ଗିରଫଦାରୀର କାରଣ ଜାଣିବା ଅଭିଯୁକ୍ତର ସାମ୍ବିଧାନିକ ଅଧିକାର। ଏହି ନିୟମକୁ ପୁଲିସ ଅନୁପାଳନ ନ କଲେ ଗିରଫ ବ୍ୟକ୍ତି ଜାମିନ ପାଇବା ସହଜ ହୋଇଥାଏ। ଗିରଫ ସମୟରେ ଏସବୁ ବାଧ୍ୟତାମୂଳକ ବୋଲି ଭାରତୀୟ ସମ୍ବିଧାନ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଏପରି କଥା ଉଲ୍ଲେଖ ରହିଛି। ହେଲେ ତଦନ୍ତକାରୀ ବା ପୁଲିସ ଅଧିକାରୀମାନେ ଅନୁପାଳନ କରୁନଥିବା ନଜରକୁ ଆସୁଛି। ଗିରଫଦାରୀର କାରଣ ଦର୍ଶାଇ ନଥିବା ଆଳରେ ଅଭିଯୁକ୍ତମାନେ ଜାମିନ୍ ଆବେଦନ କରୁଛନ୍ତି। ପୁଲିସର ଏଭଳି ତ୍ରୁଟି ଅଭିଯୁକ୍ତମାନଙ୍କ ପାଇଁ ବରଦାନ ପାଲଟିଥିବା ବେଳେ ସେମାନେ ଗଳାବାଟ ଦେଇ ସହଜରେ ଖସି ଯାଉଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି ଗୃହ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବାରମ୍ବାର ନିର୍ଦ୍ଦେଶ ଦେଇ ଆସୁଥିଲେ ମଧ୍ୟ ଅଧିକାରୀଙ୍କ ମଧ୍ୟରେ ଚେତା ପଶୁ ନାହିଁ।

ଭାରତୀୟ ସମ୍ବିଧାନର ଧାରା ୨୨(୧) ଅନୁସାରେ, ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର କାରଣ ଜଣାଇବା ବିନା ହାଜତରେ ରଖାଯାଇପାରିବ ନାହିଁ ଏବଂ ତାଙ୍କ ପସନ୍ଦର ଆଇନଗତ ଅଭ୍ୟାସକାରୀଙ୍କ ସହିତ ପରାମର୍ଶ କରିବା ଓ ତାଙ୍କ ଦ୍ୱାରା ପକ୍ଷ ରଖିବାକୁ ମନା କରାଯିବ ନାହିଁ। ସେହିପରି ପ୍ରତ୍ୟେକ ପୁଲିସ ଅଧିକାରୀ କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରୁଥିଲେ ତାଙ୍କୁ ଗିରଫ କରାଯାଇଥିବା ଅପରାଧ ଓ ଗିରଫଦାରୀର କାରଣ ବିଷୟରେ ତୁରନ୍ତ ଜଣାଇବା ବାଧ୍ୟତାମୂଳକ

**■ ଅଭିଯୁକ୍ତଙ୍କୁ ଦର୍ଶାଉନାହିଁ ଗିରଫଦାରୀର କାରଣ**
**■ ଗଳାବାଟରେ ଅଦାଲତରୁ ଖସି ଯାଉଛନ୍ତି ଅଭିଯୁକ୍ତ**

ବୋଲି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା - ୪୭ ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ଯେଉଁ କ୍ଷେତ୍ରରେ, ତଦନ୍ତକାରୀ ଅଧିକାରୀ ଗିରଫ ସମୟରେ ଗିରଫଦାରୀର କାରଣ ବିଷୟରେ ଲିଖିତ ଭାବରେ ଜଣାଇପାରିବେ ନାହିଁ, ତାହା ମୌଖିକ ଭାବରେ କରାଯିବ। କିନ୍ତୁ ଉକ୍ତ କାରଣଗୁଡ଼ିକ ଏକ ଯୁକ୍ତିଯୁକ୍ତ ସମୟ ବା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବାର ଅତି କମରେ ଦୁଇ ଘଣ୍ଟା ପୂର୍ବରୁ ଲିଖିତ ଭାବରେ ଜଣାଇବାକୁ ହେବ। ଉପରୋକ୍ତ ନିୟମ ପାଳନ ନ କଲେ, ଗିରଫଦାରୀ ଓ ପରବର୍ତ୍ତୀ ରିମାଣ୍ଡକୁ ଅବୈଧ ଘୋଷଣା କରାଯିବା ସହ ବ୍ୟକ୍ତି ଜାମିନ୍ ବା ମୁକ୍ତ ହେବାର ସ୍ୱାଧୀନତା ପାଇବେ।

ନିକଟରେ ଇନଫୋଭ୍ୟାଲି ଥାନା ପୁଲିସ ଗଙ୍ଗପଡ଼ା କାଜୁ ଜଙ୍ଗଲରୁ ଅଜଣା ମୃତଦେହ ଉଦ୍ଧାର କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଓ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ଖୁବ୍ କମ୍ ସମୟ ମଧ୍ୟରେ ମାମଲା ଉପରୁ ପରଦା ହଟାଇଥିଲା। ମୃତକ ତଥା ଛତିଶଗଡ଼ ବିଳାସପୁରର ଗୋବର୍ଦ୍ଧନ ଯାଦବ ସୁନ୍ଦରପଦାରେ କେୟାର ଟେକର ଭାବେ କାମ କରୁଥିଲେ। ଡ୍ରାଇଭର ରାମଚନ୍ଦ୍ର ଲେଙ୍କା ରାତିରେ ବାଲି ବୋଝେଇ ଟ୍ରକ୍ ନେଇ ସେଠାରେ ଅନଲୋଡ୍ କରିବାକୁ ଯାଇଥିଲା। ବ୍ୟାକ୍ କରିବା ସମୟରେ ଗୋବର୍ଦ୍ଧନ ଉପରେ ଟ୍ରକ୍ ଚଢ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ରାମଚନ୍ଦ୍ର ପୁଲିସକୁ ଜଣାଇବା ପରିବର୍ତ୍ତେ ତା'ର ୨ ସହଯୋଗୀ ମିଶି ଗୋବର୍ଦ୍ଧନଙ୍କ ମୃତଦେହକୁ ସୁନ୍ଦରପଦାରୁ ଆଣି ଗଙ୍ଗପଡ଼ାରେ ଫିଙ୍ଗି ଦେଇଥିଲା। ଏସବୁ କଥା ଜାଣିବା ପରେ ପୁଲିସ କଲପେବଲ୍ ହୋମିସାଇଡ୍ ଦଫାରେ ମାମଲା ରୁଜୁ କରି ରାମଚନ୍ଦ୍ରକୁ ଗିରଫ କରିଥିଲା। ହେଲେ ତଦନ୍ତକାରୀ ଅଧିକାରୀ ଗିରଫଦାରୀର କାରଣ ଦର୍ଶାଇ ନଥିବାରୁ କୋର୍ଟ ରାମଚନ୍ଦ୍ରକୁ ଜାମିନ୍ ଦେଇ ଦେଇଥିଲେ।

ଇଏ କେବଳ ଗୋଟିଏ ଘଟଣା ନୁହେଁ, ପୁଲିସ ଏଭଳି ତ୍ରୁଟି ବାରମ୍ବାର କରି ଆସୁଛି। ୨୦୨୫ ମସିହାରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାନ୍ଧାତାପୁରର ଏକ ବ୍ୟାଙ୍କରୁ ୨୭ ଲକ୍ଷ ଟଙ୍କା ଡକାୟତି ଘଟଣାରେ ଅନୁରୂପ ତ୍ରୁଟି ଯୋଗୁଁ ହାଇକୋର୍ଟ ୩ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିଥିଲେ।

ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) - ୪୭ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ଜଣାଇବା ଓ ବିଏନ୍‌ଏସ୍‌ଏସ୍ ଧାରା - ୪୮ ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ତାଙ୍କ ସମ୍ପର୍କୀୟ କିମ୍ବା ସାଙ୍ଗକୁ ଜଣାଇବା ବାଧ୍ୟତାମୂଳକ। ଏସବୁ କଥା ପ୍ରତ୍ୟେକ ପୁଲିସ ଅଧିକାରୀଙ୍କୁ ଜଣାଥିବା ବେଳେ ବିଭିନ୍ନ ସମୟରେ ଏନେଇ ସର୍କୁଲାର ଜାରି କରାଯାଉଛି। ଏତେ ସବୁ ପରେ ମଧ୍ୟ ପୁଲିସର ଖାମଖିଆଲି ମନୋଭାବ ଜଘନ୍ୟ ଅପରାଧର ଅଭିଯୁକ୍ତଙ୍କୁ ଜାମିନ୍ ଦେବାରେ ସହାୟକ ହେଉଛି।

# କୋର୍ଟମ୍ୟାରେଜ୍ ପୂର୍ବରୁ ବର ଓ ବରଯାତ୍ରୀଙ୍କୁ ଟେକିନେଲା ପୁଲିସ

ବାରିପଦା, ୧୬।୬(ସମିସ): କୋର୍ଟ ମ୍ୟାରେଜ୍ ପୂର୍ବରୁ ବର ଓ ବରଯାତ୍ରୀଙ୍କୁ ଟେକିନେଲା ପୁଲିସ। ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳରେ ଆଜି ଏଭଳି ଏକ ଘଟଣା ଘଟିଛି। ପରିବାରଲୋକଙ୍କୁ ନ ଜଣାଇ ଜଣେ ହିନ୍ଦୁ ଯୁବତୀଙ୍କୁ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ବିବାହ କରିବାକୁ ଆସିଥିବା ଘଟଣାକୁ ନେଇ କୋର୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକ ବର ଓ ବରଯାତ୍ରୀଙ୍କୁ ଅଟକ ରଖି ପୁଲିସକୁ ଜିମା ଦେଇଥିଲେ।

ସୂଚନା ମୁତାବକ, ରାଇରଙ୍ଗପୁର ଇଟିଡ଼ା ଅଞ୍ଚଳର ଯୁବକଜଣଙ୍କ ବାରିପଦାର ଏକ ଘରୋଇ ହଷ୍ଟେଲରେ ରହି ପଢ଼ନ୍ତି। ସେ ରାଇରଙ୍ଗପୁର ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ବିବାହ କରିବା ପାଇଁ ବରଯାତ୍ରୀ ସହ ଆଜି କୋର୍ଟ ପରିସରକୁ ଆସିଥିଲେ। ଖବର ପାଇ ସ୍ଥାନୀୟ ଲୋକ ଓ ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ବାରିପଦା ଟାଉନ୍ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବର-କନ୍ୟାଙ୍କ ସହ ଦୁଇଜଣ ବରଯାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ସମସ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବିବାହ ପାଇଁ ଆସିଥିବା ଯୁବତୀଙ୍କ ବୟସ ୨୩ ବର୍ଷ ହୋଇଥିବା ବେଳେ ଯୁବକଙ୍କ ବୟସ ୨୬ବର୍ଷ ବୋଲି ଜଣାପଡ଼ିଛି।



ରଥରେ ରଙ୍ଗ କାର୍ଯ୍ୟ ଆରମ୍ଭ

# କେନ୍ଦ୍ରାପଡ଼ା ଏସ୍‌ପି ଅଫିସ୍ ପାଖରେ ଛତିଶଗଡ଼ ନାବାଳିକାକୁ ଗଣଦୁଷ୍କର୍ମ

କେନ୍ଦ୍ରାପଡ଼ା, ୧୬।୬ (ସମିସ): ଛତିଶଗଡ଼ ନାବାଳିକାଙ୍କୁ କେନ୍ଦ୍ରାପଡ଼ାରେ ଗଣଦୁଷ୍କର୍ମ। କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଘଟିଥିବା ଏଭଳି ଏକ ଘଟଣା ଏବେ ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ନାବାଳିକାକୁ ଭୟଭୀତ କରାଇ ଗଣଦୁଷ୍କର୍ମ କରିଥିଲେ। ତେବେ ନାବାଳିକାଜଣଙ୍କ ଅଭିଯୁକ୍ତଙ୍କ କବଳରୁ ଖସି ଆସିବାକୁ ଚେଷ୍ଟା କରିବା ବେଳେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଛତିଶଗଡ଼ ବିଳାସପୁର ଅଞ୍ଚଳର କିଛି ପରିବାର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଏସପିଙ୍କ କାର୍ଯ୍ୟାଳୟ ନିକଟ ରାସ୍ତାକଡ଼ରେ ତମ୍ବୁ ପକାଇ ରହୁଥିଲେ। ସେମାନେ ଝାଡ଼ୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ସୋମବାର ବିଳମ୍ବିତ ରାତିରେ ତମ୍ବୁରେ ଶୋଇଥିବା ଜଣେ ନାବାଳିକାଙ୍କୁ ଦୁଇଜଣ ଯୁବକ ଉଠାଇନେଇ ନିକଟସ୍ଥ ଜଙ୍ଗଲରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ମାତ୍ର କିଛି ଦୂରରେ ଘଟିଥିବାରୁ ଜିଲ୍ଲା ପୁଲିସର କାର୍ଯ୍ୟଦକ୍ଷତା ଓ ରାତ୍ରିକାଳୀନ ପାଟ୍ରୋଲିଂକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ୨୭ରେ ମହାନଦୀ ଜଳ ବିବାଦର ପରବର୍ତ୍ତୀ ଶୁଣାଣି

# ଓଡ଼ିଶା- ଛତିଶଗଡ଼ ୧୧ ଦିନିଆ ଆଲୋଚନା ଆରମ୍ଭ

ଭୁବନେଶ୍ୱର,୧୬।୬(ସମିସ): ମହାନଦୀ ଜଳ ବିବାଦର ସମାଧାନ ନିମନ୍ତେ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶରେ ମଙ୍ଗଳବାରଠାରୁ ଦିଲ୍ଲୀରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଆରମ୍ଭ ହୋଇଛି ଆଲୋଚନା। ଆସନ୍ତା ୨୬ ତରିଖ ଯାଏଁ ଅର୍ଥାତ୍ ୧୧ ଦିନ ଧରି ଏହି ଆଲୋଚନା ଜାରି ରହିବ। ବୈଠକରେ ମହାନଦୀ ଜଳ ବଣ୍ଟନ ସହ ଜଡିତ ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ଉଭୟ ରାଜ୍ୟର ପ୍ରତିନିଧିମାନେ ଚର୍ଚ୍ଚା କରିବେ ।

ପୂର୍ବ ଶୁଣାଣି ସମୟରେ ଜଳ ବଣ୍ଟନ ସଂକ୍ରାନ୍ତ ବିଭିନ୍ନ ବୈଷୟିକ ଓ ଆଇନଗତ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ଆବଶ୍ୟକ ବୋଲି ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଟ୍ରିବ୍ୟୁନାଲ ଏହି ଆଲୋଚନା ପ୍ରକ୍ରିୟାକୁ ସୁଯୋଗ ଦେଇଛନ୍ତି। ବୈଠକରେ ଉଭୟ ରାଜ୍ୟର ବୈଷୟିକ ଓ ଆଇନଗତ ଟିମ୍ ମୂଳ ପ୍ରସଙ୍ଗଗୁଡ଼ିକ ଉପରେ ସିଧାସଳଖ ଆଲୋଚନା କରିବେ। ଆବଶ୍ୟକ ହେଲେ କେନ୍ଦ୍ରୀୟ ଜଳ କମିଶନ(ସିଡବ୍ଲ୍ୟୁସି)ର ସହାୟତା ମଧ୍ୟ ନିଆଯିବ। ପୂର୍ବ ଶୁଣାଣିରେ ମହାନଦୀରେ କେତେ ଜଳ ସଂଗୃହୀତ

**ଉପଲବ୍ଧ ଜଳରାଶି ବଣ୍ଟନ ନେଇ ହେବ ଆଲୋଚନା**

ହେଉଛି, ସେନେଇ ଉଭୟ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ଯୁଗ୍ମ ସ୍ୱାକ୍ଷରିତ ହୋଇଥିବା ରିପୋର୍ଟ ଦାଖଲ କରାଯାଇଛି। ଅତଏବ ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ଏନେଇ ବିସ୍ତୃତ ଭାବେ ଆଲୋଚନା ହେବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ ହେବାକୁ ଥିବାବେଳେ ୧୧ ଦିନିଆ ଆଲୋଚନା ମହାନଦୀ ଜଳ ବିବାଦର ସମାଧାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ସମସ୍ୟା ସମାଧାନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତିରେ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହେବ। ଦୀର୍ଘ ଦିନ ଧରି ଲାଗି ରହିଥିବା ଏହି ସମସ୍ୟାର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

କାମାକ୍ଷାନଗର,୧୬।୬(ସମିସ): ବିଲକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଚାଷୀଜଣଙ୍କ କାମାକ୍ଷାନଗର ଥାନା ଗୋରଡ଼ିଆ ଗ୍ରାମର ସୁଶାନ୍ତ କୁମାର ସେଠୀ। କାମାକ୍ଷାନଗର ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତ ଆଜି ଅପରାହ୍ନରେ ଗାଁ ନିକଟରେ ଥିବା ବିଲକୁ କାମ ପାଇଁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବିଲରେ ନିସ୍ତେଜ ଅବସ୍ଥାରେ ପଡ଼ିଥିବା ଦେଖି ପରିବାରଲୋକ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ସଫଳ ଚାଷୀ ଭାବେ ସେ ଗାଁରେ ବେଶ ପରିଚିତ ଥିବା ବେଳେ ତାଙ୍କର ଏହି ଅକସ୍ମାତ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଧୂଳିରେ ଲୋଟୁଛି ଓଡ଼ିଆ ଅସ୍ମିତା

# ପ୍ରଥମରୁ ଅଷ୍ଟମ ସ୍କୁଲ ବହିରେ ଶହଶହ ଭୁଲ

ଭୁବନେଶ୍ୱର, ୧୬।୬(ସମିସ): ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ପାଠ୍ୟପୁସ୍ତକ ବଦଳିଛି। ୩୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବହି ଛାପି ଏହାକୁ ଗଣଶିକ୍ଷା ବିଭାଗ ବିଭିନ୍ନ ସ୍କୁଲକୁ ଛାତ୍ରଛାତ୍ରୀଙ୍କ ପାଇଁ ପଠାଇଛି। ମାତ୍ର ଛପା ଯାଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଶହଶହ ତ୍ରୁଟି, କଦର୍ଥ ବନାନ, ଗୁରୁତର ପ୍ରମାଦ ପରେ ଏହି ବିପୁଳ ଅର୍ଥ କାହାଠାରୁ ଭରଣା କରାଯିବ ବୋଲି ପ୍ରଶ୍ନ ଉଠିଛି। ଅଭିଭାବକ ସଂଘ ଏହି ଘଟଣାକୁ ନେଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ସରକାରୀ ଶିକ୍ଷାରୁ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିମୁଖ କରିବାକୁ ଷଡ଼ଯନ୍ତ୍ର କରାଯାଇଥିବା ଅଖିଳ ଭାରତୀୟ ଛାତ୍ରସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରି ଓଡ଼ିଆ ଅସ୍ମିତା ଧୂଳିରେ ଲୋଟୁଛି ବୋଲି ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ବହିରେ ତ୍ରୁଟି ଜଳଜଳ ଦିଶୁଛି । ଏମିତି କୌଣସି ବହିନାହିଁ, ଯେଉଁଥିରେ କି ଆଦୌ ତ୍ରୁଟି ଦେଖାଯାଇ ନାହିଁ । ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦୫ଟି ତ୍ରୁଟି ରହିଛି। କେଉଁଠି ବନାନ ଭୁଲ ଅଛି ତ କେଉଁଠି ପୁଣି ମହାପୁରୁଷଙ୍କ ନାମକୁ କଦର୍ଥ କରାଯାଇଛି। ଗଣିତରେ ସଂଖ୍ୟା ଭୁଲ୍ ସହ ସମଘନକୁ ଚାରିକୋଣିଆ ଲେଖା ରହିଛି। ଭୂଗୋଳ ବହିରେ ଓଡ଼ିଶାର ନିୟମଗିରିକୁ ଝାଡ଼ଖଣ୍ଡରେ ଦର୍ଶାଯାଇଛି। ଏପରିକି ଓଡ଼ିଶାର ବିଧାନସଭା ଛବି ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଚିତ୍ର ସ୍ଥାନିତ ହୋଇଛି। ବହିରେ ମାଳମାଳ ତ୍ରୁଟି ରହିଥିବାବେଳେ ତହିଁରୁ ଛାତ୍ରଛାତ୍ରୀମାନେ କେଉଁ ଶିକ୍ଷା ପାଇବେ ବୋଲି ଅଭିଭାବକ ଓ ଶିକ୍ଷାବିତମାନେ ପ୍ରଶ୍ନ କରିଥିବାବେଳେ ଅଭିଭାବକ ମହାସଂଘ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି । ଅନ୍ୟପକ୍ଷରେ ବହି ଛାପାରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି

**■ ଛାପାରେ ଖର୍ଚ୍ଚ ହୋଇଛି ପ୍ରାୟ ୩୮୦ କୋଟି**
**■ କାହାଠୁ ଭରଣା ହେବ ବିପୁଳ ପରିମାଣର ଅର୍ଥ**
**■ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଅଭିଭାବକ ମହାସଂଘ**
**■ ସରକାରୀ ଶିକ୍ଷାରୁ ବିମୁଖ କରିବାକୁ ଷଡ଼ଯନ୍ତ୍ର**
**■ ସଂଶୋଧନ କରି ପଢ଼ାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ: ମନ୍ତ୍ରୀ**

ଟଙ୍କା ସହ ଏହାର ବନ୍ଧେଇ, ପରିବହନ ଓ ବିତରଣ ବ୍ୟୟ ବାବଦରେ ରାଜକୋଷରୁ ବ୍ୟୟ ହୋଇଥିବା ବିପୁଳ ଅର୍ଥକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦରମା ଓ ପେନସନରୁ ଭରଣା କରିବାକୁ ଅନେକ ଅଭିଭାବକ ଦାବି କରିଛନ୍ତି ।

ଏହି ତ୍ରୁଟି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ସ୍ୱୀକାର କରିଛି। ପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ତ୍ରୁଟିର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ତ୍ରୁଟିକୁ ଦର୍ଶାଇବା ସହ ତାହାର ସଂଶୋଧିତ ରୂପ ଅନୁଯାୟୀ ପାଠ ପଢ଼ାଇବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୁହାଯାଇଛି। ମାତ୍ର ଏହି ତ୍ରୁଟିକୁ ନିର୍ଦ୍ଦେଶାଳୟ ଅତ୍ୟନ୍ତ ହାଲୁକା ଭାବେ ନେଇ ଏସବୁ ବହିକୁ 'ଏକ୍ସପେରିମେଣ୍ଟାଲ୍ ଏଡିସନ୍' ଭାବେ ଅଭିହିତ କରିଛି। ଏସବୁ ତ୍ରୁଟି ସମ୍ପର୍କରେ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଆଗତ ହେବା ପରେ ସଂଶୋଧିତ ତାଲିକା ଅନୁଯାୟୀ ପଢ଼ାଇବାକୁ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଯାହାକୁ ନେଇ ଶିକ୍ଷାବିତ୍ ଓ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ଶିକ୍ଷାବିତଙ୍କ କହିବା କଥା ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଦର୍ଶାଇବା, ବନାନ୍ ତ୍ରୁଟି ଫଳରେ ମୂଳ ଅର୍ଥ ପରିବର୍ତ୍ତନ ହୋଇଯିବା କୌଣସି ଛୋଟିଆ ଭୁଲ୍ ନୁହେଁ। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ସରକାରକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି। ଏହା ଅକ୍ଷମଣୀୟ ଓ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। ଇଂରାଜୀ ଭାଷାକୁ କେବଳ ଓଡ଼ିଆରେ ଗୁଗୁଲ୍ ଟ୍ରାନ୍ସଲେଟର ପକାଇ ଓଡ଼ିଆ କରାଯାଇଥିବା ସ୍ପଷ୍ଟ ଜଣାପଡୁଛି। ଯଦି ଓଡ଼ିଆ ଭାଷା ଟ୍ରାନସଲେସନ୍ ଉପରେ ନିର୍ଭର କରୁଛି, ତାହାଲେ ପୁସ୍ତକ ପ୍ରସ୍ତୁତି ପାଇଁ ବିପୁଳ ପରିମାଣର ଅର୍ଥ କାହିଁକି ଖର୍ଚ୍ଚ କରାଯାଇଛି ବୋଲି ପ୍ରଶ୍ନ ଉଠିଛି।

ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଏହା ଛୋଟିଆ ତ୍ରୁଟି ନୁହେଁ, ବରଂ ବୃହତ୍ ଅବହେଳା। ମୁଦ୍ରଣ ପୂର୍ବରୁ ପ୍ରୁଫ୍ ରିଡିଂ କରାଯାଇ ନାହିଁ। ବାରମ୍ବାର ଭୁଲ୍ ଦୋହରାଉ ଥିବାରୁ ପ୍ରଶାସନିତ ଓ ନେତୃତ୍ୱ ଜନିତ ଦୁର୍ବଳତା ପଦାରେ ପଡ଼ିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦୁର୍ବଳ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଦର୍ଶାଇ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ଏହାର ତୀବ୍ର ନିନ୍ଦା କରାଯାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଦାୟିତ୍ୱହୀନତାର ଉତ୍ତରଦାୟିତ୍ୱ କିଏ ନେବେ? ଏହା କେବଳ ମୁଦ୍ରଣ ଜନିତ ଭୁଲ ନୁହେଁ, ବରଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରତି ଗୁରୁତର ଅବହେଳା। ସଂଶୋଧିତ ପାଠ୍ୟପୁସ୍ତକ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ରିପୋର୍ଟ ସାର୍ବଜନୀନ କରିବା, ଅବହେଳାକାରୀ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସଂଘ ଦାବି କରିଛି। ଏହି ତ୍ରୁଟିକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱୀକାର କରିବା ସହ କହିଛନ୍ତି ଯେ ନୂତନ ପାଠ୍ୟ ପୁସ୍ତକରେ ପ୍ରିଣ୍ଟିଂରେ ତ୍ରୁଟି ରହିଛି। ଏହା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଏହାକୁ ସଂଶୋଧନ କରାଯିବ ଏବଂ ଭୁଲଗୁଡ଼ିକୁ ସଂଶୋଧନ କରି ପିଲାଙ୍କୁ ପଢ଼ାଇବାକୁ ଶିକ୍ଷକମାନଙ୍କୁ କୁହାଯାଇଛି ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ସ୍ୱାମୀ-ଗର୍ଭବତୀ ସ୍ତ୍ରୀ ଗୁରୁତର

କପ୍ତିପଦା, ୧୬।୬(ସମିସ): କପ୍ତିପଦା ଥାନା ଅନ୍ତର୍ଗତ ଜାମବଣି ପଞ୍ଚାୟତ ବାଘିଆଗଡ଼ି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀ ଠେଙ୍ଗା ବାଡ଼ି ଧରି ସିପୁନ ମଲ୍ଲିକଙ୍କୁ ଘରୁ ଘୋଷାଡ଼ି ଆଣି ମାଡ଼ ମାରିଥିଲେ। ତାଙ୍କର ଗର୍ଭବତୀ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ବି ଛାଡ଼ିନଥିଲେ। ଏଥିରେ ଉଭୟ ଆହତ ହୋଇଛନ୍ତି। କପ୍ତିପଦା ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି।

ସୂଚନା ମୁତାବକ, ସିପୁନ ସିକନ୍ଦରାବାଦରେ ଏକ ଘରୋଇ କମ୍ପାନୀରେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି। ଗତ କିଛି ଦିନ ପୂର୍ବରୁ ଗ୍ରାମର ୪ଜଣ ଯୁବକଙ୍କୁ କାମ କରିବାକୁ ସାଙ୍ଗରେ ନେଇଥିଲେ। ସେମାନେ ପ୍ରାୟ ୨ମାସ କାମ କରିବା ପରେ ଛୁଟିରେ ଘରକୁ ଆସିଥିଲେ। ଆସିବା ବେଳେ କମ୍ପାନୀଠାରୁ ବେତନ ପାଇନଥିଲେ। ମାତ୍ର ସିପୁନ ଘରକୁ ଫେରିବା ପରେ ଆମକୁ ନେଇଥିଲୁ ଦରମା ଦେଇନୁ କହି ପରିବାର ସଦସ୍ୟ ଗ୍ରାମବାସୀଙ୍କୁ



ଧରି ତାଙ୍କୁ ଘରୁ ଘୋଷାଡି ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ଗର୍ଭବତୀ ସ୍ତ୍ରୀ ମଧ୍ୟ ବାଦ୍ ପଡ଼ିନଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଆହତ ଦମ୍ପତିଙ୍କୁ ମେଡିକାଲରେ ଭର୍ତ୍ତି କରାଇଛି।

# ସମ୍ବଲପୁର ଶୀତଳଷଷ୍ଠୀ: ସପ୍ତରଷିଙ୍କ ସହ କନ୍ୟା ଅନ୍ୱେଷଣରେ ବାହାରିଲେ ମହାଦେବ

## ଝାଡୁଆପଡ଼ା ଲୋକନାଥ ବାବାଙ୍କ ପତର୍‌ପେଁଡ଼ି



ସମ୍ବଲପୁର,୧୬।୬(ସମିସ): ଝାଡୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ବରପିତା ଅମରନାଥ ସୂପକାରଙ୍କ ସହ ସପ୍ତରଷି ଆଜି ସନ୍ଧ୍ୟାରେ ଏକ ସୁସଜ୍ଜିତ ରଥରେ ବାଜାଗଜା ସହ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ଶୀତଳଷଷ୍ଠୀ ପୂଜକ ମହେନ୍ଦ୍ର ପୂଜାରୀ ଓ ମନ୍ଦିର ପୂଜକ ରାମନାଥ ମହାପାତ୍ରଙ୍କ ସହ ସପ୍ତରଷି ହରିହର ବଡ଼ପଣ୍ଡା, ଗୋପାଳଦାସ ପରିଚ୍ଛା, ସୁଧାଂଶୁ ବାବୁ, ପ୍ରକାଶ ପୂଜାରୀ, ଧୀରେନ୍ଦ୍ର କୁମାର ପଣ୍ଡା, ମନୋଜ କୁମାର ମିଶ୍ର ଓ କୈଳାସ ପଣ୍ଡା ପ୍ରମୁଖ ମନ୍ଦିରରୁ ବାହାରିଥିଲେ। ପାରମ୍ପରିକ ଶଙ୍ଖ, ଘଣ୍ଟ ଦୁଲଦୁଲି ବାଜା ଆଦି ସହ ଆଲୋକସଜ୍ଜା ମଧ୍ୟରେ ସେମାନେ ଯାଇ କଚେରୀ ଛକ ନିକଟସ୍ଥ ମହାନଦୀ କ୍ଲବ୍‌ରେ ପହଞ୍ଚିଥିଲେ। ଶୋଭାଯାତ୍ରା ଝାଡୁଆପଡ଼ା ମନ୍ଦିରରୁ ବାହାରି ଗୌରମଠ ଗଳି, ଗୁରୁପଡ଼ା, କଂସାରୀପଡ଼ା, ବୈଦ୍ୟନାଥ ଛକ, ଶକ୍ତି ଛକ, ମ୍ୟୁନିସିପାଲିଟି ଛକ, କଲେକ୍ଟୋରେଟ୍ ଦେଇ ମହାନଦୀ କ୍ଲବ୍‌କୁ ପହଞ୍ଚିଥିଲା। କନ୍ୟା ପିତାମାତା ଜୟବିଜୟ ବେଦୀ ଓ ପୁନମ ବେଦୀ ତଥା କନ୍ୟାପକ୍ଷ ସେମାନଙ୍କୁ ସ୍ୱାଗତ କରିବାସହ ପାଛୋଟି ନେଇଥିଲେ। ଏହାପରେ ତାଙ୍କ ଗୃହକୁ ଆଗମନର ଅଭିପ୍ରାୟ ବିଷୟରେ ବରପକ୍ଷକୁ ପଚାରିଥିଲେ। ଶ୍ରୀ ଲୋକନାଥ ବାବାଙ୍କ ବିବାହ ପାଇଁ କନ୍ୟା ଅନ୍ୱେଷଣରେ ସେମାନେ ଆସିଥିବା କହିଥିଲେ। ଏହାପରେ ବରପିତା ଶ୍ରୀ ସୂପକାରଙ୍କ ସହିତ ଆସିଥିବା ସପ୍ତରଷି ମନ୍ତ୍ର ଉଚ୍ଚାରଣ ସହିତ ଶ୍ରୀ ଲୋକନାଥ ବାବାଙ୍କ ଗୁଣବର୍ଣ୍ଣନା କରିଥିଲେ। କନ୍ୟାପକ୍ଷ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା ଓ ଜଣେ ଶ୍ମଶାନନିବାସୀ, ଦେହରେ ଭସ୍ମ ବୋଲି ହୋଇଥିବା ମହାଦେବଙ୍କୁ ତାଙ୍କ କନ୍ୟା ବିବାହ ଦେଇପାରିବେ ନାହିଁ ବୋଲି କନ୍ୟାପକ୍ଷ କହିଥିଲେ। ବରପକ୍ଷ ଏହାକୁ ଖଣ୍ଡନ କରି ଶ୍ଳୋକ ଜରିଆରେ ମହାଦେବଙ୍କ ମହିମା ବୁଝାଇଥିଲେ। ଏହାପରେ ଲୋକନାଥ ବାବା ମାତା ପାର୍ବତୀଙ୍କ ବିବାହ ପାଇଁ ନିଷ୍ପତ୍ତି ହୋଇଥିଲା। ରୀତିନୀତି ଅନୁଯାୟୀ ବରପିତା ଶ୍ରୀ ସୂପକାର କନ୍ୟାପିତା ଶ୍ରୀ ବେଦିଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ ତଥା ଫଳମୂଳ ଓ ମିଷ୍ଟାନ୍ନ ଦେଇ ବିବାହ ଚୂଡ଼ାନ୍ତ କରିଥିଲେ। ଝାଡୁଆପଡ଼ା ଶ୍ରୀ ଶ୍ରୀ ଲୋକନାଥ ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ସଞ୍ଜୟ ମିଶ୍ର, ସଞ୍ଜୀବ ପାଢ଼ୀ, ଅଭିଷେକ ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ଶ୍ରୀମନ୍ତ ମିଶ୍ର ପ୍ରମୁଖ ବହୁ ସଦସ୍ୟ ତଥା ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ପତର୍‌ପେଁଡ଼ି



ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ସକାଶେ କନ୍ୟା ଖୋଜା ସମେତ ପତରପେଁଡ଼ି ସମ୍ପନ୍ନ ହୋଇଛି। ଆଜି ସନ୍ଧ୍ୟାରେ ବରପିତା ମଧୁସୂଦନ ନେଗୀ ସପ୍ତରଷିଙ୍କ ସହ ଏକ ସୁସଜ୍ଜିତ ରଥରେ ବାଜାଗଜା ନେଇ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ବରପିତା ଓ ସପ୍ତରଷି ଈଶ୍ୱର ପ୍ରସାଦ ନନ୍ଦ, ଡା. ସୁଧାଂଶୁ ପଣ୍ଡା, ରାମେଶ୍ୱର ପୁରୋହିତ, ବିଶ୍ୱ ରଞ୍ଜନ ପୂଜାରୀ, ଦୁର୍ଗା ପ୍ରସାଦ ଦାଶ, ରାଜକିଶୋର ମିଶ୍ର ଓ ଶାନ୍ତନୁ ପାଣିଗ୍ରାହୀଙ୍କ ସହ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ବିବାହ ପୂଜକ ତାରକେଶ୍ୱର ପଣ୍ଡା ଏବଂ ଯାତ୍ରା କମିଟି ସଦସ୍ୟଙ୍କ ଗହଣରେ ଯାଇ ପଟେଲ ଗାର୍ଡେନଠାରେ ପହଞ୍ଚିଥିଲେ। ଶୋଭାଯାତ୍ରା ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ମନ୍ଦିରରୁ ବାହାରି ପଦ୍ମକେଶରୀ ପାର୍କ, ପାଣିଟାଙ୍କି, ଠେଲକୋପଡ଼ା, ହଟଲି ହୋଇ ପଟେଲ ଗାର୍ଡେନଠାର ପହଞ୍ଚିଥିଲା। ଶୋଭାଯାତ୍ରାରେ ଦୁଲଦୁଲି, ଧମାଲ ବ୍ୟାଣ୍ଡ, ଘଣ୍ଟ ପାର୍ଟି, ଶଙ୍ଖ ଦଳ, ସାଂସ୍କୃତିକ ଦଳ ତଥା ସୁଦୃଶ୍ୟ ଆଲୋକ ସ୍ଥାନ ପାଇଥିଲା। କନ୍ୟାପିତାମାତା ବ୍ରିଜେଶ ସୋନି ଓ ସୁସ୍ମିତା ସୋନିଙ୍କ ସମେତ ପରିବାରବର୍ଗ ସେମାନଙ୍କୁ ସ୍ୱାଗତ କରି ପାଛୋଟି ନେଇ ତାଙ୍କ ଗୃହକୁ ଆଗମନର ଅଭିପ୍ରାୟ ପଚାରିଥିଲେ। ସୋନି ଦମ୍ପତିଙ୍କ ସୁପୁତ୍ରୀ ପାର୍ବତୀ ବିବାହଯୋଗ୍ୟ ଥିବା ଖବରପାଇ ସେମାନେ ଆସିଥିବା କହିବାସହ ଜାଗେଶ୍ୱର ବାବାଙ୍କ ବିବାହ ପ୍ରସ୍ତାବ ଦେଇଥିଲେ। ଜାଗେଶ୍ୱର ବାବାଙ୍କ ସହ ଯାଇଥିବା ବରପିତା ଶ୍ରୀ ନେଗୀ କନ୍ୟାପିତା ଶ୍ରୀ ସୋନିଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ, ମିଷ୍ଟାନ୍ନ ଆଦି ଦେଇ ବିବାହ ଚୂଡ଼ାନ୍ତ କରିଥିଲେ। ମୁଦିପଡ଼ା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସଭାପତି ସୁନୀଲ କୁମାର ଦାଶ, ସମ୍ପାଦକ ଗଙ୍ଗାଧର ଭୋଇ, କୋଷାଧ୍ୟକ୍ଷ ଖଡ଼ିରତ୍ନ ବେହେରା, ଉପସଭାପତି ଗତିକୃଷ୍ଣ ଷଡ଼ଙ୍ଗୀ, ମୁଖ୍ୟ ଆୟୋଜନ ସଚିବ ହିତେଶ ଟାଙ୍କ, ଆୟୋଜନ ସଚିବ ସୁଜିତ କର୍ଣ୍ଣ, ବିଧି ପରାମର୍ଶଦାତା ପ୍ରମୋଦ କୁମାର ଦୋରା, ପରାମର୍ଶଦାତା ନରସିଂହ ଦାସ, ଅଭିରାମ ପଟେଲ, ସୁନୀଲ ସାହାଣୀ, ସୁରେଶ ଦାଶ, ପ୍ରଶାନ୍ତ କୁମାର ଦୀକ୍ଷିତ, ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ସଚିବ ହିମାଂଶୁ ପାଣିଗ୍ରାହୀ, ମିଡିଆ ସଂଯୋଜକ ବ୍ୟୋମକେଶ ପଣ୍ଡା ଓ ସୁଦୀପ୍ତ କୁମାର ପଣ୍ଡାଙ୍କ ସମେତ ବହୁ ଯାତ୍ରା କମିଟି ସଦସ୍ୟ ଓ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବଡ଼ବଜାର ଶୀତଳେଶ୍ୱର ବାବାଙ୍କ ପତର୍‌ପେଁଡ଼ି



ବଡ଼ବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବାଙ୍କ ପତରପେଁଡ଼ି ଆଜି ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ବରପିତା ଜଗଦୀଶ ପ୍ରସାଦ କାଲୋନୋରିଆ ସପ୍ତରଷି ଓ ବାଜାଗଜା ସହିତ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ତାଙ୍କ ସହିତ ସପ୍ତରଷି କାଳିଦାସ ପଣ୍ଡା, ସରିତ ପାଢ଼ୀ, ଯୋଗେଶ୍ୱର ନନ୍ଦ, ଗିରିଜା ଶଙ୍କର ପଣ୍ଡା, ସୌରଭ ମିଶ୍ର, କାହ୍ନୁଚରଣ ଷଡ଼ଙ୍ଗୀ ଓ ସୁକାନ୍ତ ପୁରୋହିତ ତଥା ଅନ୍ୟ ଋଷିଗଣ ସୋହମ କୁମାର ପାଢ଼ୀ, ଅନିମେଷ ଚାନ୍ଦ, ସ୍ୱସ୍ତିକ କୁମାର ପାଢ଼ୀ ଯାଇଥିଲେ। ସେମାନେ କମଲିବଜାର, ବାଲିବନ୍ଧା, ମୁଦିପଡ଼ା ଛକ, ସ୍ୱର୍ଣ୍ଣ ନର୍ସିଂହୋମ ରାସ୍ତା ଦେଇ କନ୍ୟା ପିତାମାତା ପ୍ରଫେସର କୁଞ୍ଜବନ ପଟେଲ ଓ ଗାୟତ୍ରୀ ପଟେଲଙ୍କ ମୁଦିପଡ଼ା ପାର୍କ ନିକଟସ୍ଥ ବାସଭବନରେ ପହଞ୍ଚିଥିଲେ। ସେଠାରେ ସପ୍ତରଷିମାନେ ଶ୍ଳୋକ ମାଧ୍ୟମରେ ମହାଦେବଙ୍କ ଗୁଣ ବର୍ଣ୍ଣନା କରିଥିବାବେଳେ କନ୍ୟାପକ୍ଷ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିଥିଲେ। କନ୍ୟାପକ୍ଷ ଶ୍ମଶାନନିବାସୀ ଓ ଦେହରେ ଭସ୍ମ ବୋଲି ହେଉଥିବା ମହାଦେବଙ୍କୁ ନିଜ ଅଲିଅଳ କନ୍ୟା ଦେବା ପାଇଁ ଅରାଜି ହୋଇଥିଲେ। ଏହାପରେ ବରପକ୍ଷ ମହାଦେବଙ୍କ ମହାନତା ବିଷୟରେ କହିବାପରେ ପୁଣି ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ପାଇଁ ନିଷ୍ପତି ହୋଇଥିଲା। ବରପିତା ଶ୍ରୀ କାଲୋନୋରିଆ କନ୍ୟାପିତା ଶ୍ରୀ ପଟେଲଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ ଓ ଫଳମୂଳ ଆଦି ଦେଇ ବିବାହ ଚୂଡ଼ାନ୍ତ କରିଥିଲେ। ପତରପେଁଡ଼ିରେ ପୂଜକ ପଣ୍ଡିତ ସଞ୍ଜୟ ବଡ଼ମାଳି, ଶେଷଦେବ ବଡ଼ମାଳି ଓ ସଞ୍ଜିବ ବଡ଼ମାଳି ସମସ୍ତ ବିଧି ସମ୍ପନ୍ନ କରିଥିଲେ। ଯାତ୍ରା କମିଟି ସଭାପତି ସରୋଜ ସାହୁ, ସମ୍ପାଦକ ରାମଦାସ ପଣ୍ଡା, କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ, ଉପସଭାପତି କିଶୋର ମେହେର ଓ ମନୋଜ ପାଲସନିଆ, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ ସାହୁ ଓ ତ୍ରିଲୋଚନ ସରାଫ, ଭୋପାଲ ବଘେଲ, ସହସମ୍ପାଦକ କୁନ୍ଦନ ପ୍ରଧାନ, ଶୁଭମ ମେହେର, କୋଷାଧ୍ୟକ୍ଷ ଭାବେଶ ଚାନ୍ଦ, ସାଂସ୍କୃତିକ ସମ୍ପାଦକ କୁନାଲ ପ୍ରଧାନ, ସାଜସଜ୍ଜା ସମ୍ପାଦକ ମଣ୍ଟୁ ସାହୁ, ବୁଦ୍ଧଦେବ ପ୍ରଧାନ, ନରେଶ ମାଝି, ପୂଜକ ସଞ୍ଜୟ ବଡ଼ମାଲି, ବିକାଶ ବଗର୍ତ୍ତୀ, ପ୍ରିୟାଂଶୁ ପ୍ରଧାନ, କାହ୍ନା ଶର୍ମା ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଠାକୁରପଡ଼ା ଗୁପ୍ତେଶ୍ୱର ବାବାଙ୍କ ପତର୍‌ପେଁଡ଼ି

ଠାକୁରପଡ଼ା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ କନ୍ୟା ଅନ୍ୱେଷଣ ପତର୍‌ପେଁଡ଼ି ମଙ୍ଗଳବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ବରପିତା ଚିତ୍ରସେନ ଦେହୁରିଆ ସପ୍ତରଷି ଶ୍ୟାମ ଗୁରୁ, ଗଜେନ୍ଦ୍ର ବାରିକ, ସଦାଶିବ ମହାକୁଡ଼, ଗୋଲକ ବିହାରୀ ମିଶ୍ର, ତ୍ରିଲୋଚନ ବେହେରା, ଭବାନୀ



ବାବୁ ଓ ସୁରେନ୍ଦ୍ର ପୁରୋହିତ ଏବଂ ବାଜାଗଜା ସହିତ ଶୋଭାଯାତ୍ରାରେ କନ୍ୟା ଅନ୍ୱେଷଣରେ ବାହାରିଥିଲେ। ସେମାନେ ଯାଇ କନ୍ୟା ପିତାମାତା ସୁଜିତ କୁମାର ଓ ଅପରାଜିତା ସିଂହଙ୍କ ପାଞ୍ଚଗଛିଆ ସମଲେଇ ବିହାରସ୍ଥିତ ବାସଭବନରେ ପହଞ୍ଚିଥିଲେ। ସେମାନଙ୍କ ସହିତ ମୁଖ୍ୟପୂଜକ ଆଶୁତୋଷ ପୁରୋହିତ ଓ ମନ୍ଦିର ପୂଜକ କିଶୋର ଚନ୍ଦ୍ର ଦେହୁରୀ ରହିଥିଲେ। ସେଠାରେ ସପ୍ତରଷିମାନେ ଶ୍ଳୋକ ମାଧ୍ୟମରେ ମହାଦେବଙ୍କ ଗୁଣ ବର୍ଣ୍ଣନା କରିଥିବାବେଳେ କନ୍ୟାପକ୍ଷ ମାତା ପାର୍ବତୀଙ୍କ ଗୁଣ ବର୍ଣ୍ଣନା କରିଥିଲେ। ଏହାପରେ କନ୍ୟାପକ୍ଷ ଶ୍ମଶାନନିବାସୀ ମହାଦେବଙ୍କୁ ନିଜ କନ୍ୟା ଦେବା ପାଇଁ ଅରାଜି ହୋଇଥିଲେ। ବରପକ୍ଷ ମହାଦେବଙ୍କ ମହାନତା କହିବାପରେ ଦେବ ଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ବିବାହ ନିଷ୍ପତି ହୋଇଥିଲା। ବରପିତା ଶ୍ରୀ ଦେହୁରିଆ କନ୍ୟା ପିତା ଶ୍ରୀ କୁମାରଙ୍କୁ ସର୍ଗିପତ୍ର ବିଡ଼ା, ଫୁଲ, ଫଳମୂଳ, ମିଷ୍ଟାନ୍ନ ଆଦି ଦେଇ ବିବାହ ଚୂଡ଼ାନ୍ତ କରିଥିଲେ। ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଉପସଭାପତି ସନ୍ଦୀପ ନାଏକ, ଚେୟାରମ୍ୟାନ ଲିଙ୍ଗରାଜ ପରିଡ଼ା, କୋଷାଧ୍ୟକ୍ଷ କାଳିଆ ଦୋରା, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମେହେର, ସମ୍ପାଦକ ସନ୍ତୋଷ ବାଗ, ଯାତ୍ରା କମିଟି ସଭ୍ୟ ବଳରାମ ବେହେରା, ଜୟକୁମାର ବେହେରା, ନାରାୟଣ ସାହୁ, ବିଶେଷ ମଣ୍ଡଳ, ବିଶ ଦୋରା, ବିନୋଦ ରାଓ, ତାମୁଡୁ, ବାବଲୁ, ଅଭିଷେକ, ରାଧେ, ମନୋରଞ୍ଜନ ସାହୁ ପ୍ରମୁଖ ବହୁ ସଦସ୍ୟ ତଥା ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ୧୮ ରେ ବିଦ୍ୟାଳୟ ଖୋଲିବାକୁ ନେଇ ଅସନ୍ତୋଷ

ସମ୍ବଲପୁର,୧୬।୬(ସମିସ): ଦେବ ଦେବ ମହାଦେବ ଏବଂ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ତଥା ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ବିଦେଶ ତଥା ବିଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିଥାନ୍ତି। ଏହା ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ଏକ ଗଣପର୍ବ। ଚଳିତବର୍ଷ ଯୋଡ଼ା ଜ୍ୟେଷ୍ଠ କାରଣରୁ ଦେବବିବାହ ଆସନ୍ତା ୧୮ ବିଳମ୍ବିତ ରାତିରେ ହେଉଥିବାବେଳେ ୧୯ ତାରିଖ ରାତି ଏବଂ ୨୦ ତାରିଖ ଦିନତମାମ ଯୁଗଳ ଦର୍ଶନ ଶୋଭାଯାତ୍ରା ଆୟୋଜିତ ହେବ। ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯୋଗଦେବେ। ଏପରିସ୍ଥଳେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ୧୮ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଖୋଲିବ ବୋଲି ଗତକାଲି ଘୋଷଣା କରିଛନ୍ତି। ଏହାକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନନ୍ଦପଡ଼ା, ଝାଡୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସମୀର ରଞ୍ଜନ ବାବୁ କହିଛନ୍ତି, ଶୀତଳଷଷ୍ଠୀ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗର ବିଷୟ। ପୁଣି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ମଧ୍ୟ ଜାରି ରହିଛି। ସରକାର ପରବର୍ତ୍ତୀ ସୋମବାର ୨୨ ତାରିଖଠାରୁ ବିଦ୍ୟାଳୟ ଗୁଡ଼ିକ ଖୋଲିବା ଉଚିତ। ଏନେଇ ସେ ପ୍ରଶାସନ ତଥା ସରକାରଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଫଣୀଭୂଷଣ ମିଶ୍ରଙ୍କ ଅନୁଯାୟୀ, ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ରାଜ୍ୟର ଅନ୍ୟତମ ମୁଖ୍ୟ ପର୍ବ। ଏଥିରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବିଭିନ୍ନ ଅଞ୍ଚଳରୁ ସାମିଲ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ବିଦ୍ୟାଳୟ ଖୋଲିବା ଦିବସକୁ ଘୁଞ୍ଚାଇ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

## ହୀରାକୁଦ ବନ୍ଧ ବିସ୍ଥାପିତଙ୍କ ଦୁଃଖ ଆଜି ବି ଅସମାହିତ

ସମ୍ବଲପୁର,୧୬।୬(ସମିସ): ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କ ଦୁଃଖ ଆଜି ପର୍ଯ୍ୟନ୍ତ ଅସମାହିତ ହୋଇରହିଛି ଏବଂ ଆଜି ମଧ୍ୟ ସେମାନଙ୍କ ପରିବାର ଦ୍ରୁତ ଶିଳ୍ପାୟନ ଫଳରେ ପୁନଃ ବିସ୍ଥାପନର ଆତଙ୍କରେ ରହିଛନ୍ତି। ଆଗାମୀ ଭବିଷ୍ୟତରେ ଏହି କଥା ଘଟିବ ବୋଲି ଭବିଷ୍ୟତ ଦ୍ରଷ୍ଟା ଭାବରେ ସ୍ୱର୍ଗତ ପ୍ରସନ୍ନ କୁମାର ପଣ୍ଡା ଆଶଙ୍କା କରିଥିଲେ। ଫଳରେ ସେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବାକୁ ସଦାସର୍ବଦା ଜନ ଆନ୍ଦୋଳନ କରୁଥିଲେ ବୋଲି ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଡଃ ତପନ କୁମାର ବାରିକ ମତବ୍ୟକ୍ତ କରିଛନ୍ତି। ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ଜନନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ବର୍ଷିୟାନ ଶ୍ରମିକ ନେତା ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଡଃ ତପନ କୁମାର ବାରିକ "ହୀରାକୁଦ ବିସ୍ଥାପିତ, ଲଚ୍ଛିପାଲି ଫାର୍ମ ଆନ୍ଦୋଳନ ଏବଂ ପ୍ରସନ୍ନ ପଣ୍ଡା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ତାଙ୍କ ବକ୍ତବ୍ୟରେ ସେ ସ୍ୱର୍ଗତ ପ୍ରସନ୍ନ କୁମାର ପଣ୍ଡାଙ୍କୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଅଭିହିତ କରିଥିଲେ। ସ୍ୱର୍ଗତ ପଣ୍ଡା ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ତାଙ୍କ ସର୍ବସ୍ୱ ତ୍ୟାଗକରି ସର୍ବହରା ସାଧାରଣ ନାଗରିକଙ୍କ ସହିତ ଜଣେ ସର୍ବହରା ଭାବରେ ଜୀବନଯାପନ କରୁଥିଲେ।

ସାଲିସ ବିହୀନ ନେତା ପ୍ରସନ୍ନ କୁମାର ପଣ୍ଡା ଲଚ୍ଛିପାଲି ଫାର୍ମ ସ୍ଥାପନ ସମୟରେ ଏହାର ଦୃଢ଼ ବିରୋଧ କରିଥିଲେ। କାରଣ ଏହାଦ୍ୱାରା ପୁନଃ ବିସ୍ଥାପନର ଭୟ ରହିଥିଲା। ଯଦ୍ୱାରା ସେ ସେହି ସମୟରେ ଅନେକ ଲୋକଙ୍କ ଦ୍ୱାରା ସମାଲୋଚିତ ମଧ୍ୟ ହୋଇଥିଲେ। ମାତ୍ର ତାଙ୍କ ଆନ୍ଦୋଳନ ଫଳରେ ତାହା ବନ୍ଦ ହୋଇଥିଲା ଏବଂ ତାହାର ସୁଫଳ ଆଜି ସେହି ଅଞ୍ଚଳର ଲୋକମାନେ ଲାଭ କରିଛନ୍ତି। ଜନନେତା ପ୍ରସନ୍ନ କୁମାର ପଣ୍ଡା ବିକାଶ ବିରୋଧୀ ନ ଥିଲେ ସେ ବିକାଶ ନାମରେ ବିନାଶର ଦୃଢ଼ ବିରୋଧୀ ଥିଲେ ବୋଲି ଡଃ ବାରିକ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ସ୍ମୃତି କମିଟିର ଉପସଭାପତି ଡାକ୍ତର ରମାବଲ୍ଲଭ ମିଶ୍ର ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମୁକ୍ତକଣ୍ଠ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଜନନେତା ପ୍ରସନ୍ନ କୁମାର ପଣ୍ଡା ସ୍ମାରକୀ ବକ୍ତୃତା

## ■ ସମ୍ବଲପୁର ଶୀତଳଷଷ୍ଠୀ ପାଇଁ ପୁଲିସ ପ୍ରସ୍ତୁତି

## ମୁତୟନ ହେବେ ୮୦ ପ୍ଲାଟୁନ ଫୋର୍ସ, ୧୮୦ ଅଧିକାରୀ



ସମ୍ବଲପୁର,୧୬।୬(ସମିସ): ବିଶ୍ୱ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ସକାଶେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଯାତ୍ରା ସମୟରେ ଜନଗହଳିକୁ ନିୟନ୍ତ୍ରଣ କରିବା ଏବଂ ଶାନ୍ତିଶୃଙ୍ଖଳା ବଜାୟ ପାଇଁ ସହରରେ ୮୦ ପ୍ଲାଟୁନ ପୁଲିସ ଫୋର୍ସ ଏବଂ ୧୮୫ ଜଣ ଅଧିକାରୀ ମୁତୟନ ହେବେ ବୋଲି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨୮ଟି ଶୋଭାଯାତ୍ରା ସମେତ ଜିଲ୍ଲା ସାରା ମୋଟ ୩୩ଟି ଶୀତଳଷଷ୍ଠୀ ବିବାହ ଆୟୋଜନ କରାଯିବ। ଏହି ମହୋତ୍ସବରେ ସମ୍ବଲପୁର ସହରରେ ୬ଟି ମହାଶୋଭାଯାତ୍ରା ଏବଂ ୧୨ଟି ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଓଡିଶାର ବିଭିନ୍ନ ସ୍ଥାନ ଏବଂ ପଡ଼ୋଶୀ ରାଜ୍ୟରୁ ବହୁସଂଖ୍ୟକ ଭକ୍ତ ଏବଂ ପର୍ଯ୍ୟଟକ ଆସିବେ। ସୁରକ୍ଷା, ଆଇନ ଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ଦାୟିତ୍ୱ ପାଇଁ ମୋଟ ୭ ଜଣ ଅତିରିକ୍ତ ଏସ୍‌ପି, ୨୧ ଜଣ ଡିଏସ୍‌ପି, ୪୬ ଜଣ ଇନ୍ସପେକ୍ଟର, ୧୦୬ ଜଣ ଏସ୍‌ଆଇ/ଏଏସଆଇ ରହିବେ। ଏହାସହ ହାବିଲଦାର, କନେଷ୍ଟବଳ, ମହିଳା କନେଷ୍ଟବଳ, ଟ୍ରାଫିକ୍ କନେଷ୍ଟବଳ ଏବଂ ହୋମଗାର୍ଡଙ୍କୁ ନେଇ ଗଠିତ ୮୦ ପ୍ଲାଟୁନ୍ ଫୋର୍ସ ନିୟୋଜିତ କରାଯାଇଛି। ଜନସାଧାରଣଙ୍କ ସୁରକ୍ଷା ଓ ସତର୍କତା ପାଇଁ ସମ୍ବଲପୁର ପୁଲିସ ପକ୍ଷରୁ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯାତ୍ରା ସମୟରେ ନିଜର ଅଳଙ୍କାର, ମୋବାଇଲ୍ ଫୋନ୍ ଓ ପର୍ସ ଆଦି ମୂଲ୍ୟବାନ ସାମଗ୍ରୀ ପ୍ରତି ସତର୍କ ରହିବାକୁ କୁହାଯାଇଛି। ସନ୍ଦେହଜନକ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ପୁଲିସ ସହାୟତା ନଂ.୧୧୨ କିମ୍ବା ୮୦୧୮୨୫୦୦୦୧ ରେ ଯୋଗାଯୋଗ କରିବାକୁ ଏସ୍‌ପି କହିଛନ୍ତି।

- ଜଗିବ ୫ ଡ୍ରୋନ କ୍ୟାମେରା ଓ ୩୦ ୱାଚ୍ ଟାୱାର
- ନିଃଶୁଳ୍କ ସଟଲ୍ ବସ୍ ସେବା ଓ ପୁଲିସ ସହାୟତା ପାଇଁ ୧୧୨, ୮୦୧୮୨୫୦୦୦୧ ନମ୍ବର ଜାରି

ଏସ୍‌ପି ଶ୍ରୀ ଭାମୁଙ୍କ ସୂଚନା ଅନୁଯାୟୀ, ଚଳିତବର୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ସୁବିଧା ନିମନ୍ତେ ସହରରେ ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ୩୦ଟି ୱାଚ୍ ଟାୱାର ଏବଂ ସମଗ୍ର ସହର ଉପରେ ନଜର ରଖିବାକୁ ୫ଟି ଡ୍ରୋନ କ୍ୟାମେରାର ସହାୟତା ନିଆଯାଉଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଗୁଡ଼ିକୁ ମଧ୍ୟ ସକ୍ରିୟ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ସୁଗମ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ ପ୍ରଥମଥର ପାଇଁ ମାଗଣା 'ସଟଲ୍' ବସ୍‌ସେବା ବ୍ୟବସ୍ଥା କରାଯାଇଛି। ଏହା ନିର୍ଦ୍ଦିଷ୍ଟ ରୁଟ୍ - ଅଇଁଠାପାଲି ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡରୁ ଧନକଉଡ଼ା ଓ ଭୂତାପଡ଼ା ଛକଦେଇ ଜେଲ୍ ଛକ, ରିଭରଇନ୍ ହୋଟେଲ ପାର୍କିଂରୁ ରିଂରୋଡ୍, ମନ୍ଦଲିଆ, ସମଲେଶ୍ୱରୀ, ବାଲିବନ୍ଧା ଛକଦେଇ ନେଲସନ୍ ମାଣ୍ଡେଲା ଛକ ଏବଂ ଧନୁପାଲି ଛକରୁ ଜେଲଛକ ଦେଇ ଭୂତାପଡ଼ା ଛକ ମଧ୍ୟରେ ଚଳାଚଳ କରିବ।

ସେହିପରି ବାହାରୁ ଆସୁଥିବା ଗାଡ଼ି ଗୁଡ଼ିକ ସକାଶେ ସମ୍ବଲପୁରୀ ଡେରା, ଫୋର୍-ସି ଗ୍ରାଉଣ୍ଡ, ସାହୁ କଲୋନୀ, କାଥଲିକ୍ ଚର୍ଚ୍ଚ ଲକ୍ଷ୍ମୀଟକିଜ ପାଖ, ଫିସେରୀ ଗ୍ରାଉଣ୍ଡ, ଜିଲ୍ଲା ସ୍କୁଲ ଗ୍ରାଉଣ୍ଡ, ବୁଢ଼ାରଜା ହାଇସ୍କୁଲ ଗ୍ରାଉଣ୍ଡ, ବାଲାଜୀ ଗ୍ରୀନ୍ ଇଷ୍ଟେଟ୍, ପୁରୁଣା ମାଛ ବଜାର, ବୁଢ଼ାରଜା ଦୈନିକ ବଜାର, ଜିଏମ କଲେଜ ଗ୍ରାଉଣ୍ଡ ଓ ସମଲେଶ୍ୱରୀ ମନ୍ଦିର ପାର୍କିଂସ୍ଥଳ ଭଳି ଅନେକ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ଯାତ୍ରା ସମୟରେ ଜେଲ୍ ଛକ ନିକଟରେ ପାର୍କିଂକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ଶୋଭାଯାତ୍ରା ସମୟରେ ସହର ଭିତରକୁ ଚାରିଚକିଆ ବା ଭାରୀ ଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

# ପାଣି ପାଇଁ ହାଟପଡ଼ାରେ ରାସ୍ତାରୋକ

## ୱାଟ୍‌କୋ ଅଧିକାରୀଙ୍କୁ ଗଳି ଗଳି ବୁଲାଇଲେ ମହିଳା

ସମ୍ବଲପୁର,୧୬।୬(ସମିସ):

ହୀରାକୁଦ ନଦୀବନ୍ଧ ତଳେ ଥାଇ ସୁଦ୍ଧା ସମ୍ବଲପୁରରେ ପାନୀୟ ଜଳ ସମସ୍ୟା ନିୟମିତ ଭାବେ ଦେଖାଦେଉଛି। ବିଭାଗ ପକ୍ଷରୁ ନିୟମିତ ଓ ପର୍ଯ୍ୟାପ୍ତ ଜଳଯୋଗାଣ ହେଉନାହିଁ। ଗତ ୮ ତାରିଖରେ ରେମେଡ଼ ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରୋକ ହୋଇଥିବାବେଳେ ଆଜି ପୁରୁଣା ବସ୍ତି ଅଞ୍ଚଳର ହାଟପଡ଼ା ରିଂରୋଡ୍‌ରେ ଅଞ୍ଚଳବାସୀ ରାସ୍ତାରୋକ କରିଥିଲେ। ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଘରେ ଘରେ କୁଣିଆଙ୍କ ଭିଡ଼ ଆରମ୍ଭ ହୋଇଯାଇଛି। ଏପରିସ୍ଥଳେ ଜଳ ସଂକଟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ୱାଟ୍‌କୋର ବରିଷ୍ଠ ଅଧିକାରୀ ଆସି ନିୟମିତ ଜଳଯୋଗାଣ କରିବାକୁ ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା।

ସମ୍ବଲପୁର ମହାନଗର ନିଗମର କୌଣସି ନା କୌଣସି ଅଞ୍ଚଳରେ ପ୍ରତିଦିନ ସହରବାସୀ ପାନୀୟ ଜଳଯୋଗାଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ୱାଟ୍‌କୋର ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ପାନୀୟ ଜଳଯୋଗାଣ ବ୍ୟାହତ ହେଉଛି। ସରକାର କୋଟି କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ସକାଶେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା କହୁଥିଲେ ହେଁ ଜନସାଧାରଣଙ୍କୁ ନିୟମିତ ଭାବେ ଜଳଯୋଗାଣରେ ୱାଟ୍‌କୋ ବିଫଳ ହୋଇଥିବା ଅଭିଯୋଗ ହେଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲୋକେ ପିଇବା ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି। ରେମେଡ ଅଞ୍ଚଳରେ ଗତ ୬ ଦିନ ଧରି ପାନୀୟ ଜଳଯୋଗାଣ ବନ୍ଦ ରହିଥିବାରୁ ଆଜି ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସକାଳେ ଶତାଧିକ ମହିଳା ଗରା, ବାଲ୍‌ଟି ରଖି ବହୁ ସମୟ ପର୍ଯ୍ୟନ୍ତ ରାସ୍ତାରୋକ କରିଥିଲେ। ରିଂରୋଡ୍‌ରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ ମଧ୍ୟ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ କେଇଦିନ ହେବ ହାଟପଡ଼ା, ଦଲେଇପଡ଼ା, ନନ୍ଦପଡ଼ା, କଦମଗଳି, ଉପରପଡ଼ା, ମେହେରଗଳି ଆଦି ଅଞ୍ଚଳରେ ପାଣି ଆସୁନାହିଁ। ଏନେଇ ୱାଟ୍‌କୋକୁ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି।

ଟାଉନ ଥାନା ପୁଲିସ ଆନ୍ଦୋଳନକାରୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲା। ଏହାପରେ ୱାଟ୍‌କୋ ଜେନେରାଲ ମ୍ୟାନେଜର ବ୍ରହ୍ମେଶ୍ୱର ଦାସ ଓ ଏସ୍‌ଡିଓ ସୁଖମୟ ସରକାର ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନଙ୍କୁ ମହିଳାମାନେ ଗଳି ଗଳି ବୁଲାଇବା ସହ ଜଳସମସ୍ୟାର ପ୍ରକୃତ ଚିତ୍ର ଦେଖାଇଥିଲେ। ୱାଟ୍‌କୋ ଜିଏମ୍ ଶ୍ରୀ ଦାସ ଆଲୋଚନା କରିବା ସହ ଦୁଇବେଳା ଅଧିକ ସମୟ ପାଇଁ ଜଳଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ବର୍ଷ ବର୍ଷ ଧରି ଜଳଯୋଗାଣ ବିଭାଗ ପକ୍ଷରୁ ୨୪ ଘଣ୍ଟା ଜଳଯୋଗାଣ ନେଇ ପ୍ରତିଶ୍ରୁତି ଦେଉଥିଲେ ହେଁ କେବଳ ପୁରୁଣାବସ୍ତି ଛାଡ଼ିଦେଲେ ସମ୍ବଲପୁରର ଅନ୍ୟ ସମସ୍ତ ଅଞ୍ଚଳରେ କେବଳ ସକାଳବେଳା ଜଳଯୋଗାଣ ହୋଇଥାଏ। ପୁରୁଣା ବସ୍ତି ଅଞ୍ଚଳରେ ଦୁଇବେଳା ଜଳଯୋଗାଣ ହୋଇଥାଏ। ତାହା ପୁଣି ପର୍ଯ୍ୟାପ୍ତ ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରତିବର୍ଷ ପାଇପ ବଦଳ ଏବଂ ଘରକୁ ଘର ପାଇପ୍ ଜଳଯୋଗାଣ ପାଇଁ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ଯୋଜନାରେ କୋଟି କୋଟି ଟଙ୍କା ଆସୁଛି। ତଥାପି ସମ୍ବଲପୁରବାସୀଙ୍କୁ ୱାଟ୍‌କୋ ପକ୍ଷରୁ ନିୟମିତ ଜଳଯୋଗାଣ ହୋଇ ପାରୁ ନ ଥିବା ଦୁଃଖର ବିଷୟ।

# ଆର୍‌ଏସ୍‌ପି ପକ୍ଷରୁ ନୃତ୍ୟ ଓ ସଙ୍ଗୀତର ସମ୍ଭାର 'ମେଘ ମହ୍ଲାର'






**ରାଉରକେଲା,୧୬।୬(ସମିସ)**

ରାଉରକେଲା ଇସ୍ପାତ କାରଖାନା ରଜ ମହୋତ୍ସବ ପାଳନ ଅବସରରେ ନୃତ୍ୟ ଓ ସଙ୍ଗୀତର ସମ୍ଭାର ଆକର୍ଷଣୀୟ 'ମେଘ ମହ୍ଲାର' ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ସୋମବାର ସନ୍ଧ୍ୟାରେ ଆୟୋଜିତ'ମେଘ ମହ୍ଲାର' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଯୋଗଦେଇ କହିଲେ ଯେ, ଓଡ଼ିଶାର ଶହ ଶହ ବର୍ଷର ପ୍ରାଚୀନ ସଂସ୍କୃତି ଓ ପରମ୍ପରା ଲୋକପ୍ରିୟ ଗଣ ପର୍ବ ରଜ ପର୍ବ ପାଳନ ଆମକୁ ଧରିତ୍ରୀ ମା' ଏବଂ ନାରୀଶକ୍ତିକୁ ସମ୍ମାନ ଦେବା ଶିଖାଇଥାଏ।

ଏହି ଅବସରରେ ମୌସୁମୀର ଆଗମନକୁ ସ୍ୱାଗତ ଜଣାଇ ଆରଏସପି ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ ସନ୍ଧ୍ୟାକୁ ଅନ୍ୟ ସମସ୍ତ ସମ୍ମାନିତ ଅତିଥିଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ଡିଆଇସି ଶ୍ରୀ ବର୍ମା ଶୁଭାରମ୍ଭ କରିଥିଲେ। ଶ୍ରୀ ବର୍ମା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରସାର ଏବଂ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ।

ଆର୍‌ଏସ୍‌ପିର ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ସଭାନେତ୍ରୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଖଣି ବିକାଶ -ସିଏମଏଲଓ) ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ୍, ସିଏମ୍‌ଏଲଓ) ଏମ୍ ପି ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ଡିଏମଏସର ସମସ୍ତ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ସ୍ମିତା ଗିରି, ପ୍ରତିଜ୍ଞା ପଲାଇ, ବନ୍ଦନା ସିଂ, ରୀତା ରାନୀ ଓ ନବନୀତା ପାଲଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କ ସମେତ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ଧର୍ମପତ୍ନୀ, ବିଭିନ୍ନ ସାମାଜିକ-ସାଂସ୍କୃତିକ ସଂଗଠନର ସଦସ୍ୟ ଏବଂ ଅନେକ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ।

'ସାଗର ରିଦମ'ର କଳାକାରମାନଙ୍କ ଦ୍ୱାରା ରଜ ପର୍ବର ଆଭିମୁଖ୍ୟକୁ ନେଇ ଏକ ଆକର୍ଷଣୀୟ ନୃତ୍ୟ-ନାଟିକା ପରିବେଷଣ କରାଯାଇଥିବା ବେଳେ 'ଶ୍ରୀ ଜଗନ୍ନାଥ କଳା ପରିଷଦ'ର କଳାକାରମାନଙ୍କ ଦ୍ୱାରା ରଜର ଆନନ୍ଦ ଓ ଉତ୍ସବକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଥିଲା। ଓଡ଼ିଶାର କୃଷିଭିତ୍ତିକ ସମାଜରେ ରଜର ଗୁରୁତ୍ୱକୁ ଦର୍ଶାଉଥିବା 'ନେକ୍ସଟ୍ ଜେନ୍'ର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ଲୋକନୃତ୍ୟ ଓ ସମସାମୟିକ ନୃତ୍ୟ ପ୍ରଦର୍ଶନ ଏବଂ 'ସାଗର ରିଦମ' ଦ୍ୱାରା "ବର୍ଷା' ବିଷୟବସ୍ତୁ ଉପରେ ଆଧାରିତ ନୃତ୍ୟର ସମ୍ମିଶ୍ରଣ ଏହି ସନ୍ଧ୍ୟାର ଅନ୍ୟ ପ୍ରମୁଖ ଆକର୍ଷଣ ଥିଲା।

ଯୁବ କଳାକାରମାନଙ୍କ ମନୋମୁଗ୍ଧକର ପ୍ରଦର୍ଶନ ପାଇଁ ୩ହଜାର ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଥିଲେ ଶ୍ରୀ ବର୍ମା।

କାର୍ଯ୍ୟକ୍ରମକୁ ଉପ-ପ୍ରବନ୍ଧକ (ଏସ୍‌ଏମଏସ-୨) ଶଶାଙ୍କ ଶେଖର ପଟ୍ଟନାୟକ ଏବଂ ପ୍ରୋଟୋକଲ୍ ଆଣ୍ଡ ହସ୍ପିଟାଲିଟି ବିଭାଗର ମଧୁସ୍ମିତା ମିଶ୍ର ସଞ୍ଚାଳନ କରିଥିଲେ।

## ନୃଶଂସ ପୁଅ
# ଟାଙ୍ଗିଆରେ ହାଣି ବାପାକୁ ହତ୍ୟା

**ଲହୁଣୀପଡା,୧୬।୬(ସମିସ):** ଲହୁଣୀପଡ଼ା ଥାନା ତାଲବାହାଲି ପଞ୍ଚାୟତ ରଙ୍ଗମାଟିଆ ଗ୍ରାମରେ ପୁଅର ଟାଙ୍ଗିଆ ଚୋଟରେ ବାପାର ମୃତ୍ୟୁ ଘଟିଛି। ମୃତକ ହେଲେ ବର୍ଜୁ ମୁଣ୍ଡା (୪୫)। ହତ୍ୟା କରିବା ପରେ ପୁଅ ହିନ୍ଦୁ ମୁଣ୍ଡା (୨୦) ଫେରାର ହୋଇଯାଇଛି।

ସୂଚନା ମୁତାବକ, ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ବର୍ଜୁ ଓ ପୁଅ ହିନ୍ଦୁଙ୍କ ମଧ୍ୟରେ ବ୍ୟାଙ୍କ ପାସ୍‌ବୁକ୍‌କୁ ନେଇ ବଚସା ହୋଇଥିଲା। ପରେ ଏହା ଉଗ୍ର ରୁପ ନେବାସହ ପୁଅ ହିନ୍ଦୁ ରାଗିଯାଇ ବାପା ବର୍ଜୁଙ୍କ ମୁଣ୍ଡ, ଛାତି ଓ ପିଠିକୁ ଟାଙ୍ଗିଆରେ ଏକାଧିକ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ବର୍ଜୁଙ୍କ ମୃତ୍ୟୁ ଘଟିଥିଲା। ବର୍ଜୁଙ୍କ ସାନଭାଇ ଶୁକ୍ଲା ମୁଣ୍ଡା ଏନେଇ ଲହୁଣିପଡ଼ା ଥାନାକୁ ଆସି ମଙ୍ଗଳବାର ଦିନ ୧୧ଟାବେଳେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଶବ ଜବତ କରି ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟା କରିବା ପରେ ହିନ୍ଦୁ ଫେରାର ହୋଇଯାଇଛି।

# ଡକାୟତି ଯୋଜନା ପଣ୍ଡ; ୫ ଗିରଫ

**ରାଉରକେଲା,୧୬।୬(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଟିମ୍ବର୍ କଲୋନୀ ନିକଟ ଶୌଚାଳୟ ପଛ ଜଙ୍ଗଲରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ୫ ଜଣଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଛି।



## ବିପୁଳ ମାରଣାସ୍ତ୍ର ଜବତ

ସୂଚନାଯୋଗ୍ୟ ଯେ, ଟିମ୍ବର୍ କଲୋନୀ ନିକଟ ଜଙ୍ଗଲରେ ରହିଥିବା ଦୁର୍ଗାପୁର ପାହାଡ଼ ତଳ ଜଙ୍ଗଲ ଭିତରେ କିଛି ଦୁର୍ବୃତ୍ତ ବସି ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ଓ ଦୋକାନରେ ଡକାୟତି ଯୋଜନା କରୁଥିବା ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ପୁଲିସ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ରେଲୱେ କଲୋନୀର କୋଏଲ ବାଗ(୩୧), ଗୋପବନ୍ଧୁପାଲ୍ଲୀ ରହମତନଗରର ଅଞ୍ଚଳର ଶେଖ୍ ଆୟୁବ(୩୨), ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ଅଜୟ ଯାଦବ(୩୦), ଗୁରୁଦ୍ୱାରାରୋଡ ବେଙ୍ଗଲି ବସ୍ତିର ଅଞ୍ଚଳର ରୋହିତ ସିଂହ (୨୩) ଏବଂ ଗୋପବନ୍ଧୁପାଲ୍ଲୀ ଅଞ୍ଚଳର ରାଜା ଯାଗବ (୨୩)। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ୧ଟି ଭୁଜାଲି, ୨ଟି ଲୁହାଛଡ ଓ ମୋବାଇଲ ଫୋନ ଆଦି ଜବତ କରାଯାଇଛି।

ଗିରଫ କୋଏଲ ବାଗ୍ ନାଁରେ ଜିଆରପି ଓ ପ୍ଲାଣ୍ଟସାଇଟ୍ ଥାନାରେ ୫ଟି ବିଭିନ୍ନ ଅପରାଧିକ ମାମଲା ରହିଛି। ସେହିପରି ଶେଖ୍ ଆୟୁବ୍ ନାଁରେ ଜିଆରପି, ପ୍ଲାଣ୍ଟସାଇଟ୍ ଏବଂ ଉଦିତନଗର ଥାନାରେ ୬ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ସେହିପରି ଅଜୟ ଯାଦବ ନାଁରେ କେବଳ ପ୍ଲାଣ୍ଟସାଇଟ୍ ଥାନାରେ ୨୨ଟି ଅପରାଧିକ ମାମଲା, ରୋହିତ ସିଂହ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ୭ଟି ଅପରାଧିକ ମାମଲା ରହିଥିବା ବେଳେ ରାଜା ଯାଦବ ନାଁରେ ପ୍ଲାଣ୍ଟସାଇଟ୍ ଏବଂ ଜିଆରପି ଥାନାରେ ବିଭିନ୍ନ ୮ ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି।

**ତୋଫାନ ହତ୍ୟା ଘଟଣା**

# ଅସାମାଜିକ ଆଡ୍ଡାକୁ ବିରୋଧ କରିବାରୁ ମାରିଦେଲେ

**ରାଉରକେଲା,୧୬।୬(ସମିସ):** ରାଉରକେଲା ଗୋଲଘର ନିକଟସ୍ଥ ନାରାୟଣୀ ବସ୍ତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତୋଫାନ ଗୋ÷ଡ ନାମକ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ନିର୍ମମ ହତ୍ୟା କରାଯାଇଛି। ଏଥିରେ ତାଙ୍କ ସହ ଶୁଭେନ୍ଦୁ ଗୁରୁତର ଆହତ ହୋଇଛନ୍ତି। ଅସାମାଜିକ ଆଡ୍ଡାକୁ ବିରୋଧ କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

ସୂଚନା ମୁତାବକ ଗୋଲଘର ବସ୍ତିରେ ଏକ ଅସାମାଜିକ ଆ‡ାସ୍ଥଳୀକୁ ବିରୋଧ କରି ଆସୁଥିଲେ ବସ୍ତି ବାସିନ୍ଦା। ନାରାୟଣୀ ବସ୍ତିର କିଛି ଯୁବକଙ୍କ ସମେତ ରେଲୱେ କଲୋନୀର ଅସାମାଜିକ ଯୁବକମାନେ ଦୈନନ୍ଦିନ ଗୋଲଘରର ଉକ୍ତ ସ୍ଥାନରେ ଆ‡ା କରିବା ସହ ମଦ୍ୟପାନ ଓ ଗଞ୍ଜେଇ ସେବନ କରୁଥିଲେ। ଏପରିକି ବସ୍ତିର ଝିଅବୋହୂ ଉକ୍ତ ରାସ୍ତା ଦେଇ ଯାତାୟାତ ବେଳେ ସେମାନଙ୍କୁ ଅଶ୍ଳୀଳ କମେଣ୍ଟ ମଧ କରୁଥିଲେ। ଯାହାକୁ ବସ୍ତିର ତୋଫାନ ବିନ୍ଧାଣୀ ଓ ଶୁଭେନ୍ଦୁ ସେଠୀ ବିରୋଧ କରି ସେଠାରେ ଆଡ୍ଡା ନ କରିବାକୁ କହିଥିଲେ। ଏହାକୁ ନେଇ ସମ୍ପୃକ୍ତ ଅସାମାଜୁକ ଯୁବକଙ୍କ ସହ ସେମାନଙ୍କ ବିବାଦ ରହିଥିଲା। ଏ ନେଇ ବସ୍ତି ବାସିନ୍ଦା ଥାନାରେ ମଧ୍ୟ ଅଭିଯୋଗ କରି ଅସାମାଜିକ ବ୍ୟକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଆଜି ତୋଫାନ ଓ ଶୁଭେନ୍ଦୁ ସମ୍ପୃକ୍ତ ବସ୍ତିକୁ ନ ଆସିବାକୁ ଅସାମାଜିକ ବ୍ୟକ୍ତିମାନଙ୍କୁ ପୁନର୍ବାର ମନା କରିବାକୁ କେନ୍ଦ୍ର କରି ଉତ୍ତେଜନା ସୃଷ୍ଟି ହୋଇଥିଲା। ଯାହାର ପରିଣାମ ସ୍ୱରୂପ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଲା। ତେବେ ପୁଲିସ ଯଦି ପୂର୍ବରୁ ସମୟୋଚିତ ପଦକ୍ଷେପ ଗ୍ରହଣ କରିଥାନ୍ତା ତେବେ ହୁଏତ ଆଜି ଏପରି ଅକାଳରେ ତୋଫାନଙ୍କ ଜୀବନ ଯାଇ ନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଉତ୍କଳ ସ୍ନେହୀ ମହିଳା ସମିତିର ରଜ ମହୋତ୍ସବ

**ରାଉରକେଲା,୧୬।୬(ସମିସ):** ସହରର ଅଗ୍ରଣୀ ସାମାଜିକ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସ୍ନେହୀ ମହିଳା ସମିତି ତରଫରୁ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ରଜ ଉତ୍ସବ ପାଳିତ ହୋଇଯାଇଛି। ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱରର ସମାଜସେବୀ ଭାଗ୍ୟବତୀ ସାହୁ ମୁଖ୍ୟ ଅତିଥି ଓ ସହରର କଣ୍ଠଶିଳ୍ପୀ ଆଶାଲତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ସମିତିର ସଭ୍ୟାମାନେ ରଜ ଗୀତ ଗାଇ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ନିଗ୍ଧା ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ଜ୍ୟୋତି ମହାପାତ୍ର, ଅନିତା ସାହୁ , ଭାରତୀ କର, ମଂଜୁବାଳା ମହାପାତ୍ର, ସୁପ୍ରିୟା ମହାନ୍ତି, ରଶ୍ମିତା ସାହୁ, ସାଗରବାଳା ଦାସ, ଗୀତା ସେନାପତି, ନନ୍ଦିତା ପାତ୍ର, ସବିତା ନନ୍ଦ, ପ୍ରୀତି ସାହୁ, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ସମୂହ ସଂଗୀତ, ନୃତ୍ୟ ଏବଂ ବ୍ୟଙ୍ଗାତ୍ମକ ଅଭିନୟ କରି ପରିବେଶକୁ ଉତ୍ସବମୁଖର କରିଥିଲେ।



ନମିତା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ମଞ୍ଜୁବାଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା ସମିତିର ସଦସ୍ୟା ସାବିତ୍ରୀ ଦାସ, ଇନ୍ଦିରା ମହାନ୍ତି, ଗୀତା ମିଶ୍ର, ରାଜଶ୍ରୀ ପଣ୍ଡା ଓ ସଲିଳା ବରାଳ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଡଃ ପି. କେ. ସାହୁ ଭଜନ ପରିବେଷଣ କରିଥିଲେ। ଶାନ୍ତନୁ ପରିଚ୍ଛା, ବିମଳ କୁମାର ବିଶି, ଡା. ଗୋକୁଳାନନ୍ଦ ସାହୁ, ସନ୍ତୋଷ ମିଶ୍ର, ସୁବାସ ମହାପାତ୍ର, ଦିଲ୍ଲିପ ସାହୁ, ସଂଗୀତା ପରିଚ୍ଛା, ସରିତା ବିଶି, ସୁଧାଂଶୁ ପଣ୍ଡା, ଲକ୍ଷ୍ମଣ ନାଥ ଦାସ, ତ୍ରିଲୋଚନ ମିଶ୍ର, ନିର୍ମଳ ଆଚାର୍ଯ୍ୟ, ଶକ୍ତି ପ୍ରସାଦ ସାମନ୍ତରାୟ, ଯଶୋବନ୍ତ ନନ୍ଦ, ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗୋପବନ୍ଧୁ ପାଠାଗାରର ଗିରିଜା ଗୋସ୍ୱାମୀ, ହରିହର ନାୟକ, ଅଜିତ ବାର୍‌ୱା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ପୋଡ଼ ପିଠାରେ ଆପ୍ୟାୟିତ କରାଯାଇଥିଲା।

# 'ନାୟିକା' ପକ୍ଷରୁ ରଜ ଉତ୍ସବ ପାଳିତ

**ରାଉରକେଲା, ୧୬।୬(ସମିସ):** ସହରର ଅନ୍ୟତମ ସାମାଜିକ-ସାଂସ୍କୃତିକ ମହିଳା ଅନୁଷ୍ଠାନ 'ନାୟିକା' ରାଉରକେଲା ପକ୍ଷରୁ ରଜପର୍ବ ଏହାର କାର୍ଯ୍ୟାଳୟସି-୧୭, ସେକ୍ଟର-୭ ଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇସ୍ପାତ ଶିକ୍ଷା ସଦନର ଅଧ୍ୟକ୍ଷା ସୁଚିତ୍ରା ଲେଙ୍କା ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଡିପିଓ ମମତା ଦେଇ ଯୋଗ ଦେଇଥିଲେ। ଏହି ଅବସରରେ ପିଠା ହାଟ ଓ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଡ଼ପିଠା, ଚକୁଳି ପିଠା, ସିଝା ମଣ୍ଡା, ଛଣା ମଣ୍ଡା, ଦହିବରା ଓ ରଜପାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ସୁଷମା ଦାସ, ସୁଜାତା ସାହୁ, ନମିତା ପ୍ରଧାନ ଓ ଅବନ୍ତି ମିର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରକାର ଗୀତରେ ବିଷ୍ଣୁପ୍ରିୟା ଓ ପ୍ରବୀଣା ନାଚିଥିଲେ। ଓଡ଼ିଶୀ ନୃତ୍ୟରେ ସୃଷ୍ଟି ସୁଚରିତା ଓ ଟିକି ଟିକି ଫୁଲରେ ରୋଜାଲିନା ପାତ୍ର ଓ ଅର୍ପିତା ସୂତାର ନୃତ୍ୟ ପରିବେଷଣ କରିଥିଲେ। ଆୟୋଜିତ ଉତ୍ସବରେ ନାୟିକା ରାଉରକେଲାର ଅଧ୍ୟକ୍ଷା କାନକଲତା ଦାସ ସଭାପତିତ୍ୱ କରିଥିବା ବେଳେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡଲି ରାଣୀ ବ୍ରହ୍ମା, କନକଲତା ଦାସ, ନିରୁପମା ମିଶ୍ର, ପୂର୍ଣ୍ଣିମା ପଣ୍ଡା, ମିନତୀ ମହାନ୍ତି, ମମତା ସାମନ୍ତରାୟ, କ୍ଷୀରୋଦ ବାରିକ, ବୈଜୟନ୍ତି, ବେହେରା, ଅରୁନ୍ଧତି ସ୍ୱାଇଁ, କଲ୍ୟାଣୀ ଦାସ, ରୀନା ମହାନ୍ତି, ମାଳତୀ ସୂତାର, ସନ୍ଧ୍ୟା ପଟ୍ଟନାୟକ, ରୀତା ଦାସ, ରୁନୁ ବେକ, ଲିପ୍ସା ପାତ୍ର ଏବଂ ଏସଏଚ୍‌ଜି ମା' ମାନେ ପରିଚାଳନାରେ ସହଯୋଗ କରିଥିଲେ।



# ସେକ୍ଟର-୭ ରେ ଅନ୍ନପୂର୍ଣା ଯୋଜନା କାର୍ଡ ବଣ୍ଟନ



**ରାଉରକେଲା,୧୬।୬(ସମିସ):** ମଙ୍ଗଳବାର ସେକ୍ଟର-୭ ସ୍ଥିତ ବିଶ୍ୱ ଇସ୍ପାତ ସ୍ୱୟଂ ସହାୟକ ଗୋଷ୍ଠୀର ପିଡିଏସ୍ ଦୋକାନରେ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଲାଗୁ ହୋଇଥିବା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣା ଯୋଜନାର' ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ ଯେ, ରାଉରକେଲାର ପ୍ରାୟ ୭୧ହଜାର ୫୭୫ ଜଣ ଖାଉଟୀ କାର୍ଡଧାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଦ୍ୱାରା ମୁଣ୍ଡ ପିଛା ୫ କେଜି ଚାଉଳ ପାଉଥିବାବେଳେ ଅନ୍ତୋଦ୍ୱୟ ଅନ୍ନପୂର୍ଣା ଯୋଜନା କାର୍ଡରେ ପ୍ରତି କାର୍ଡ ପିଛା ୩୫ କେଜି ଚାଉଳ ପାଉଛନ୍ତି। ଏଣିକି ପ୍ରତି ମାସରେ ହିତାଧିକାରୀମାନେ ମୁଣ୍ଡ ପିଛା ୧୦ କେଜି ଚାଉଳ ପାଇବେ। କାର୍ଯ୍ୟକ୍ରମରେ ବିଧାୟକ ଦୁର୍ଗା ଚରଣ ତନ୍ତି, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ରଞ୍ଜିତ କୁମାର ନାୟକ, ସେକ୍ଟର-୭ ଥାନା ଅଧିକାରୀ ରବିନାରାୟନ ପାତ୍ର, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରିଣୀ ଜ୍ୟୋସ୍ନାରାଣୀ କର୍ଣ୍ଣ, ସହକାରୀ ଯୋଗାଣ ଅଧିକାରୀ ମଙ୍ଗଳ ସିଂ, ଯୋଗାଣ ନିରୀକ୍ଷକ ନିହାର ରଞ୍ଜନ ମହାପାତ୍ର, ଅନସୂୟା ନାୟକ, ରାଉରକେଲା ସରକାରୀ ଖୁଚୁରା ଦୋକାନୀ ସଂଘର ସାଧାରଣ ସମ୍ପାଦକ ଦଣ୍ଡହରି ସାମଲ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସ୍ୱୟଂ ସହାୟକ ଗୋଷ୍ଠୀର ସଭା ନେତ୍ରୀ ସୁନିତା ଦାସ, ସମ୍ପାଦିକା- ସୁଷମା ବାରିକ, ବିଜେପି ପ୍ରଭାରୀ ସୁବ୍ରତ ପଟ୍ଟନାୟକ, ଗଦାଧର ସାହୁ, ଗୌତମ ବାଡ, ମନୋଜ ପଟ୍ଟନାୟକ, ଅଜୟ କଂସାରୀ, ରବୀନ୍ଦ୍ର ବାରିକ, ହିମାଂଶୁ ନାୟକ, ପ୍ରଭାତ ସାମଲ, ତରୁଣ ତନ୍ତୀ, ସେକ୍ଟର ଅଞ୍ଚଳର ବହୁ ହିତାଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ବିଧାୟକ ପ୍ରତିନିଧି ସନ୍ତୋଷ ବିରାଟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହିପରି ସେକ୍ଟର-୨୦, ନେହେରୁ ପଲ୍ଲି ଶିବ ପରିବାର ଏସଏଚଜି ଓ ଫର୍ଟିଲାଇଜର ଏଫସିସିର ଗୌରାଙ୍ଗ ଚରଣ ଦାସଙ୍କ ଦୋକାନରେ ବିଧାୟକ ନୂତନ କାର୍ଡ ବଣ୍ଟନ କରିଥିଲେ।

# ପରିଚୟ ପକ୍ଷରୁ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା,୧୬।୬(ସମିସ)**

ପରିଚୟ ରାଉରକେଲା ତରଫରୁ ସ୍ଥାନୀୟ ଭଞ୍ଜ ଭବନ ପ୍ରେକ୍ଷାଳୟଠାରେ ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ୨୧ ତମ ସର୍ବ ଭାରତୀୟ ସ୍ତରୀୟ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତଥା ଦେଶର ବିଭିନ୍ନ ରାଜ୍ୟରୁ ନୃତ୍ୟ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ଦିନ

## ପ୍ରଦ୍ୟୁମ୍ନ ଓ ଓଡ଼ିଶୀ ଗୁରୁ ରଶ୍ମିତାଙ୍କୁ 'ପରିଚୟ ସମ୍ମାନ'



ଓଡ଼ିଶୀ ନୃତ୍ୟ, ଭାରତନାଟ୍ୟମ୍ ନୃତ୍ୟ, କଥକ୍ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିନ ଉପ ଶାସ୍ତ୍ରୀୟ ନୃତ୍ୟ ହୋଇଥିଲା। ତୃତୀୟ ଦିନ ଆଞ୍ଚଳିକ ନୃତ୍ୟ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ହରିୟାଣା, ଉତ୍ତର ପ୍ରଦେଶ, ବିହାର, ଟାଟା, କଲିକତା, ଆନ୍ଧ୍ରପ୍ରଦେଶ, ହିମାଚଳ ପ୍ରଦେଶ, ଗୌହାଟିରୁ ୩୨୬ଟି ନୃତ୍ୟ ପରିବେଷଣ ହୋଇଥିଲା।

ପ୍ରଥମ ଦିନର କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନ ସକାଳେ ସାଗରିକା କଲ୍ୟାଣ ନ୍ୟାସ ଅନୁଷ୍ଠାନର ମହିଳାମାନଙ୍କୁ ନେଇ ଏକ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ରାଜ୍ୟସଭା ସଦସ୍ୟ ଦିଲୀପ ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଦ୍ୟୁମ୍ନ ସାହୁ ଯୋଗ ଦେଇଥିଲେ। ସୃଜନଶୀଳ ପ୍ରତିଭା ଏବଂ ନିଷ୍ଠାପୂର୍ଣ୍ଣ ସାଧନା ପାଇଁ ଚଳିତ ବର୍ଷ ପ୍ରଦ୍ୟୁମ୍ନ କୁମାର ସାହୁଙ୍କୁ 'ପରିଚୟ ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିଭଳି ତୃତୀୟ ଦିନ ବିଭିନ୍ନ ରାଜ୍ୟରୁ ଆସିଥିବା ନୃତ୍ୟ ଶିଳ୍ପୀମାନେ ଆଞ୍ଚଳିକ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରାଉରକେଲା ଇସ୍ପାତ କାରଖାନାର ଅଗ୍ନି, ସୁରକ୍ଷା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହୀରାଲାଲ ମହାପାତ୍ର ଯୋଗ ଦେଇଥିଲେ। ଓଡ଼ିଶୀ ଗୁରୁ ରଶ୍ମିତା ବେହେରାଙ୍କୁ ଓଡ଼ିଶୀ ନୃତ୍ୟର ପ୍ରଚାରପ୍ରସାର, ନିଷ୍ଠାପୂର୍ଣ୍ଣ ସାଧନା କଳା ପ୍ରତି ଆଜୀବନ ସମର୍ପଣକୁ ସୀକୃତି ଜଣାଇ ପରିଚୟ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବରେ ବିଚାରକ ଭାବେ ଶାସ୍ତ୍ରୀୟ ଉପଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଓଡ଼ିଶୀ ନୃତ୍ୟଗୁରୁ ସଞ୍ଜିତ କୁମାର ପ୍ରଧାନ, ଭାରତନାଟ୍ୟମ୍ ନୃତ୍ୟଗୁରୁ ମେହୁଲି ଦାସ, କଥକ୍ ନୃତ୍ୟଗୁରୁ ଜ୍ୟୋତି ନବିୟା ଯୋଗ ଦେଇଥିଲେ। ଏହି ଅବସରରେ ତିନି ଦିନ ଧରି ହୋଇଥିବା ନୃତ୍ୟ ପ୍ରତିଯୋଗିତାର ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହି ତିନିଦିନ ଧରି ହୋଇଥିବା ମହୋତ୍ସବକୁ ସଫଳ ପରିଚାଳନାରେ ପରିଚୟର ପ୍ରସନ୍ନ କୁମାର ଦାସ, ପରିଚୟର ସଭାପତି ଅଶୋକ କୁମାର ସେଠୀ, ଉପସଭାପତି ପଞ୍ଚାନନ ମହାପାତ୍ର, ସମ୍ପାଦକ ପଞ୍ଚାନନ ପାତ୍ର, ସଂଗଠନ ସମ୍ପାଦକ ରାହୁଲ ରଜକ୍, ସଂଯୋଜିକା ଗାଇତ୍ରୀ ବିଷୋୟୀ ସହଯୋଗ କରିଥିଲେ।

THE SAKALA

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
ଅମର୍ତ୍ତ୍ୟ ସେନ୍

## ସକାରାତ୍ମକ ପଦକ୍ଷେପ

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆର ପଦାଙ୍କ ଅନୁସରଣ କରି ୟୁକେ ୧୬ ବର୍ଷରୁ କମ୍ ବୟସର କିଶୋର/କିଶୋରୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷେଧ କରିବାକୁ ଯାଉଛି। ସେଠାକାର ସଂସଦରେ ଆଗାମୀ ଦିନରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହେବ ବୋଲି ପ୍ରଧାନମନ୍ତ୍ରୀ କେିର ଷ୍ଟାରମର ସୂଚନା ଦେଇଛନ୍ତି। ପ୍ରାୟ ୯୦ ପ୍ରତିଶତ ଅଭିଭାବକ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ଆପତ୍ତି ଉଠାଇଛନ୍ତି। ଆଇନ୍ ଲାଗୁ ହେଲେ ଟିକ୍‌ଟକ୍, ସ୍ନାପଚାଟ୍, ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍, ଟ୍ୱିଟର(ଏକ୍ସ) ଆଦି ବ୍ୟବହାର କରିବା ପାଇଁ ବୟସ ନିର୍ଦ୍ଧାରଣ କରାଯିବ। ଆକାଉଣ୍ଟରେ ଲଗ୍ ଇନ୍ କରିବା ବେଳେ ବୟସ ଯାଞ୍ଚ ବାଧ୍ୟତାମୂଳକ ଓ ସ୍ୱୟଂକ୍ରିୟ ହେବ। ତେଣୁ ମିଛରେ '୧୮ ବର୍ଷରୁ ଊର୍ଦ୍ଧ୍ୱ' ବୟସ ବର୍ଗୀଭୂତ ଭାବେ ବ୍ୟବହାରକାରୀ ଆଉ ଘୋଷଣା କରିପାରିବ ନାହିଁ। କିଶୋର/କିଶୋରୀମାନଙ୍କ ମାନସିକତା ଓ ଶାରୀରିକ ଅବସ୍ଥା ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବ ବଢ଼ି ଚାଲିଥିବାରୁ ଏହାର ନିରାକରଣ ପାଇଁ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଗୁରୁତ୍ୱାରୋପ କରି ଆସୁଥିଲେ। କିନ୍ତୁ ଏଥିସହିତ ବିପୁଳ ରାଜସ୍ୱ ହାନିର ଆଶଙ୍କା ଥିବାରୁ କୌଣସି ରାଷ୍ଟ୍ର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଅଷ୍ଟ୍ରେଲିଆ ଏ ଦିଗରେ ବିଶ୍ୱର ପ୍ରଥମ ଦେଶ ଭାବେ ସାହସିକ ପଦକ୍ଷେପ ନେବା ପରେ ବ୍ରିଟେନ୍ ତାହାକୁ ଅନୁସରଣ କରିଛି ଏବଂ ଡେନ୍‌ମାର୍କ ଓ ଗ୍ରୀସ୍ ଭଳି କେତେକ ରାଷ୍ଟ୍ର ଉଦ୍ୟମ ଆରମ୍ଭ କରିଛନ୍ତି।

ଭାରତରେ ଯେ ଏ ସମ୍ପର୍କରେ ପୂର୍ବରୁ ବିଚାର ଆଲୋଚନା ହୋଇ ନାହିଁ କିମ୍ବା ପଦକ୍ଷେପ ନିଆଯାଇନାହିଁ, ତା' ନୁହେଁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇପାରିନାହିଁ। ଭାରତ ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍‌ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। ଗତ ବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଥିଲେ। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି।



ଭାରତରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ଚିଠାପ୍ରସ୍ତାବ ଆଗତ କରିଛନ୍ତି। ଏହି ଚିଠା ଆଇନ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାର ଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ। କର୍ଣ୍ଣାଟକ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବିଶେଷଜ୍ଞ, ଶିକ୍ଷାବିତ୍, ସାମାଜିକ ସଂସ୍ଥା ଆଦି ସହିତ ଆଲୋଚନା ଓ ବିଚାରବିମର୍ଶକ୍ରମେ କମିଟି ଦେଇଥିବା ରିପୋର୍ଟ ଅନୁଯାୟୀ ଯେଉଁ ନୀତିଗତ ଚିଠାପ୍ରସ୍ତାବ ସରକାର ଆଗତ କରିଥିଲେ, ତାହା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ଅନୁଷ୍ଠାନ(ନିମ୍‌ହାନ୍‌ସ) ଦ୍ୱାରା ମିଳିତ ଭାବେ ବିକଶିତ ହୋଇଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ ହିଁ ସେମାନଙ୍କୁ ହତାଶା, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବା ଭଳି ଦୁଃଖଦ ଘଟଣାମାନ ଘଟୁଛି। ଯଦିଓ କିଶୋର/କିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର, ଏହା ଅସମ୍ଭବ ମଧ୍ୟ ନୁହେଁ। ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ଏବଂ ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ।

## ତାତିରୁ ମୁକ୍ତିର ପଥ: ଜଳାଶୟ ପୁନରୁଦ୍ଧାର

ଡ. ଉଷାରାଣୀ ଦାଶ

ଭୁବନେଶ୍ୱର ଏବେ ଦେଶର ଉତ୍ତପ୍ତ ସହରମାନଙ୍କ ମଧ୍ୟରେ ସ୍ଥାନ ପାଇବା ଗୋଟିଏ ସାଧାରଣ ଘଟଣା ହୋଇଯାଇଛି। ୨୦୨୪ ରୁ ୨୦୨୬ ପର୍ଯ୍ୟନ୍ତ ଲଗାତାର ଭାବରେ ତାପମାତ୍ରା ୪୪-୪୫ ଡିଗ୍ରୀ ସେଲସିୟସ୍ ହେବା ସହିତ 'ଅନୁଭୂତ ତାପମାତ୍ରା'(ଫିଲ୍ସ ଲାଇକ୍) ଆହୁରି ଅଧିକ ହୋଇ ଦିନରାତି ସବୁବେଳେ ଅସହ୍ୟ ତାତି ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏହାର ଅନେକ କାରଣ ମଧ୍ୟରୁ ଯୋଜନାବିହୀନ ସହରୀକରଣ, ଲୁପ୍ତପ୍ରାୟ ଅନେକ ପୁରାତନ ଜଳାଶୟ, ବର୍ଦ୍ଧିଷ୍ଣୁ କଂକ୍ରିଟ୍ ଜଙ୍ଗଲ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ଅତିରିକ୍ତ ବୃକ୍ଷଚ୍ଛେଦନ, ଅସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ସର୍ବୋପରି ଆମର ସଙ୍କୁଚିତ ମାନସିକତା ଆଦି ଅନ୍ୟତମ। ଏହି ପରିସ୍ଥିତିରେ ସ୍ୱଚ୍ଛତା ରକ୍ଷା, ଅଧିକ ବୃକ୍ଷରୋପଣ, ସବୁଜ ବଳୟ ସୃଷ୍ଟି, ପରିବେଶ ସୁରକ୍ଷା ନେଇ ଚର୍ଚ୍ଚା ହେଉଥିବା ବେଳେ ଜଳ ପରିଚାଳନା ସହିତ ଜଳୀୟ ଉତ୍ସଗୁଡ଼ିକର ସୁରକ୍ଷା ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ ଭାବରେ ପ୍ରାୟତଃ ଆଲୋଚନାର ପରିସରଭୁକ୍ତ ହେଉନାହିଁ।

ଆଜିର ଆଧୁନିକ ମହାନଗର ଭୁବନେଶ୍ୱର ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ ଭାବେ ପ୍ରତିଷ୍ଠା ହେବା ସମୟରେ ଅସଂଖ୍ୟ ପୋଖରୀ, ପ୍ରାକୃତିକ ଜଳାଶୟ, ଛୋଟ ନଦୀନାଳ ଓ ଖାଲ ଦ୍ୱାରା ପରିବେଷ୍ଟିତ ଥିଲା। ପ୍ରାୟ ପ୍ରତ୍ୟେକ ମୌଜା ଓ ଗାଁରେ ଏକାଧିକ ପୋଖରୀ ରହିଥିଲା। ଏହି ଜଳାଶୟଗୁଡ଼ିକ ପାନୀୟ ଜଳ, ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ସହିତ ବର୍ଷାଜଳ ସଂରକ୍ଷଣ କରି ଭୂଗର୍ଭ ଜଳସ୍ତର ବୃଦ୍ଧିରେ ସହାୟକ ହେଉଥିଲା। ସହରର ତାପମାତ୍ରାକୁ ବା ସ୍ଥାନୀୟ ଜଳବାୟୁକୁ ସନ୍ତୁଳିତ ରଖିବାରେ ବଡ଼ ଭୂମିକା ନେଉଥିଲା। ସନ୍ଧ୍ୟା ନଇଁଲେ ଭୁବନେଶ୍ୱରର ଶୀତଳ ପବନର ସ୍ପର୍ଶ ଅନୁଭୂତ ହେଉଥିଲା। ୧୯୯୦ମସିହା ପରେ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରୁ ସହରୀକରଣର ଦୌଡ଼ରେ ଏହି ଅମୂଲ୍ୟ ସମ୍ପଦ ଅବହେଳିତ ହୋଇ ଧୀରେ ଧୀରେ ହଜିଯାଇଛି। ଅନେକ ପୋଖରୀ ଜବରଦଖଲର ଶିକାର ହୋଇଛି। ଅନେକକୁ ପୋତି ପାର୍କ, ଶିକ୍ଷାନୁଷ୍ଠାନ, ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ କରାଯାଇଛି। କେତେକ ପୋଖରୀ ଅଳିଆଆବର୍ଜନା ଫୋପାଡ଼ିବା ସ୍ଥାନରେ ପରିଣତ ହୋଇଯାଇଛି। ଏହାର ପରିଣାମ ଆଜି ସ୍ପଷ୍ଟ। ସହରର ଭୂଗର୍ଭ ଜଳସ୍ତର ହ୍ରାସ ପାଉଛି, ଜଳଧାରଣ କ୍ଷମତା କମିଥିବାରୁ ବର୍ଷାଜଳ ସଂରକ୍ଷଣ ହୋଇପାରୁନାହିଁ ଏବଂ କଂକ୍ରିଟ୍‌ର ଜଙ୍ଗଲ ଉଷ୍ମତାକୁ ଜାବୁଡ଼ି ଧରିରଖୁଛି।

ଜଳାଶୟ ଯେକୌଣସି ଅଞ୍ଚଳର ପ୍ରାକୃତିକ ଶୀତତାପ ନିୟନ୍ତ୍ରକ ଭଳି କାମ କରେ। ଜଳାଶୟ ପାର୍ଶ୍ୱରେ ଥିବା ଗଛଗୁଡ଼ିକ ପରିବେଶକୁ ଅଧିକ ଶୀତଳ କରିଥାଏ। ତେଣୁ ଯେଉଁ ସହରରେ ଜଳାଶୟ ସଂଖ୍ୟା ଅଧିକ, ସେଠାରେ 'ଅର୍ବାନ ହିଟ୍ ଆଇଲାଣ୍ଡ' ପ୍ରଭାବ ତୁଳନାତ୍ମକ ଭାବେ କମ୍ ରହିଥାଏ। ବିଶ୍ୱର ଅନେକ ସହରରେ ଜଳାଶୟ ପୁନରୁଦ୍ଧାର ଦ୍ୱାରା ସହରର ଉତ୍ତାପକୁ ଉଲ୍ଲେଖନୀୟ ଭାବରେ କମାଯାଇପାରିଛି। ଦକ୍ଷିଣ କୋରିଆର ସିଓଲ ସହରରେ ଚେଓଙ୍ଗଗେଚିଅନ୍ ନଦୀର ପୁନରୁଦ୍ଧାର ପରେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ତାପମାତ୍ରା ପାଖାପାଖି ୩ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ କମିଥିବା ରିପୋର୍ଟ ମିଳିଛି। ଭାରତରେ ମଧ୍ୟ ଏହାର ଅନେକ ସଫଳ ଉଦାହରଣ ରହିଛି। ବେଙ୍ଗାଲୁରୁ ସହର ଏକଦା 'ଲେକ୍ ସିଟି' ଭାବେ ପରିଚିତ ଥିଲା। କିନ୍ତୁ ଅନେକ ହ୍ରଦ ନଷ୍ଟ ହେବା ଫଳରେ ସହରର ଉଷ୍ମତା ବୃଦ୍ଧି ପାଇଥିଲା। ପରେ କୈକୋଣ୍ଡ୍ରାହାଲ୍ଲି, ଜକ୍କୁର ଓ ପୁଟ୍ଟେନହାଲ୍ଲି ପରି ହ୍ରଦଗୁଡ଼ିକର ପୁନରୁଦ୍ଧାର କରାଯାଇଥିଲା। ଜଳାଶୟ ପରିସରରେ ବୃକ୍ଷରୋପଣ, ବର୍ଷାଜଳ ସଂରକ୍ଷଣ ଏବଂ ଜୈବ ବିବିଧତା ବୃଦ୍ଧି ଫଳରେ ଆଖପାଖ ଅଞ୍ଚଳର ତାପମାତ୍ରା ଅନ୍ୟ ଅଞ୍ଚଳ ତୁଳନାରେ କମ୍ ରହୁଥିବା ଦେଖାଯାଇଛି। ସେହିପରି ହାଇଦ୍ରାବାଦରେ ମଧ୍ୟ ଅନେକ ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ଦୁର୍ଗମ ଚେରୁଭୁ ଓ ଅନ୍ୟାନ୍ୟ ଜଳାଶୟର ସଂରକ୍ଷଣ ଦ୍ୱାରା ଆଖପାଖ ଅଞ୍ଚଳରେ ଉଷ୍ମତା କମିବା ସହିତ ବର୍ଷାଜଳ ସଂରକ୍ଷଣ ମଧ୍ୟ ବଢ଼ିଛି। ଏହା ସହରର ଜଳସଙ୍କଟ ନିୟନ୍ତ୍ରଣରେ ସାହାଯ୍ୟ କରିବା ସହିତ ସ୍ଥାନୀୟ ଜଳବାୟୁକୁ ସନ୍ତୁଳିତ କରିଛି। ଚେନ୍ନାଇରେ ଅନେକ ପୁରାତନ ହ୍ରଦ ଓ ଜଳାଶୟ ପୁନରୁଦ୍ଧାର କରାଯାଇଛି। ୨୦୧୫ମସିହାର ବନ୍ୟା ଓ ପରବର୍ତ୍ତୀ ଗ୍ରୀଷ୍ମର ଅଭିଜ୍ଞତା ଆଧାରରେ ତତ୍କାଳୀନ ସରକାର ଏବଂ ନାଗରିକ ସମାଜ ମିଳିତ ଭାବେ ଜଳାଶୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଫଳରେ ଭୂଗର୍ଭ ଜଳସ୍ତର ବୃଦ୍ଧି ପାଇଥିବା ସହ ମାଇକ୍ରୋ-କ୍ଲାଇମେଟ୍‌ରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆସିଛି।

ଭୁବନେଶ୍ୱରରେ ମଧ୍ୟ ବିଳମ୍ବ ନକରି ତୁରନ୍ତ ଏହି ମଡେଲ୍‌କୁ ଅନୁସରଣ କରି ପୋଖରୀ, ଅବରୁଦ୍ଧ କେନାଲ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯିବା ଆବଶ୍ୟକ। ସର୍ବପ୍ରଥମେ ସେଗୁଡ଼ିକର ଡିଜିଟାଲ ମାନଚିତ୍ର ଓ ଜିଆଇଏସ ମ୍ୟାପିଂ କରି ସମସ୍ତ ଜଳୀୟଉତ୍ସର ସରକାରୀ ରେକର୍ଡ ସଂରକ୍ଷଣ କରିବା ଦରକାର। କେଉଁଗୁଡ଼ିକ ଜବରଦଖଲ ହୋଇଛି, କେଉଁଗୁଡ଼ିକ ସଙ୍କୁଚିତ ହୋଇଛି, କେଉଁଗୁଡ଼ିକ ପୁନରୁଦ୍ଧାର ଯୋଗ୍ୟ ଏବଂ କେଉଁଗୁଡ଼ିକ ତୁରନ୍ତ ସଂରକ୍ଷଣ ଆବଶ୍ୟକ ଚିହ୍ନଟ କରାଯିବା ଉଚିତ। ଜଳୀୟ ଉତ୍ସଗୁଡ଼ିକର ଚାରିପାଖରେ ହୋଇଥିବା ଅବୈଧ ନିର୍ମାଣ ବା ଜବରଦଖଲ ହଟାଇବା ଏବଂ ଏହି ଜବରଦଖଲ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ଦ୍ୱିତୀୟତଃ, ପୋଖରୀଗୁଡ଼ିକର ପଙ୍କ ଉତ୍ତୋଳନ କରି ସେଗୁଡ଼ିକର ଗଭୀରତା ବା ଜଳଧାରଣ କ୍ଷମତା ବଢ଼ାଇବା ଆବଶ୍ୟକ। ବର୍ଷାଋତୁରେ ଯେଉଁ ବର୍ଷାଜଳ ନାଳ ଦେଇ ବୋହିଯାଉଛି, ତାହାକୁ ଏହି ପୋଖରୀଗୁଡ଼ିକ ସହ ସଂଯୋଗ କରାଯିବା ଉଚିତ। ତୃତୀୟତଃ, ଜଳାଶୟ ପରିସରରେ ବହୁସଂଖ୍ୟକ ବୃକ୍ଷରୋପଣ କରି ସବୁଜ ବଳୟ ତିଆରି କରିବା ଆବଶ୍ୟକ। ଚତୁର୍ଥତଃ, ଜଳାଶୟଗୁଡ଼ିକୁ ଆବର୍ଜନାମୁକ୍ତ କରିବା ଏବଂ ସେଗୁଡ଼ିକର ସୁରକ୍ଷା ପାଇଁ ସ୍ଥାନୀୟ ନାଗରିକ କମିଟି ଗଠନ କରାଯିବା ଦରକାର। ଏହାବ୍ୟତୀତ ନୂଆ ନିର୍ମାଣ ପୂର୍ବରୁ ଜଳାଶୟ ସୁରକ୍ଷାକୁ ବାଧ୍ୟତାମୂଳକ କରିବା ମଧ୍ୟ ଆବଶ୍ୟକ। ସେହିପରି ରାସ୍ତା କଡ଼ର କେନାଲ ଓ ଡ୍ରେନଗୁଡ଼ିକରେ ସଂଯୋଗ ହୋଇଥିବା ମଇଳା ଜଳର ଧାରାକୁ କଠୋର ଭାବରେ ବନ୍ଦ କରିବା ଅତ୍ୟନ୍ତ ଜରୁରୀ।

କେବଳ ସରକାରୀ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ; ଜନସାଧାରଣଙ୍କ ସହଯୋଗ ବିନା ଉପରୋକ୍ତ କାର୍ଯ୍ୟ ସମ୍ଭବ ନୁହେଁ। ଯେଉଁ ପୋଖରୀ, ଡ୍ରେନ ବା କେନାଲକୁ ଆମେ ଅଳିଆ ଆବର୍ଜନା ପକାଇବା ପାଇଁ ବ୍ୟବହାର କରୁଛୁ, ସେଗୁଡ଼ିକ ହିଁ ଆସନ୍ତାକାଲି ଆମକୁ ଜଳସଙ୍କଟ ଓ ଅସହ୍ୟ ଉତ୍ତାପରୁ ରକ୍ଷା କରିପାରିବ। ତେଣୁ ଜଳାଶୟ ସଂରକ୍ଷଣକୁ କେବଳ ସରକାରୀ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ହେବ। ଭୁବନେଶ୍ୱରର ପ୍ରକୃତ ବିକାଶ କେବଳ ଉଚ୍ଚ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାସ୍ତା, ଫ୍ଲାଇ ଓଭର, ବ୍ୟବସାୟିକ କେନ୍ଦ୍ର, ମେଟ୍ରୋ କିମ୍ବା ସ୍ମାର୍ଟ ସିଟିକୁ ଦେଖି ଆକଳନ କରାଯାଇ ନ ପାରେ, ବରଂ ଏଠାରେ ପ୍ରାକୃତିକ ସମ୍ପଦ କେତେ ସୁରକ୍ଷିତ ରହିପାରିଛି, ସହରର ପରିବେଶ ମଣିଷ ରହିବା ପାଇଁ କେତେ ଉପଯୋଗୀ ହୋଇଛି ତାହା ହିଁ ବିକାଶର ମୁଖ୍ୟ ମାନଦଣ୍ଡ।

ଭୁବନେଶ୍ୱରରେ ଉତ୍ତାପରୁ ରକ୍ଷା ପାଇବା ପାଇଁ ଏୟାର କଣ୍ଡିସନର ସଂଖ୍ୟା ବୃଦ୍ଧି ସ୍ଥାୟୀ ସମାଧାନ ନୁହେଁ। ପ୍ରକୃତ ସମାଧାନ ପ୍ରକୃତି ମଧ୍ୟରେ ଲୁଚି ରହିଛି। ଆମ ପୂର୍ବଜମାନେ ଯେଉଁ ପୋଖରୀ ଓ ଜଳାଶୟ ସୃଷ୍ଟି କରିଥିଲେ, ସେଗୁଡ଼ିକୁ ପୁନର୍ଜୀବିତ କରିବା ହେଉଛି ଭବିଷ୍ୟତ ପାଇଁ ସବୁଠାରୁ ବଡ଼ ନିବେଶ। ବିଶେଷଜ୍ଞଙ୍କ ମତରେ ଭୁବନେଶ୍ୱରର କ୍ଷେତ୍ରଫଳ ପ୍ରାୟ ୧୮୬ବର୍ଗ କିମି. ହୋଇଥିବା ବେଳେ ଏକ ସୁସ୍ଥ ସହର ପାଇଁ ଅନ୍ତତଃ ପ୍ରାୟ ୯ ବର୍ଗ କିମି.ବା ଆଦର୍ଶ ଭାବରେ ପ୍ରାୟ ୧୮ ବର୍ଗ କିମି. ଜଳାଶୟ ଓ ଜଳଭୂମି ରହିବା ଆବଶ୍ୟକ। ଲୋକସଂଖ୍ୟାର ଘନତାକୁ ବିଚାରକୁ ନେଇ ଯଦି ଆଜିଠାରୁ ଜଳାଶୟ ପୁନରୁଦ୍ଧାର, ନୂତନ ଜଳାଶୟ ଖନନ ଏବଂ ବର୍ଷାଜଳ ସଂରକ୍ଷଣକୁ ପ୍ରାଥମିକତା ଦିଆଯାଏ, ତେବେ ଆସନ୍ତା ଦଶକରେ ଭୁବନେଶ୍ୱର ପୁଣିଥରେ ଏକ ଶୀତଳ, ସବୁଜ, ଜଳ ସମୃଦ୍ଧ ଓ ବାସଯୋଗ୍ୟ ସହରରେ ପରିଣତ ହୋଇପାରିବ। ନଚେତ୍ ତାତି, ଜଳସଙ୍କଟ ଓ ପରିବେଶ ଅବକ୍ଷୟର ମୂଲ୍ୟ ଆଗାମୀ ପିଢ଼ିକୁ ଦେବାକୁ ପଡ଼ିବ। କାରଣ ଜଳାଶୟର ପୁନରୁଦ୍ଧାର ହିଁ ସର୍ବାଧିକ ପ୍ରଭାବଶାଳୀ, ଦୀର୍ଘମିଆଦୀ ଓ ଏକମାତ୍ର ସ୍ଥାୟୀ ସମାଧାନ।

ଏମ୍ସ, (ଭୁବନେଶ୍ୱର), ମୋ: ୯୪୩୮୧୩୩୬୧୨

## ପରିବର୍ତ୍ତନ ନା ପ୍ରହସନ?

ନିଶିକାନ୍ତ ବଳ

ଓଡ଼ିଶାର ଜନମାନସରେ ଏବେ ଏକ ପୁରୁଣା ଢଗ ବେଶ୍ ଜୀବନ୍ତ ହୋଇଉଠିଛି - 'ମହରଗରୁ ଆସି କାନ୍ତାରରେ ପଡ଼ିବା'। ଲୋକେ ଭାବିଥିଲେ ନୂଆ ସୂର୍ଯ୍ୟ ଉଇଁବ। କିନ୍ତୁ ଏବେ ଚାରିଆଡ଼େ କେବଳ ପ୍ରତାରଣାର ଧୂଆଁ। ବାସ୍ତବରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ଦିନଠାରୁ ସାଧାରଣ ଜନତା, ବିଶେଷକରି ସ୍ୱପ୍ନ ଦେଖୁଥିବା ଯୁବପିଢ଼ି, ଯେଉଁଭଳି ଭାବେ ସମସ୍ୟାର ଚକ୍ରବ୍ୟୂହରେ ଫସିଛନ୍ତି, ତାହା ଦେଖିଲେ ହସିବେ ନା କାନ୍ଦିବେ, ତାହା ସ୍ଥିର କରିବା କଷ୍ଟକର। ଦୁଇବର୍ଷ ତଳେ ଯେଉଁମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ କ୍ଷମତାର ସିଂହାସନକୁ ଆସିଥିଲେ, ଆଜି ସେମାନଙ୍କର କାର୍ଯ୍ୟକଳାପ ସାଧାରଣ ଲୋକଙ୍କ ପାଇଁ ଏକ କ୍ରୂର ପରିହାସ ପାଲଟିଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ଜଗନ୍ନାଥଙ୍କ ନାମ ନେଇ, ଯାହାଙ୍କ ଭକ୍ତିର ଆବେଗକୁ ପାଥେୟ କରି ଏହି ନୂତନ ବ୍ୟବସ୍ଥା ଗଢ଼ାହେଲା, ଆଜି ସେହି ମହାପ୍ରଭୁଙ୍କ ଦରବାରରେ ହିଁ ସବୁଠୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଦୁଇବର୍ଷର ସମୟ କିଛି କମ୍ ନୁହେଁ। ଏହି ଦୀର୍ଘ ସମୟ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ବା ଭକ୍ତଙ୍କ ସୁବିଧା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପୂର୍ବ ସରକାର ସମୟରେ ଅନ୍ତତଃପକ୍ଷେ ଜନସାଧାରଣ ଶାନ୍ତିଶୃଙ୍ଖଳାର ସହ ଏକ ସୁସଂହତ ବ୍ୟବସ୍ଥା ଭିତରେ ମହାପ୍ରଭୁଙ୍କ ଦର୍ଶନ କରିପାରୁଥିଲେ। କିନ୍ତୁ ଆଜି ସ୍ଥିତି ସମ୍ପୂର୍ଣ୍ଣ ଓଲଟି ଯାଇଛି। ଖରାର ପ୍ରକୋପରେ ଯେତେବେଳେ ସମଗ୍ର ଓଡ଼ିଶା ଆଉଟୁପାଉଟୁ ହେଉଛି, ସେତେବେଳେ ଶ୍ରୀକ୍ଷେତ୍ରକୁ ଯାଉଥିବା ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡ଼ା ହୋଇ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ପୂର୍ବରୁ ଗରମରୁ ତ୍ରାହି ପାଇବା ପାଇଁ ଯେଉଁ ଏସି ଟର୍ମିନାଲର ବ୍ୟବସ୍ଥା କରାଯାଇଥିଲା, ବର୍ତ୍ତମାନର ପ୍ରଶାସନ ତାହାକୁ ହଟାଇ ସେଠାରେ ସାଧାରଣ ଫ୍ୟାନ୍ ଲଗାଇଦେବା ଏକ ହାସ୍ୟାସ୍ପଦ ନିଷ୍ପତ୍ତି ଛଡ଼ା ଆଉ କିଛି ହୋଇନପାରେ। ଭକ୍ତଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ଏଭଳି ଉଦାସୀନତା ବ୍ୟବସ୍ଥାର ଦୂରଦୃଷ୍ଟିହୀନତାକୁ ହିଁ ପ୍ରତିପାଦିତ କରୁଛି।

ପରିବର୍ତ୍ତନର ଏହି ପ୍ରହସନ କେବଳ ଶ୍ରୀମନ୍ଦିର ବେଢ଼ାରେ ସୀମିତ ନାହିଁ, ବରଂ ଏହା ଗରିବଙ୍କ ରୋଜଗାର ଓ ଯାତାୟତର ମେରୁଦଣ୍ଡ ଉପରେ ଶକ୍ତ ଆଘାତ କରିଛି। ପୂର୍ବରୁ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ 'ଲକ୍ଷ୍ମୀ ବସ୍' ସେବା ଏକ ସଞ୍ଜୀବନୀ ସଦୃଶ ଥିଲା। ମାତ୍ର ପାଞ୍ଚ ଟଙ୍କାରେ ଜଣେ ସାଧାରଣ ମଣିଷ ନିଜର ଆବଶ୍ୟକୀୟ କାର୍ଯ୍ୟ ପାଇଁ ସହରକୁ ଆସିପାରୁଥିଲା, ରୋଗୀ ମାତ୍ର କେଇଟା ଟଙ୍କାରେ ଡାକ୍ତରଖାନା ପହଞ୍ଚିପାରୁଥିଲା। କିନ୍ତୁ ନୂଆ ସରକାର ଆସିବା ପରେ ସେହି ଜନକଲ୍ୟାଣକାରୀ ଯୋଜନାକୁ ସମ୍ପୂର୍ଣ୍ଣ ରୂପେ ବ୍ୟବସାୟୀକରଣ କରିଦିଆଗଲା। ଗରିବର ପକେଟକୁ ସୁହାଇବା ଭଳି ବ୍ୟବସ୍ଥାକୁ ଏବେ ଲାଭଖୋର ମନୋଭାବର ରଙ୍ଗ ଦିଆଯାଇଛି, ଯାହାଫଳରେ ଗାଁର ସାଧାରଣ ଲୋକଟିଏ ପୁଣି ଥରେ ପୁରୁଣା ମହଙ୍ଗା ଘରୋଇ ବସ୍ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛି। ଜନତାଙ୍କ ସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସରକାର ଯଦି ପ୍ରତିଟି କଥାରେ ବ୍ୟବସାୟୀକରଣ କରିବେ, ତେବେ ଗରିବ କଲ୍ୟାଣର ନାରା କେବଳ ପୋଷ୍ଟର ଓ ଭାଷଣରେ ହିଁ ଶୋଭା ପାଇବ।

ଶିକ୍ଷା ଓ ଯୁବପିଢ଼ିର ବିକାଶକୁ ନେଇ ବଡ଼ ବଡ଼ ଭାଷଣ ଦେଉଥିବା ଏହି ବ୍ୟବସ୍ଥାରେ ସବୁଠାରୁ ବେଶି ଅବହେଳିତ ହୋଇଛନ୍ତି ଆମର ଛାତ୍ରଛାତ୍ରୀମାନେ। ଛାତ୍ରବୃତ୍ତି ପ୍ରଦାନ କ୍ଷେତ୍ରରେ ଦେଖାଦେଇଥିବା ଶିଥିଳତା ଯୋଗୁଁ ଅନେକ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନାହିଁ। ଅପରପକ୍ଷେ, ଯେଉଁ ଯୁବପିଢ଼ି ଶିକ୍ଷା ସମାପ୍ତ କରି ନିଯୁକ୍ତି ପାଇଁ ଅପେକ୍ଷାରତ, ସେମାନଙ୍କୁ ନୂତନ ସୁଯୋଗ ଦେବା ପରିବର୍ତ୍ତେ ଏକ ଅଦ୍ଭୁତ ନୀତି ଆପଣାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇ ସେମାନଙ୍କର ବୟସ ସୀମାକୁ ପ୍ରାୟ ପଞ୍ଚସ୍ତରୀ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଏହା କେଉଁପ୍ରକାରର ଯୁବ-ବିକାଶ ନୀତି? ଯେଉଁ ବୟସରେ ଜଣେ ବ୍ୟକ୍ତି ଘରେ ରହି ଆରାମ କରିବା କଥା ଏବଂ ନବୀନ ପ୍ରତିଭାମାନେ ପ୍ରଶାସନର ମଙ୍ଗ ଧରିବା କଥା, ସେହି ସମୟରେ ଅବସରପ୍ରାପ୍ତ ବାବୁମାନଙ୍କୁ ଚୌକିରେ ବସାଇ ଯୁବପିଢ଼ିର ପେଟରେ ଲାତ ମରାଯାଉଛି। ଏହାଦ୍ୱାରା ନୂଆ ଚାକିରି ଆଶାରେ ଥିବା ଲକ୍ଷ ଲକ୍ଷ ବେକାର ଯୁବକଯୁବତୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ନିରାଶା ଭାବ ସୃଷ୍ଟି ହେଉଛି।

ସମାଜର ସବୁଠାରୁ ଅସହାୟ ବର୍ଗ ଅର୍ଥାତ୍ ବୃଦ୍ଧବୃଦ୍ଧାମାନେ ମଧ୍ୟ ଏହି ନୂଆ ବ୍ୟବସ୍ଥାର ଶିକାର ହୋଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ଯାହା ଜଣେ ଅସହାୟ ବୃଦ୍ଧ/ବୃଦ୍ଧାଙ୍କ ପାଇଁ ମାସ ଶେଷରେ ଔଷଧ ଟିକିଏ କିମ୍ବା ମୁଠାଏ ଆହାରର ମାଧ୍ୟମ ସାଜିଥାଏ, ତାହା ପ୍ରଦାନ କରିବାରେ ମଧ୍ୟ ଅହେତୁକ ବିଳମ୍ବ ଦେଖାଯାଉଛି। ମାସ ମାସ ଧରି ବୃଦ୍ଧବୃଦ୍ଧାମାନେ ପଞ୍ଚାୟତ ଅଫିସ ଓ ବ୍ୟାଙ୍କ ବାରଣ୍ଡାରେ ପଡ଼ି ରହୁଛନ୍ତି। କିନ୍ତୁ ସେମାନଙ୍କ ଦୁଃଖ ଶୁଣିବାକୁ କେହି ନାହିଁ। ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ଡେଙ୍ଗୁରା ପିଟାଯାଉଥିଲା। କିନ୍ତୁ ବାସ୍ତବରେ ମିଳୁଥିବା ସାମାନ୍ୟ ଟଙ୍କାତକ ବି ଠିକ୍ ସମୟରେ ନମିଳିବା ଏହି ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ଦେଉଛି।

ଗତ ଦୁଇବର୍ଷର ଶାସନକାଳକୁ ଯଦି ଆମେ ସୂକ୍ଷ୍ମ ଭାବେ ନିରୀକ୍ଷଣ କରିବା, ତେବେ ଗୋଟିଏ କଥା ସ୍ପଷ୍ଟ ଜଣାପଡ଼େ ଯେ, କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକୃତ ବା ଗୁଣାତ୍ମକ ପରିବର୍ତ୍ତନ ହୋଇନାହିଁ। ପୂର୍ବ ସରକାରଙ୍କ ଦ୍ୱାରା ନିର୍ମିତ କୋଠାବାଡ଼ି, କାର୍ଯ୍ୟାଳୟ ଏବଂ ଯୋଜନାଗୁଡ଼ିକ ଉପରେ କେବଳ ଏକ ନୂଆ ରଙ୍ଗର ପ୍ରଲେପ ବା ନୂଆ 'କଲର୍' ମରାଯାଇଛି। ନାମ ବଦଳାଇବା ଏବଂ ରଙ୍ଗ ବଦଳାଇବା ହିଁ ବୋଧହୁଏ ଏହି ଦୁଇବର୍ଷର ସବୁଠାରୁ ବଡ଼ ସଫଳତା। ଭିତରର ବ୍ୟବସ୍ଥା ସେମିତି ଜରାଜୀର୍ଣ୍ଣ, ସେମିତି ଦୁର୍ନୀତିଗ୍ରସ୍ତ ଏବଂ ସେମିତି ଜନବିରୋଧୀ ହୋଇରହିଛି। ଓଡ଼ିଶାର ଜନସାଧାରଣ ଯେଉଁ ପରିବର୍ତ୍ତନର ଆଶା ରଖି ନୂଆ ଶାସକଙ୍କୁ ବାଛିଥିଲେ, ଆଜି ସେମାନେ ନିଜକୁ ପ୍ରତାରିତ ମନେ କରୁଛନ୍ତି। ପୂର୍ବ ବ୍ୟବସ୍ଥାରେ ଅନ୍ତତଃପକ୍ଷେ କିଛି ଜନହିତକର କାର୍ଯ୍ୟ ସହଜରେ ଉପଲବ୍ଧ ହେଉଥିଲା। କିନ୍ତୁ ଏବେ ସେସବୁକୁ ଛଡ଼ାଇ ନିଆଯାଇ କେବଳ ପ୍ରଚାରର ଚମକ ଦେଖାଯାଉଛି। ପ୍ରକୃତ କାର୍ଯ୍ୟ ଶୂନ; ମାତ୍ର ବିଜ୍ଞାପନ ଓ ବାହାବା ନେବାରେ ସରକାର ଅଗ୍ରଣୀ।

ଓଡ଼ିଶାର ଭବିଷ୍ୟତକୁ ନେଇ ଖେଳାଯାଉଥିବା ଏହି ଖେଳ ଆଉ କେତେଦିନ ଚାଲିବ, ତାହା ଜନତା ହିଁ ସ୍ଥିର କରିବେ। କିନ୍ତୁ ବର୍ତ୍ତମାନ ପାଇଁ ଏତିକି କୁହାଯାଇପାରେ ଯେ, ପରିବର୍ତ୍ତନର ଏହି ଚମକଦାର ରଙ୍ଗ ପଛରେ ଓଡ଼ିଶାର ସାଧାରଣ ଜନତା ଏବେ 'ମହରଗରୁ ଯାଇ କାନ୍ତାରରେ' ନିଶ୍ଚୟ ଛଟପଟ ହେଉଛନ୍ତି।

(ପୂର୍ବତନ ରାଜ୍ୟ ବିଶ୍ୱବିଦ୍ୟାଳୟ ସହସଂଯୋଜକ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା)
ମୋ: ୬୩୭୧୯୫୯୩୩୬

## ପାଦ ପୀଠେଶ୍ୱରୀ ଦେବୀ ବିମଳା

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମାତା ସତୀ ଦକ୍ଷ ପ୍ରଜାପତିଙ୍କର କନ୍ୟା ଥିଲେ। ସେ ପିତାମାତାଙ୍କ ଇଚ୍ଛା ବିରୁଦ୍ଧରେ ଦେବ ଦେବ ମହାଦେବଙ୍କୁ ପତି ରୂପରେ ବରଣ କରିଥିଲେ। ମହାଦେବ ଶିବ ଜାଣି ଥିଲେ ଯେ ସେ ବ୍ୟାଘ୍ର ଚର୍ମ ପରିଧାନ କରି ଶ୍ମଶାନବାସୀ ହୋଇଥିବାରୁ ତାଙ୍କୁ ନିଜର ଜାମାତା ରୂପେ ଦକ୍ଷ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନ ଥିଲେ। ଦିନେ ସ୍ୱର୍ଗରେ ଦେବସଭା ଚାଲିଥିଲା। ଦକ୍ଷ ଆସି ପହଞ୍ଚିବାରୁ ଦେବତାମାନେ ନିଜନିଜ ଆସନରୁ ଉଠି ସମ୍ମାନ ଜଣାଇଲେ। କିନ୍ତୁ ଶିବ ନିଜ ଆସନରେ ପୂର୍ବ ପରି ବସି ରହିଥିଲେ। ମହାଦେବ ଅନାଦି। ତେଣୁ ବେଦବର ବ୍ରହ୍ମା ତାଙ୍କୁ ପ୍ରଣିପାତ କରୁଥିଲେ। ଦକ୍ଷ ବ୍ରହ୍ମାଙ୍କ ସନ୍ତାନ ହୋଇଥିବାରୁ ଶ୍ୱଶୁର ହୋଇଥିଲେ ମଧ୍ୟ ଶିବ ଆସନରୁ ଉଠି ପ୍ରଣାମ କରିବା ଉଚିତ ହୋଇ ନଥା'ନ୍ତା। ଏଥିରେ କିନ୍ତୁ ଦକ୍ଷ କ୍ରୋଧିତ ହେଲେ ଏବଂ ଶିବଙ୍କୁ ଅପମାନିତ କରିବା ପାଇଁ ଏକ ଯଜ୍ଞର ଆୟୋଜନ କଲେ। ସବୁ ଦେବତାଙ୍କୁ ଯଜ୍ଞରେ ଯୋଗଦେବାକୁ ନିମନ୍ତ୍ରଣ କଲେ ମଧ୍ୟ ମହାଦେବଙ୍କୁ ନିମନ୍ତ୍ରଣ କଲେ ନାହିଁ। କିନ୍ତୁ ଦେବୀ ସତୀ ଯଜ୍ଞାନୁଷ୍ଠାନରେ ଯୋଗ ଦେବା ପାଇଁ ସ୍ୱାମୀଙ୍କ ଅନୁମତି ପ୍ରାର୍ଥନା କଲେ। ବିନା ନିମନ୍ତ୍ରଣରେ ଯଜ୍ଞରେ ଯୋଗ ଦେବା ଉଚିତ ହେବ ନାହିଁ ବୋଲି ଶିବ ବୁଝାଇଲେ। କିନ୍ତୁ ଦେବୀ କହିଲେ ଯେ ବାପା ଘରକୁ ଯିବା ପାଇଁ ଝିଅକୁ ନିମନ୍ତ୍ରଣର ଆବଶ୍ୟକ ନ ଥାଏ। ସ୍ୱାମୀଙ୍କ ବାରଣ ସତ୍ତ୍ୱେ ଦେବୀ ସତୀ ଦକ୍ଷଙ୍କ ଘରକୁ ଚାଲିଗଲେ।

କନ୍ୟାଙ୍କୁ ଯଜ୍ଞ ସ୍ଥାନରେ ଦେଖି ଦକ୍ଷ ଖୁସି ହେବା ବଦଳରେ ନାନା କଥା କହି ଅପମାନିତ କଲେ ଏବଂ ଶିବଙ୍କର ନିନ୍ଦା ଗାନ କଲେ। ଦେବୀ ପତି ନିନ୍ଦା ସହି ନ ପାରି ଯଜ୍ଞାଗ୍ନିରେ ଝାସ ଦେଇ ପ୍ରାଣ ବିସର୍ଜନ କଲେ। ଶିବଗଣଙ୍କଠାରୁ ଖବର ପାଇ ଶିବ କ୍ରୋଧାନ୍ୱିତ ହୋଇ ସେଠାରେ ପହଞ୍ଚିଲେ। ଶିବଗଣ ଯଜ୍ଞ ନଷ୍ଟ କରି ଦେଲେ ଏବଂ ମହାଦେବ ତ୍ରିଶୂଳ ଘାତ କରି ଦକ୍ଷଙ୍କର ଶୀରଚ୍ଛେଦ କଲେ। ତା'ପରେ ସେ ଦେବୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ନିଜ କାନ୍ଧରେ ବହନ କରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ମହାଦେବଙ୍କ ପଦପାତରେ ସାରା ପୃଥିବୀ କମ୍ପିବାକୁ ଲାଗିଲା। ସଂସାର ପ୍ରଳୟମୁଖୀ ହେଲା। ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ବିଷ୍ଣୁ ଦେବୀଙ୍କ ନିର୍ଜୀବ ଶରୀରରୁ ଗୋଟିଏ ଗୋଟିଏ ଅଂଶ କାଟି ଦେବାକୁ ସୁଦର୍ଶନ ଚକ୍ରଙ୍କୁ ଆଦେଶ ଦେଲେ। ଆଜ୍ଞାନୁସାରେ ସୁଦର୍ଶନ ସତୀଙ୍କ ଶରୀରର ବିଭିନ୍ନ କାଟିବାକୁ ଲାଗିଲେ। ମହାଦେବ ନୃତ୍ୟରତ ଥିବାରୁ ଦେବୀଙ୍କ ଶରୀରର ଅଂଶ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇପଡ଼ିଲା ଏବଂ ସେଠାରେ ଶକ୍ତିପୀଠମାନ ସୃଷ୍ଟି ହେଲା। ସତୀଙ୍କ ଶରୀରକୁ କାନ୍ଧରେ ବହନ କରି ନୃତ୍ୟ କରୁଥିବା ବେଳେ ଶିବ ଦେବୀଙ୍କର ପାଦଦୁଇଟିକୁ ନିଜ ହାତରେ ଧରି ଥିଲେ। ତେଣୁ ସୁଦର୍ଶନ ସବୁ ଅଙ୍ଗକୁ କାଟିଥିଲେ ମଧ୍ୟ ପାଦ ଦୁଇଟିକୁ କାଟି ପାରିଲେ ନାହିଁ।

ଶେଷରେ ନୃତ୍ୟରତ ଶିବ ଆସି ନୀଳାଚଳର ମଣିକର୍ଣ୍ଣିକା ତୀର୍ଥରେ ପହଞ୍ଚିଲେ। ବିଷ୍ଣୁ ମଣିକର୍ଣ୍ଣିକା କ୍ଷେତ୍ରକୁ ଯାଇ ଶିବଙ୍କୁ ନିବେଦନ କଲେ, 'ପ୍ରଭୁ ପଞ୍ଚାନନ! ଆପଣ କ୍ରୋଧ ସମ୍ବରଣ କରନ୍ତୁ। ସାରା ସଂସାର ଆପଣଙ୍କ କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଆପଣ ନୃତ୍ୟରତ ଥିବା ବେଳେ ଦେବୀଙ୍କ ଶରୀରର ବିଭିନ୍ନ ଅଂଶ ଭୂପତିତ ହୋଇଛନ୍ତି। ସେସବୁ ସ୍ଥାନ ଦେବୀଙ୍କ ଶରୀର ଦ୍ୱାରା ପବିତ୍ର ହୋଇଥିବାରୁ ସେମାନେ ଶକ୍ତିପୀଠର ମାନ୍ୟତା ଲାଭ କରିବେ। ବର୍ତ୍ତମାନ କେବଳ ଦେବୀଙ୍କର ପାଦ ଦୁଇଟି ଆପଣଙ୍କ ହାତରେ ଅଛନ୍ତି। ଏହି ପବିତ୍ର ତୀର୍ଥରେ ଆପଣ ସେ ଦୁଇଟି ତ୍ୟାଗ କରନ୍ତୁ। ଏହି ପୀଠରେ ଦେବୀପାଦ ପୀଠେଶ୍ୱରୀ ଦେବୀ ବିମଳା ରୂପେ ଆରାଧିତା ହେବେ। ଏହା 'ପାଦପୀଠ' ନାମ ବହନ କରି ଏକ ଶକ୍ତିପୀଠର ମାନ୍ୟତା ଲାଭ କରିବ। ମୁଁ ନିଜେ ଏଠାରେ ତାଙ୍କର ଭୈରବ ରୂପେ ଜଗନ୍ନାଥ ନାମ ଗ୍ରହଣ କରି ବିରାଜମାନ କରିବି। ମୋର ପ୍ରସାଦ ତାଙ୍କୁ ସମର୍ପିତ ହେବା ପରେ ମହାପ୍ରସାଦ ରୂପେ ଗଣ୍ୟ ହେବ।' ମହାପ୍ରଭୁଙ୍କ ନିବେଦନ ଶୁଣି ଶିବ ପ୍ରକୃତିସ୍ଥ ହେଲେ ଏବଂ ଦେବୀଙ୍କର ପାଦ ଦୁଇଟିକୁ ତ୍ୟାଗ କରି ତପସ୍ୟା କରିବା ପାଇଁ ହିମାଳୟକୁ ଚାଲିଗଲେ। ତା'ପରେ ଦେବୀ ନୀଳାଚଳରେ 'ପାଦ ପୀଠେଶ୍ୱରୀ' ଦେବୀ ବିମଳା ରୂପେ ପୂଜା ପାଇଲେ ଏବଂ ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀରୂପେ ଗୃହୀତା ହେଲେ। ମହାପ୍ରଭୁ ଜଗନ୍ନାଥ ତାଙ୍କର ଭୈରବରୂପେ ଗୃହୀତ ହେଲେ ଏବଂ ତାଙ୍କ ସହ ରୁନ୍ଧା ହୋଇ ଷୋଳଦିନ ବ୍ୟାପୀ ଶାକ୍ତଗୁଣ୍ଡିଚା ଯାତ୍ରାର ପରମ୍ପରା ଆରମ୍ଭ କଲେ। ତେଣୁ ଦେବୀ ବିମଳାଙ୍କୁ ପ୍ରାର୍ଥନା କରାଯାଏ- 'ପାଦ ପୀଠେଶ୍ୱରୀ ଦେବୀ ବିମଳେ ବିମଳପ୍ରଦେ, ସର୍ବଦୁଷ୍ଟ ବିନାଶିନୈ ସର୍ବମଙ୍ଗଳ ପ୍ରଦାୟୈ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ବାବାଜୀ ମହାପାତ୍ରଙ୍କ ପରଲୋକ

କଟକ, ୧୬।୬ (ସମିସ): ଓଡ଼ିଶା ସରକାରଙ୍କର ଅବସରପ୍ରାପ୍ତ ବରିଷ୍ଠ ଅର୍ଥନୈତିକ ପ୍ରଶାସନ ଅଧିକାରୀ ବାବାଜୀ ମହାପାତ୍ରଙ୍କର ୮୯ ବର୍ଷ ବୟସରେ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲଠାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ର ଓଡ଼ିଶା ଅର୍ଥ ସେବା (ଓଏଫ୍ଏସ୍)ର ଜଣେ ଦକ୍ଷ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ରାଜ୍ୟ ବାଣିଜ୍ୟିକ କର କମିଶନର ଏବଂ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ସେ କୁମାରଙ୍ଗ ଶାସନର କବିରାଜ ରଘୁନାଥ ମହାପାତ୍ର ଓ ହାରାମଣି ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ୧୯୪୧ରେ ଜନ୍ମିତ ସ୍ୱର୍ଗତ ମହାପାତ୍ର ଗୋଦାବରୀଶ ବିଦ୍ୟାପୀଠରୁ ପ୍ରାଥମିକ, ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଇଣ୍ଟରମିଡିଏଟ୍ ଏବଂ ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଲାଭ କରିଥିଲେ। ପ୍ରଶାସନିକ ସେବା ସହ ସେ 'କୁମାର ପାଠାଗାର'ର ପ୍ରତିଷ୍ଠାତା ଥିଲେ ଏବଂ ଜୀବନବ୍ୟାପୀ ଅନେକ ସାହିତ୍ୟ, ଶିକ୍ଷା ଓ ସାଂସ୍କୃତିକ ସଂଗଠନ ସହ ଜଡ଼ିତ ରହି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ତଥା ପ୍ରଶାସନିକ ସ୍ତରରେ ଗଭୀର ଶୋକ ପ୍ରକାଶ ପାଇଛି।



### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ମଞ୍ଚ

# ସୁରକ୍ଷା ଓ ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତକୁ ସୁଚାରୁ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଏସିଏସ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ଆସନ୍ତା ଜୁନ୍ ୧୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଜୁନ୍ ୨୦ ତାରିଖରେ ନିଜ ଜନ୍ମଦିନରେ ରାଷ୍ଟ୍ରପତି ରାଇରଙ୍ଗପୁରରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ଆଶା ବ୍ୟକ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ୍ ଗ୍ୟାସଫିକେସନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ ।

### ବଦଳି ପାଇଁ ଉପବାଚସ୍ପତିଙ୍କ ଜାଲ ଦସ୍ତଖତ

## ଦୁଇ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଏତଲା

ଭୁବନେଶ୍ୱର, ୧୬।୬ (ସମିସ): ବଦଳି ପାଇଁ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତ ଜାଲିଆତି କରିବା ଓ ସରକାରୀ ଲେଟର ହେଡ଼ର ଦୁରୁପୋଯୋଗ କରି ଦାଲ ଦସ୍ତାବିଜ ପ୍ରସ୍ତୁତ କରିବା ଅଭିଯୋଗରେ ଦୁଇ ଜଣ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯାଇଛି। ଉପବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶାହା କ୍ୟାପିଟାଲ ଥାନାର ଆଇଆଇସିଙ୍କୁ ଲେଖିଥିବା ଚିଠିରେ ବାଂଶପାଳ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ମୋନାଲିସା ବେହେରା ଏବଂ ହରିଚନ୍ଦନପୁର ବ୍ଲକ୍‌ର ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଉଭୟ ଅଧିକାରୀ ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ଓ ତାଙ୍କ କାର୍ଯ୍ୟାଳୟର ଅଧିକୃତ ଡିଓ ପ୍ୟାଡ୍ ବ୍ୟବହାର କରି ଜାଲ୍ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ପରେ ସେହି ଦସ୍ତାବିଜକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିକଟରେ ଦାଖଲ କରି ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ସଦର ବ୍ଲକ୍‌କୁ ବଦଳି ପାଇଁ ଉଦ୍ୟମ କରିଥିଲେ। ଉକ୍ତ ଚିଠିଗୁଡ଼ିକ କେବେ ବି ଉପବାଚସ୍ପତିଙ୍କ କାର୍ଯ୍ୟାଳୟରୁ ଜାରି ହୋଇନାହିଁ। ତେଣୁ ଏହା ସରକାରୀ ଦସ୍ତାବିଜ ଜାଲିଆତି, ପରିଚୟ ଜାଲିଆତି, ଅପରାଧିକ ଷଡଯନ୍ତ୍ର ଓ ସୂଚନା ପ୍ରଯୁକ୍ତି ଆଇନ ଉଲ୍ଲଂଘନ ଭଳି ଗୁରୁତର ଅପରାଧର ଶ୍ରେଣୀରେ ଆସୁଥିବା ଅଭିଯୋଗ କରାଯାଇଛି।

## କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



ପାତ୍ରପୁର, ୧୬।୬(ସମିସ): ପାତ୍ରପୁର ବ୍ଲକରେ ଅସହ୍ୟ ହେଲାଣି ଦାଦନ ଯନ୍ତ୍ରଣା। ପୁଣି କେରଳରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ, ଆଙ୍କୁଲି ପଞ୍ଚାୟତ ଅନ୍ତର୍ଗତ ଧାନବାଡ ବି ଗ୍ରାମର ଶୁକ୍ରୁ ବଡମୁଣ୍ଡିଙ୍କ ପୁଅ ପ୍ରଫୁଲ୍ଲ ବଡ଼ମୁଣ୍ଡି (୩୭)। ମିଳିଥିବା ସୂଚନାନୁଯାୟୀ, ପ୍ରଫୁଲ୍ଲ କିଛି ଦିନ ହେବ କେରଳ ନାଦକ୍କାଭୁ ଥାନା ଅନ୍ତର୍ଗତ କୋଝିକୋଡଠାରେ ଏକ କମ୍ପାନୀରେ କାର୍ଯ୍ୟ କରିଥିଲେ। ରବିବାର କାମ କରିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିବା ବେଳେ ନିକଟରେ ଥିବା ଶ୍ରମିକମାନେ ମେଡିକାଲରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରଫୁଲ୍ଲ ବିବାହିତ ହୋଇଥିବା ବେଳେ ତାଙ୍କର ୪ଟି ପୁଅଝିଅ ଥିବା ଜଣାପଡ଼ିଛି। ପ୍ରଫୁଲ୍ଲଙ୍କ ଶବ ଗ୍ରାମକୁ ଆଣିବା ପାଇଁ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଶୁକ୍ରି ବଡମୁଣ୍ଡି ଓ ତାଙ୍କ ପରିବାର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି। ଗ୍ରାମକୁ ଶବ ଆଣିବା ପାଇଁ ଗଞ୍ଜାମ ଜିଲ୍ଲା ଉନ୍ନୟନ ପରିଷଦର ଉପ-ସଭାପତି ଲଳିତା ପ୍ରଧାନ ଚିକିଟି ବିଧାୟକ, ପାତ୍ରପୁର ବିଡିଓ, ତହସିଲଦାର ଓ ଶ୍ରମ ବିଭାଗଙ୍କୁ ଅବଗତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଟ୍ ଜାଲିଆତି...

ଏହାଦ୍ୱାରା ପୁରୁଣା ଟାଇମଷ୍ଟାମ୍ପ ବ୍ୟବହାର କରି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଭଳି ମିଥ୍ୟା ପ୍ରମାଣ ଦର୍ଶାଯାଉଥିଲା। ଭାରତୀୟ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ଗତ କିଛି ସପ୍ତାହ ଧରି ଟେଲିଗ୍ରାମରେ ଚାଲିଥିବା ଏହିପରି ଅନେକ ସନ୍ଦିଗ୍ଧ ଚାନେଲ ଓ ବଟ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଅନେକ ଚାନେଲକୁ ବନ୍ଦ କରାଯାଇଛି। ଅହମ୍ମଦାବାଦ ସାଇବର କ୍ରାଇମ ବ୍ରାଞ୍ଚ ଏଥିରେ ସମ୍ପୃକ୍ତ ଏକ ଆନ୍ତଃ-ରାଜ୍ୟ ଗ୍ୟାଙ୍ଗକୁ ଗିରଫ କରିଛି। ସେମାନେ ପ୍ରାୟ ୧.୫ କୋଟି ଟଙ୍କାର ଜାଲ୍ କାରବାର କରିଥିବା ଜଣାପଡ଼ିଛି। ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପରୀକ୍ଷା ପୂର୍ବରୁ କୌଣସି ପ୍ରଶ୍ନପତ୍ର କାହା ପାଖରେ ଉପଲବ୍ଧ ନାହିଁ ଏବଂ ଯିଏ ବି ଏହିପରି ଦାବି କରୁଛି ସେ ଜଣେ ଠକ। ଶିକ୍ଷାଗତ ଉଦ୍ଦେଶ୍ୟରେ ଟେଲିଗ୍ରାମ ବ୍ୟବହାର କରୁଥିବା ଛାତ୍ରଛାତ୍ରୀଙ୍କର ଅସୁବିଧା ପାଇଁ ଏଜେନ୍ସି ଦୁଃଖ ପ୍ରକାଶ କରିବା ସହ ପରୀକ୍ଷାର ସ୍ୱଚ୍ଛତା ରକ୍ଷା ପାଇଁ ଏହା ଅପରିହାର୍ଯ୍ୟ ବୋଲି କହିଛି। ପୁନଃ ପରୀକ୍ଷ ପୂର୍ବରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ଅଫିସିଆଲ୍ ୱେବସାଇଟ୍ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି।

### ୨୪ ଘଣ୍ଟାରେ...

ଜଣେ ନାବାଳିକାକୁ ଗଣ ଦୁଷ୍କର୍ମ ହୋଇଥିବା ଆଜି ଅଭିଯୋଗ ହୋଇଛି।

ଏଭଳି ସ୍ଥିତିରେ ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ପୁଲିସ ପ୍ରଶାସନ କାଠଗଡ଼ାରେ ଠିଆ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ମାମଲାରେ ପୁଲିସର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲିଅନ୍ତା ଭିଡ଼ ହତ୍ୟାଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଚମେଲୀ ଓଝା ପ୍ରସଙ୍ଗରେ ପୁଲିସ ଠିକ୍ ରାସ୍ତାରେ ଯାଉ ନ ଥିବା ଅଭିଯୋଗ ହୋଇଛି। ଶୃଙ୍ଖଳା ରକ୍ଷା ପାଇଁ ଆଇନ ବାଟରେ ଚାଲିବା ଅପେକ୍ଷା ବେଆଇନ ବାଟରେ ଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି ବିଭିନ୍ନ ସମ୍ବେଦନଶୀଳ ମାମଲାକୁ ଗଣମାଧ୍ୟମରୁ ଦୂରେଇ ରଖିବା, ବିଭିନ୍ନ ମାମଲାରୁ ଧ୍ୟାନ ହଟାଇବାକୁ ଏବଂ ନିଜ ଅପାରଗତାକୁ ଲୁଚାଇବାକୁ ଏନ୍‌କାଉଣ୍ଟର, ଥାନରେ ସକାଳ ପରେଡ୍ ଭଳି ପୁରୁଣା ଓ ଚିରାଚରିତ ଉପାୟକୁ ଲାଗୁ କରୁଛି। ଯାହା ରାଜ୍ୟରେ ପୁଲିସ ପ୍ରଶାସନ ଓ ପୁଲିସ ବ୍ୟବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛି।

### ରାସ୍ତାରେ ଗୋଡ଼େଇ...

ଉତ୍ତେଜନା ସୃଷ୍ଟି ହୋଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରି ଗୋଲଘର ବସ୍ତି ଅଞ୍ଚଳର ବହୁ ସଂଖ୍ୟକ ଲୋକ ସେକ୍ଟର-୭ ପୁଲିସ ଷ୍ଟେସନରେ ପହଞ୍ଚି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବର ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଜୋନ ୧ ଡିଏସପି ମନୋରଞ୍ଜନ ପ୍ରଧାନ, ସେକ୍ଟର୍ -୭ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଅନ୍ୟ ଥାନାର ଅଧିକାରୀମନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୋଷ୍ଠୀ ଆକ୍ରମଣରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା ଜଣାପଡିଛି। ଏ ନେଇ ଡିଏସପି ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ଛୋଟ ଛୋଟ ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ତେବେ ତାହା ବସ୍ତିରେ ବସି ଆପୋଷ ସମାଧାନ କରାଯାଇଥିଲା। ଏବେ ଅଭିଯୁକ୍ତମାନଙ୍କୁ ସିସିଟିଭି ଫୁଟେଜ୍ ଆଧାରରେ ଚିହ୍ନଟ କରି ଗିରଫ ପାଇଁ ବିଭିନ୍ନ ଆଡେ ଚଢଉ ଜାରି ରହିଛି। ଏତଦ୍‌ବ୍ୟତୀତ ସେମାନଙ୍କ ମୋବାଇଲ ଫୋନ ମଧ୍ୟ ଟ୍ରାକିଂ କରାଯାଉଛି।

### ଭତ୍ତା ନ ପାଇ...

କରାଯାଇଥିବା ଜଣାପଡ଼ିଛି। ନିର୍ବାଚନ ସମୟରେ ଭତ୍ତା ବୃଦ୍ଧି ପାଇଁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ପ୍ରତିଶ୍ରୁତି ତ ପୂରଣ ହେଲାନି, ଓଲଟା ପ୍ରଚଳିତ ଭତ୍ତା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। କାହାର ଦୁଇ ମାସ ତ ଆଉ କାହାର ଚାରି ମାସ ହେବ ଆକାଉଣ୍ଟ ଆସୁନି ଭତ୍ତା ଟଙ୍କା। ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ହିତାଧିକାରୀ। ବାରମ୍ବାର ବ୍ୟାଙ୍କ ଦୌଡ଼ିଦୌଡ଼ି ହତାଶ ହେଉଛନ୍ତି। ସେପଟେ, ଏହି ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିବା ସହ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି ଆସ୍କାର ବିଜେଡି ନେତ୍ରୀ ରଞ୍ଜିତା ସାହୁ।


**AFFIDAVIT**

I, ABHISHEK AGRAWAL, S/O ARAVIND KUMAR AGRAWAL resident of At - Jyoti Mill Campus, Souraguda, PO - Jayanagar, PS -Jeypore, Dist - Koraput, Pin - 764005, Odisha declare by this Affidavit No.2420, Dated - 16/06/2026, that now onwards I shall be known as **ABHISHEK KUMAR AGRAWAL** for all future purposes.

**AFFIDAVIT**

By the virtue of an affidavit sworn before the Executive Magistrate Daringbadi, Dated - 29.05.2026 . I Nilima Pradhan, W/o: Abedana Pradhan, Vill: Kumbharabadi, Po: Kumbharabadi, Ps: Daringbadi, Dist: Kandhamal, Odisha-762104 declare that I have changed my minor son's name from ALLYALA PRADHAN to PRADESH KUMAR PRADHAN. Henceforth, He shall be known as **PRADESH KUMAR PRADHAN** for all purposes.

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**

e-Mail Id: eerbjspr@gmail.com

34001/358/2627 No. 2036, Date: 30/05/2026

**Cancellation of Tender Call Notice No. Tender-Online-03 of 2026-27**

Corrigendum to Tender Online No. 03 of 2026-27 invited by the Superintending Engineer, Road and Building Division, Jagatsinghpur.

The Sl. No. 1, 2 & 3 are hereby cancelled due to unavoidable circumstances.

Addl. Chief Engineer
Jagatsinghpur R&B Division

34001/34093/1/26-27/0004

**AFFIDAVIT**

I SK Asanul Hak, S/o- SK Abujafar, Resident At-Masjid Colony, Unit-3, Kharvelnagar, PS-Kharvelnagar, Bhubaneswar, Dist-Khurdha, PIN-751001, Odisha, declare by this affidavit CF No. 120 on dated 08.06.2026 that now onwards I shall be known as **SK ASANUL HAK** for all future purposes.

**KASTURBA GANDHI BALIKA VIDYALAYA DEOLI**

DEOLI, BLOCK-RAJBORASAMBAR DIST-BARGARH PIN 768036
Letter No- 19 Date-16.06.2026

**SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and Service Tax (GST) registration certificate for supply of following items like Grocery, Cosmetics, Dress material, Course Book, Medicine, Non-Veg items, Milk Product, Toilet items, Vegetable, Fruits to the **Kasturba Gandhi Balika Vidyalaya, Deoli, Block-Rajborasambar, Dist-Bargarh Pin-768036 for the year 2026-27.**

Last date of receipt of tender form is **01.07.2026 at 4.00 PM.**

For details contact the undersigned within office hours.

Sd/- Headmistress Cum Convener
KGBV, Deoli, RBS, Bargarh

**AFFIDAVIT**

By virtue of an affidavit (Sl No.1, dtd- 16/06/2026) sworn before the Executive Magistrate, Kalampur, Kalahandi. I, **Prabin Banua,** S/o Bharat Banua, resident of At/Po- Deypur, Ps- Kalampur, Dist- Kalahandi, Odisha declare that I have changed my name from **Prabita Banua** (old name) to **Prabin Banua** (new name). Henceforth, I shall be known as **Prabin Banua** (new name) for all purpose.

**Prabin Banua**

**OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION**

Telephone No.: 06644-299949
Email ID: dfo.redhakhol@odisha.gov.in
Notice No.- F & E/RKL/ 011 (OFFLINE)/2026-27, Dated- 21.05.2026

8001/147/2627

**1st Corrigendum Notice**

Tender for **"For Installation of Hanging Solar Tentacle Fencing in Redhakhol Forest Division"** during the year 2026-27 of Divisional Forest Officer, Redhakhol vide Tender Call Inviting Notice No.- **F & E/RKL/ 011 (OFFLINE)/2026-27, Dated- 21.05.2026** has been revised. The revised tender with detailed terms and conditions documents will be available for download from the websites: www.redhakholforest.com, https://sambalpur.odisha.gov.in, www.odishaforest.in from **14:00 Hours of 11.06.2026 (02:00 PM) to 22.06.2026 (05:00 PM)**. All prospective bidders are advised to download the revised document and submit their bids in accordance with the revised terms and conditions only. The schedule of dates has been **extended** as detailed below.

| | Existing Date | Revised Date |
|---|---|---|
| Bid Availability Date | 21.05.2026 (02:00 PM) to 11.06.2026 (05:00 PM) | 11.06.2026 (02:00 PM) to 22.06.2026 (05:00 PM) |
| Last Date for Submission of Bids | 11.06.2026 till 05:00 PM | 22.06.2026 (05:00 PM) |
| Date of Opening of Tenders | 12.06.2026 at 11:00 AM | 23.06.2026 (11:00 AM) |

Divisional Forest Officer
Redhakhol Forest Division

OIPR-8001/8146/1/26-27/0021

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH

25001/403/2627

**TENDER CALL NOTICE**

**BID IDENTIFICATION NO. ONLINE-EERKL-15 of 2026-27**

1. **Name of the Work** : Building Works
2. **Total No. of works** : 07 (Seven) Nos.
3. **Estimated cost** : Rs. 2.52 to 5.89 Lakhs
4. **Class of contractor** : "D" & "C" Class
5. **Period of completion** : 02 (Two) Months
6. **Type of Tender** : Single Cover
7. **Other details**

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division-II, Sundargarh | Online-EERKL-15 of 2026-27 | 19.06.2026 from 10.00 AM | 30.06.2026 upto 05.00 PM | 29.06.2026 upto 5.00 PM | 01.07.2026 at 11.00 AM |

Further details can be seen from the website www.tendersodisha.gov.in and for more information please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0014

Government of Odisha
Office of the Executive Engineer
Rural Works Division-II, Nabarangpur, Umerkote

25001/410/2627

e-mail: eewukt@gmail.com & eewukt@ymail.com
Letter No. 2182 Date: 06.06.2026

**GePNIC e-Procurement Notice**

1 Name of the work Road Works
2 Total No. of works 09 (Nine) Nos.
3 Approx. Estimated Cost Varies from 52.88 Lakhs to 81.69 Lakhs
4 Class of Contractor "B" Class of Contractor
5 Period of Completion As per TCN

| Procurement Officer | Bid Identification No. | Availability of Tender Online | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| Executive Engineer, R.W. Division-II, Nabarangpur, Umerkote | Online Tender/01/RWD-UKT/2026-27 | 17.06.2026 at 11.00 AM | 01.07.2026 up to 5.00 PM | 30.06.2026 at 01.00 PM | 02.07.2026 at 11:00 AM | To be intimated separately |

Further details can be seen from the Government website: www.tendersodisha.gov.in

Executive Engineer
Rural Works Division-II
Nabarangpur, Umerkote

OIPR-25001/25103/1/26-27/0001

24001/224/2627

भारत का राजपत्र
The Gazette of India

CG-DL-E-13032026-270907
EXTRAORDINARY
PART II - Section 3 - Sub-section (ii)
PUBLISHED BY AUTHORITY

No. 1234
NEW DELHI, WEDNESDAY, MARCH 11, 2026 / PHALGUNA 20, 1947

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, the 11 March 2026**

S.O. 1291(E) (E).— Whereas by the notification of the Government of India in the Ministry of Road Transport and Highway, S.O. 5112(E) Dated: 11 November 2025 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH26 in the stretch of land from Km. 239.28 to Km. 259.62 in the village(s) namely—Ampani, Bangomunda, Kaudola, Koksara, Siuni Taluk-Kokasara in the district of KALAHANDI in the state of ODISHA.

And whereas the substance of the said notification has been published in "The Indian Express" dated 25/12/2025, "The Sambad" dated 25/12/2025 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

Brief Description of the land to be acquired with or without structures falling NH26 in the stretch of land from Km. 239.28 to Km. 259.62 in the village(s) namely- Ampani, Bangomunda, Kaudola, Koksara, Siuni Taluk-Koksara in the district of KALAHANDI in the state of ODISHA.

File Number : F. No. RO/BBSR/NH/26/OD/2024-25/707/KSG/3D
Shaikh Amin Khan, Director

District: Kalahandi
https://egazette.gov.in
Publication Date: 11/03/2026
https://egazette.gov.in
http://10.192.209.35
Note: The physical copy of this notification is available at the offices of CALA/PIU/PMU/RO/ED, and Landowners may also see the notification there.

**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୧୧ ମାର୍ଚ୍ଚ ୨୦୨୬**

S.O.1291 (ଇ) (କ)- କେନ୍ଦ୍ର ସରକାର, ଭିଡିଓ ବିଜ୍ଞପ୍ତି ସଂଖ୍ୟା S.O. ଭାରତ ସରକାରଙ୍କ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର 11 ନଭେମ୍ବର 2025 ତାରିଖର 5112 (ଇ), ଜାତୀୟ ରାଜପଥ ଅଧିନିୟମ, 1956 (48 ର 1956) ର ଉପ-ଧାରା (1) ଅନୁଯାୟୀ ଜାରି କରାଯାଇଛି (ପରବର୍ତ୍ତୀ ସମୟରେ ଏହି ଅଧିନିୟମ ଭାବରେ ସୂଚିତ), ଗେଜେଟ୍ ଅଫ୍ ଇଣ୍ଡିଆରେ ପ୍ରକାଶିତ, ଅସାଧାରଣ, ଭାଗ ଦ୍ୱିତୀୟ, ଧାରା 3, ଉପ-ବିଭାଗ (ii) ଦ୍ୱାରା ପ୍ରକାଶିତ ହୋଇଥିଲା। ଗ୍ରାମଗୁଡିକରେ NH26 ର- ସିଉନି, ବାଙ୍ଗୋମୁଣ୍ଡା, ଆମ୍ପାନି, କୋକସରା, କାଉଡୋଲା, ଓଡ଼ିଶା ରାଜ୍ୟର କାଳାହାଣ୍ଡି ଜିଲ୍ଲାର ତାଲୁକ-କୋକସର | 239.28 ରୁ କିମି 259.62 ପର୍ଯ୍ୟନ୍ତ ପ୍ଲଟରେ ଟୋଲ ପ୍ଲାଜାର ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟ ପାଇଁ ସେହି ବିଜ୍ଞପ୍ତିରେ ଯୋଡି ହୋଇଥିବା କାର୍ଯ୍ୟସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ଏହାର ଇଚ୍ଛା ଘୋଷଣା କରିଥିଲା;

ଏବଂ ଯେତେବେଳେ ଉକ୍ତ ବିଜ୍ଞପ୍ତିର ମୂଳ ବିଷୟ ହେଉଛି 25/12/2025 ତାରିଖର ଉଭୟ "ଇଣ୍ଡିଆନ୍ ଏକ୍ସପ୍ରେସ୍" ଏବଂ ଉକ୍ତ ଆଇନର ଧାରା 3A ର ଉପ-ଧାରା (3) ଅନୁଯାୟୀ 25/12/2025 ତାରିଖ "ସାମଭଦ୍" ରେ ପ୍ରକାଶିତ ହୋଇଥିଲା;

ଯେହେତୁ ଦକ୍ଷ କର୍ତ୍ତୃପକ୍ଷ ଧାରା - ସି ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତି ଗ୍ରହଣ କରିଛନ୍ତି, ଯାହାକୁ ବିଚାର କରାଯାଇଛି ଏବଂ ଉପଯୁକ୍ତ ଭାବରେ ବିସର୍ଜନ କରାଯାଇଛି;

ଏବଂ ଯେତେବେଳେ ଦକ୍ଷ କର୍ତ୍ତୃପକ୍ଷ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଏହାର ରିପୋର୍ଟ ଦାଖଲ କରିଛନ୍ତି;

ବର୍ତ୍ତମାନ, କେନ୍ଦ୍ର ସରକାର, ଦକ୍ଷ କର୍ତ୍ତୃପକ୍ଷଙ୍କ ଉକ୍ତ ରିପୋର୍ଟ ଗ୍ରହଣ କରିବା ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଦ୍ୱାରାପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି ଘୋଷଣା କରିଛନ୍ତି ଯେ ଉକ୍ତ ସୂଚୀରେ ଉଲ୍ଲେଖ କରାଯାଇଥିବା ଜମି ଉପରୋକ୍ତ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବା ଉଚିତ୍;

ଏବଂ ବର୍ତ୍ତମାନ, ଉକ୍ତ ଆଇନର ଧାରା 3D ର ଉପ-ଧାରା (୨) ଅନୁଯାୟୀ କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ଅଫିସିଆଲ୍ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉକ୍ତ ସୂଚୀରେ ଉଲ୍ଲେଖ କରାଯାଇଥିବା ଜମି ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ନିକଟରେ ରହିବ।

କାର୍ଯ୍ୟସୂଚୀ

ଗ୍ରାମ ସିୟୁନି, ବାଙ୍ଗୋମୁଣ୍ଡା, ଆମ୍ପାନି, କୋକସରା, କାଉଡୋଲା, ଓଡ଼ିଶାର କାଳାହାଣ୍ଡି ଜିଲ୍ଲାର ତାଲୁକ-କୋକସର, କିମି ମଧ୍ୟରେ | NH26 ର Km 239.28 ରୁ Km 259.62 ପାଇଁ ସଂରଚନା ସହିତ କିମ୍ବା ବିନା ବିସ୍ତୃତ ବିବରଣୀ |

1784 GI/2026

File Number : F. No. RO/BBSR/NH/26/OD/2024-25/707/KSG/3D

ଶେଖ ଅମିନ ଖାନ, ନିର୍ଦ୍ଦେଶକ

OIPR-24001/24328/3/26-27/0001

■ ପିଲା ଚୋର ସନ୍ଦେହ

## ଫେଲୋସିପ୍ ଯୁବତୀଙ୍କୁ ଦୁର୍ବ୍ୟବହାର, ମରଣାନ୍ତକ ଆକ୍ରମଣ

**ରାୟଗଡ଼ା ଆରକ୍ଷୀ ଅଧିକ୍ଷକଙ୍କ ତଦନ୍ତ**

ଶିକରପାଇ,୧୬।୬(ସମିସ): ଦିଲ୍ଲୀରେ ଫେଲୋଶିପ୍ କରୁଥିବା ଜଣେ ଯୁବତୀ ଏକ୍ସପୋଜର ଭିଜିଟି ପାଇଁ ଆସିଥିବା ବେଳେ ଲୋକଙ୍କର ଆକ୍ରୋଶର ଶିକାର ହୋଇଛନ୍ତି। ପିଲା ଚୋର ସନ୍ଦେହରେ ଯୁବତୀ ଓ ତାଙ୍କ ସହ ଥିବା ଜଣେ ଯୁବକଙ୍କୁ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଦୁଇ ଜଣ ହେଲେ ଯୁବତୀ ସୁମନ ଝାପ ଓ ଯୁବକ ଅର୍ପିତା ସୂତାରିଆ । ଦୁହେଁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳରୁ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ଯାଉଥିଲେ, ଏମାନେ ଏହି ସଡ଼କ ପଥ ସମ୍ପର୍କରେ ଜାଣି ନଥିବାରୁ ଗୁଗୁଲ ମ୍ୟାପ୍ ଦେଖି ଯାଉଥିବା ବେଳେ କଲ୍ୟାଣସିଙ୍ଗପୁର ଥାନା ଅଧୀନ ଇନ୍ତାଲିଗୁଡ଼ା ଗାଁ ଠାରେ ସ୍ଥାନୀୟ ବାସିନ୍ଦା ପିଲା ଚୋର ସନ୍ଦେହରେ ସେମାନଙ୍କୁ ଅଟକାଇଥିଲେ।

ଯୁବତୀଙ୍କ ଅଭିଯୋଗ ଅନୁସାରେ, ଫେଲୋଶିପ୍‌ର ଅଂଶ ଭାବେ ଏକ୍ସପୋଜର୍ ଭିଜିଟ୍ ସାରି ଫେରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସନ୍ଦେହର ସମ୍ମୁଖୀନ ହୋଇଥିଲେ। ପରିଚୟପତ୍ର ଦେଖାଇବା ପରେ ମଧ୍ୟ ସ୍ଥାନୀୟ ଲୋକେ ସନ୍ତୁଷ୍ଟ ହୋଇନଥିଲେ। ସେମାନେ ପୁଲିସର ସହାୟତା ନେବାକୁ ଚେଷ୍ଟା କରିଥିଲେ। ହେଲେ ଏହି ସମୟରେ କିଛି ଲୋକ ତାଙ୍କ ସହ ଅସଦାଚରଣ ଏବଂ ମାଡ଼ମାରି ଗୁରୁତର ଆହତ କରିଥିଲେ। ରାୟଗଡ଼ା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ କଲ୍ୟାଣସିଂହପୁର ଥାନାରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଦୁଇ ଜଣଙ୍କୁ ମେଡିକାଲରେ ପହଞ୍ଚାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି।

# ଦୁର୍ଘଟଣାରେ ଗଲା ୬ ଜୀବନ

## ମୁହାଁମୁହିଁ ଧକ୍କା ପରେ ଟ୍ରକ୍ ସହ ଜଳିଗଲେ ୨ ଚାଳକ



ରାଉରକେଲା, ୧୬।୬(ସମିସ): ମୁହାଁମୁହିଁ ଧକ୍କା ପରେ ୨ଟ୍ରକ୍ ସହ ୨ ଚାଳକ ଜୀବନ୍ତ ଜଳିଗଲେ। ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ'ର ଭସ୍ମା ଥାନା ଅନ୍ତର୍ଗତ କଇଁନ୍ତରା ଛକରେ ଏଭଳି ଏକ ଛାତିଥରା ଦୁର୍ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଭସ୍ମା ଥାନା ମଙ୍ଗଳପାଚଣା ଗାଁର ହାଇୱା ଚାଳକ ଛବୀନ୍ଦ୍ର ବେହୁରିଆ(୪୯) ଏବଂ ଟ୍ରଲରର ଚାଳକ ଝାଡ଼ଖଣ୍ଡ ଲାତେହାର ଜିଲ୍ଲା ବାଲୁମାଠ୍ ଥାନା ଅନ୍ତର୍ଗତ ବାଲୁ ଗାଁର ସକିଲ ଖାଁ(୨୫)। ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଦୁହିଁଙ୍କ ଦରପୋଡ଼ା ଶବକୁ ଉଦ୍ଧାର କରିଥିଲେ। ଏନେଇ ସଦର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଓଭରଟେକ୍ ବେଳେ ପିଟିଦେଲା ଟ୍ରକ୍: ୨ ମୃତ

ମ.ରାମପୁର, ୧୬।୬ (ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ଶେରଗଡ଼ଠାରେ ଆଜି ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ନୁନପୁର ପଞ୍ଚାୟତ ରାମୁଡ଼ ଗ୍ରାମର ବୁଲୁ ରଣା ଓ ପାଇକ ସଢେଲ ଗ୍ରାମର ରାକେଶ ପରାଭୋଇ। ଜାମବାହାଲି ଗ୍ରାମର ନିଧି ପରାଭୋଇଙ୍କ ସହ ବୁଲୁ ଓ ରାକେଶ ଏକ ବାଇକ୍‌ରେ ମ.ରାମପୁର ପଟକୁ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଶେରଗଡ଼ ନିକଟରେ ଥିବା ତାରିଣୀ ମନ୍ଦିର ନିକଟରେ ଏକ ହାଇୱାକୁ ଓଭରଟେକ୍ କରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଟ୍ରକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାକେଶ ଓ ବୁଲୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଧି ଗୁରୁତର ଆହତ ହୋଇଥିଲେ। ମୃତାହତଙ୍କୁ ମ.ରାମପୁର ଡାକ୍ତରଖାନାକୁ ଅଣାଯାଇଥିଲା। ଗୁରୁତର ନିଧିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

**ଅଧାରେ ରହିଗଲା ପୁଅ-ପୁତୁରାଙ୍କ ବ୍ରତଘର**

## ଦୁର୍ଘଟଣାରେ ବାପା, ପିଉସୀ ମୃତ

ଭୁବନ, ୧୬।୬ (ସମିସ): ରାତି ପାହିଲେ ପୁଅର ବ୍ରତଘର କରିଥା'ନ୍ତେ। ସେଥିପାଇଁ ବଜାରରୁ କିଛି ସାମଗ୍ରୀ କିଣାକିଣି କରି ଘରକୁ ଫେରୁଥିଲେ। ଆଉ ମାତ୍ର ୨୦୦ ମିଟର ପରେ ଘରେ ପହଞ୍ଚି ଯାଇଥା'ନ୍ତେ। କିନ୍ତୁ ନିଷ୍ଠୁର ନିୟତି ଦୁର୍ଘଟଣାରେ ଜୀବନ ନେଇଗଲା। ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ନଟାକଟା ବାଉଁଶକଣ ଶିଳ୍ପାଞ୍ଚଳ ନିକଟରେ ଆଜି ସଂଧ୍ୟାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ବାଲିବୋ ପଞ୍ଚାୟତ ବାଉଁଶକଣ ଗ୍ରାମର ସୁଶାନ୍ତ ତ୍ରିପାଠୀ (୫୦)। ଏହି ଦୁର୍ଘଟଣାରେ ତାଙ୍କ ଭଉଣୀ ଯାଜପୁର ଜିଲ୍ଲା ଶାଳଜଙ୍ଗାର ପୁଷ୍ପାଞ୍ଜଳି ଦାଶ ଓରଫ୍ ରୀନା (୪୪)ଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ବେଳେ ଭାଣିଜୀ ଦୀପାଞ୍ଜଳି ଦାଶ(୧୯) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ, ବୁଧବାର ଦିନ ସୁଶାନ୍ତଙ୍କ ପୁଅ ଓ ପୁତୁରା ବ୍ରତ ହୋଇଥା'ନ୍ତେ। ଏଥିପାଇଁ ବାଟତାରିଣୀ ମନ୍ଦିରରେ ସବୁ ଆୟୋଜନ ହୋଇଥିଲା। କିନ୍ତୁ ଏହି ଦୁର୍ଘଟଣା ସବୁ କିଛି ଓଲଟପାଲଟ କରିଦେଇଛି।

ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକ ସଂଧ୍ୟା ସାଢ଼େ ୬ଟାରୁ ରାସ୍ତାରୋକ କରିଛନ୍ତି। ରାସ୍ତାରେ ରୀନାଙ୍କ ଶବ ରଖି ଉତ୍ତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିବାରୁ ଶହଶହ ଗାଡ଼ି ଅଟକି ରହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେମାନଙ୍କୁ ବୁଝାସୁଝା କରୁଛି।

**ରାଇରଙ୍ଗପୁର ନାବାଳିକାକୁ ଗଣଦୁଷ୍କର୍ମ**

## ପୁଲିସର ଅବହେଳାକୁ ନେଇ ଗର୍ଜିଲା ବିଜେଡି



■ ପୁଲିସର ମନ୍ତବ୍ୟକୁ ବିଜେଡିର ତୀବ୍ର ସମାଲୋଚନା
■ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୧୬।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାର ନଗ୍ନ ଉଦାହରଣ ବୋଲି କହିଛି ବିଜେଡି। ଏହି ଘଟଣାରେ ବିଳମ୍ବିତ ଏଫଆଇଆର ପଞ୍ଜୀକରଣ, ପୀଡିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବ ଓ ନାବାଳିକା ସହମତିରେ ଘଟଣା ଘଟିବା ନେଇ ପୁଲିସ ମନ୍ତବ୍ୟକୁ ବିଜେଡି ତୀବ୍ର ନିନ୍ଦା କରିଛି।

ଏହି ଘଟଣା ପରେ ବିଜେଡିର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଡ଼. ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କ ସହ ଚକ୍ରଧର ହେମ୍ବ୍ରମ , ଜ୍ଞାନ ରଞ୍ଜନ ହେମ୍ବ୍ରମ, ସଚ୍ଚିଦାନନ୍ଦ ମହାନ୍ତ, ସ୍ୱରୂପ ବେହେରା, ଦୀପ୍ତିମାନ ବଳ, ସୁବାସ ମଣ୍ଡଳ, ଛାତ୍ରନେତା ବିକାଶ ମହାନ୍ତ, ତନୁଜା ମହାନ୍ତଙ୍କ ସହିତ ବହୁ ବିଜେଡି କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ। ସେହିପରି ପ୍ରତିନିଧି ଦଳ ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରି ତୁରନ୍ତ ପୀଡ଼ିତାକୁ ପରିବାରକୁ ନ୍ୟାୟ ସହ ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ କହିଥିଲେ। ଦୁଷ୍କର୍ମ କରିଥିବା ଆସାମୀକୁ ତୁରନ୍ତ ଗିରଫ, ପୀଡ଼ିତାକୁ ତୁରନ୍ତ ନ୍ୟାୟ ଏବଂ କ୍ଷତିପୂରଣ ନମିଳିଲେ ଖୁବ ଶୀଘ୍ର ବିଜେଡି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବ ବୋଲି ଆଇଆଇସିଙ୍କୁ ସୂଚନା ଦେଇଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ ନାବାଳିକାଙ୍କୁ ଅପହରଣ କରାଯାଇ ଦୁଷ୍କର୍ମ କରାଯିବା ପରେ ଗୁରୁତର ଅବସ୍ଥାରେ ଘର ନିକଟରେ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ସେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ ପାଇଁ ବିଜେଡି ଦାବି କରିଛି ।

ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ମଙ୍ଗଳବାର ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା , ବିଏମସି କର୍ପୋରେଟର ଭାରତୀ ସିଂ, ପ୍ରୀତିନନ୍ଦା ରାଉତରାୟ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ, ମୟୁରଭଞ୍ଜ-୨ ସଭାପତି ଡ଼. ଦେବାଶିଷ ମାରାଣ୍ଡି, ମୟୁରଭଞ୍ଜ-୨,କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ବ୍ଲକ ଅଧ୍ୟକ୍ଷ ଚକ୍ରଧର ହେମ୍ବ୍ରମ, ପୌରପରିଷଦର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ତନୁଜା ମହାନ୍ତ ଏବଂ ସ୍ଥାନୀୟ ନେତୃବୃନ୍ଦ ରାଇରଙ୍ଗପୁର ଗସ୍ତ କରି ପୀଡ଼ିତା ଓ ତାଙ୍କ ପରିବାର ସହ ଆଲୋଚନା କରିବେ ଏବଂ ରିପୋର୍ଟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

**ଭାଇରାଲ ଭିଡିଓକୁ ନେଇ ବଢ଼ିଲା ବିବାଦ**

## ପୁଲିସ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୬।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କୁ କେନ୍ଦ୍ର କରି ଚାଲିଥିବା ବିବାଦ ଦିନକୁ ଦିନ ନୂଆ ମୋଡ଼ ନେଉଛି। ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନୋଟିସ ଜାରି କରାଯାଇ ଘଟଣାର ରିପୋର୍ଟ ୧୫ ଦିନରେ ଦେବାକୁ କୁହାଯାଇଛି। ଏହି ସମୟରେ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି। କେତେକ ଲୋକ ରେକର୍ଡିଂକୁ ନେଇ ଉତ୍କ୍ଷିପ୍ତ ହୋଇଯିବା ଦୃଶ୍ୟ ମଧ୍ୟ ଭିଡିଓରେ ରହିଥିବାରୁ ଏହା ପରବର୍ତ୍ତୀ ବିବାଦରକାରଣ ହୋଇଥିବା ଚର୍ଚ୍ଚା ଜୋର ଧରିଛି।

ଅନ୍ୟପକ୍ଷରେ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ରୁଜୁ ହୋଇଥିବା ମାମଲାରେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟ ଚାମେଲି ଓଝାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ୩୦ ହଜାର ଟଙ୍କାର ବଣ୍ଡ ଓ ଦୁଇଜଣ ଜାମିନଦାରଙ୍କ ବଦଳରେ ତାଙ୍କୁ ମୁକ୍ତ କରାଯାଇଛି। ଜୁନ୍ ୧୩ ତାରିଖରେ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲ୍ ପଠାଯାଇଥିଲା। ମାତ୍ର ଜେଲ୍ ନେବା ବାଟରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ପୁଣି ଜିଲ୍ଲା ହସ୍ପିଟାଲକୁ ଫେରାଇ ଅଣାଯାଇଥିଲା। ସେବେଠାରୁ ସେ ଜିଲ୍ଲା ହସ୍ପିଟାଲର ଚତୁର୍ଥ ମହଲାର ୧୫ ନମ୍ବର କ୍ୟାବିନ୍‌ରେ ଚିକିତ୍ସାଧୀନ ଅଛନ୍ତି। ମହାକାଳପଡ଼ା ଥାନାର ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳଙ୍କୁ କାମୁଡ଼ିଦେବା ଅଭିଯୋଗ ଆଧାରରେ ପୁଲିସ ଚିକିତ୍ସାଧୀନ ଅବସ୍ଥାରେ ହିଁ ଚାମେଲୀଙ୍କୁ ଗିରଫ କରିଥିଲା। ତେବେ ଗିରଫ ପ୍ରକ୍ରିୟା ଓ ଗୁରୁତର ଦଫା ଲାଗୁ କରାଯିବାକୁ ନେଇ ବିରୋଧୀ ଦଳ ଓ ସାମାଜିକ ସଂଗଠନ ପ୍ରଶ୍ନ ଉଠାଇଛନ୍ତି।

ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଏତଲାରେ ସାତ ଜଣଙ୍କ ସମେତ ଅନ୍ୟାନ୍ୟଙ୍କ ନାମ ଉଲ୍ଲେଖ ଥିବା ସତ୍ତ୍ୱେ ସେମାନଙ୍କ ବିରୋଧରେ ପଦକ୍ଷେପ ନେବା ପରିବର୍ତ୍ତେ ପୁଲିସ ଏପର୍ଯ୍ୟନ୍ତ ଜଣେ ଏପରି ବ୍ୟକ୍ତିଙ୍କୁ ଗିରଫ କରିଛି, ଯାହାଙ୍କ ନାମ ତାଙ୍କ ଅଭିଯୋଗରେ ଦର୍ଶାଯାଇନଥିଲା । ସେହିପରି କଳିଙ୍ଗ ମହିଳା ଶକ୍ତିର କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲା ସଭାନେତ୍ରୀ ମନୋରମା ଖଟୁଆଙ୍କ ନେତୃତ୍ୱରେ ବିରାଟ ପ୍ରତିବାଦ ରାଲି ଆୟୋଜନ କରାଯାଇଛି। ସଂଗଠନ ପକ୍ଷରୁ ଚାମେଲିଙ୍କ ବିରୋଧରେ ରୁଜୁ ହୋଇଥିବା କଥିତ ମାମଲା ପ୍ରତ୍ୟାହାର, ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ଗିରଫ, ମୋବାଇଲ ଓ କଲ୍ ଡାଟାର ନିରପେକ୍ଷ ତଦନ୍ତ ଏବଂ ଚାମେଲି ଓଝାଙ୍କୁ ପୁଲିସ ସୁରକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଛି। ମହାକାଳପଡ଼ା ଥାନା ଅଧିକାରୀ ମାନସ କୁମାର ମଲ୍ଲିକ କହିଛନ୍ତି ଯେ, ଘଟଣାର ନିରପେକ୍ଷ ତଦନ୍ତ ଚାଲିଛି ଏବଂ ଆଇନ ଅନୁଯାୟୀ ସମସ୍ତ ଦୋଷୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଭାଇରାଲ ଭିଡିଓ, ଏନଏଚଆରସିଙ୍କ ହସ୍ତକ୍ଷେପ ପରେ ଚାମେଲିଙ୍କ ଉଠାଇଥିବା ପ୍ରଶ୍ନ ଏବଂ ଜିଲ୍ଲାବ୍ୟାପୀ ବଢ଼ୁଥିବା ଆନ୍ଦୋଳନ ମଧ୍ୟରେ ଏହି ଘଟଣା ଏବେ କେବଳ ଏକ ଅପରାଧିକ ମାମଲାରେ ସୀମିତ ନ ରହି ରାଜନୈତିକ, ପ୍ରଶାସନିକ ଓ ମାନବାଧିକାର ସ୍ତରରେ ଏକ ବହୁଚର୍ଚ୍ଚିତ ପ୍ରସଙ୍ଗରେ ପରିଣତ ହୋଇଛି।




**ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ, ଚାମେଲୀଙ୍କୁ ଜାମିନ**

ଭାଇରାଲ ଭିଡିଓ ଓ ଗିରଫ ପ୍ରକ୍ରିୟାକୁ ନେଇ ଏବେ ପ୍ରଶାସନ ଓ ପୁଲିସର ଭୂମିକା ଉପରେ ଅଙ୍ଗୁଳି ଉଠିଛି।

ଆଜି ବିଜେପି ନେତ୍ରୀ ତଥା ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧୀନ ଚାମେଲି ଓଝାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଏହା କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ, ବରଂ ଜଣେ ମହିଳା ଜନପ୍ରତିନିଧିଙ୍କ ସହ ଘଟିଥିବା ଅନ୍ୟାୟର ପ୍ରସଙ୍ଗ ବୋଲି କହି ସେ ଘଟଣା ସମ୍ପର୍କରେ ଦଳୀୟ ନେତୃତ୍ୱଙ୍କୁ ଅବଗତ କରାଇବା ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଦାବି କରିବେ ବୋଲି କହିଛନ୍ତି। ଇତିମଧ୍ୟରେ ପୁଲିସ ପକ୍ଷରୁ ଜବତ କରାଯାଇଥିବା ଦୁଇଟି ମୋବାଇଲ ଫୋନ୍ ଚାମେଲୀଙ୍କ ବାପା ନିରଞ୍ଜନ ଓଝାଙ୍କୁ ଫେରସ୍ତ କରାଯିବା ପରେ ବ୍ଲକ୍ କାର୍ଯ୍ୟାଳୟରେ ଘଟିଥିବା ଘଟଣାର ଏକ ଭିଡିଓ ସୋସିଆଲ ମିଡିଆ ଓ ସାମ୍ବାଦିକଙ୍କ ମଧ୍ୟରେ ପହଞ୍ଚିଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ଚାମେଲୀ କେବଳ ପଞ୍ଚାୟତର କିଛି ବକେୟା ବିଲ୍ ପ୍ରସଙ୍ଗ ଉଠାଇଥିବା ଦେଖାଯାଇଥିବାବେଳେ, ତାଙ୍କ ପକ୍ଷରୁ କୌଣସି ଅଶୋଭନ ଆଚରଣ ପରିଲକ୍ଷିତ ହେଉ ନ ଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି।

## ଏସ୍‌ଆଇଆର ପ୍ରକ୍ରିୟା ସମୀକ୍ଷା କଲେ ଭାରତର ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ

■ ସମୟ ଅବଧି ପୂର୍ବରୁ ସମସ୍ତ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ
■ କେହି ଜଣେ ବି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡନ୍ତି ସେ ଦିଗରେ ଧ୍ୟାନ ରଖିବାକୁ ପରାମର୍ଶ

ଭୁବନେଶ୍ୱର, ୧୬।୬(ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ଅଗ୍ରଗତି ନେଇ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତର ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ଏହି ବୈଠକରେ ସମସ୍ତ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ଭାରତୀ ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିବା ସହ ସମୟ ଅବଧି ପୂର୍ବରୁ ସମସ୍ତ ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାରେ କେହି ଜଣେ ବି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେ ଦିଗରେ ମଧ୍ୟ ଅଧିକ ଧ୍ୟାନ ରଖିବାକୁ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି।

ବୈଠକରୁ ମିଳିଥିବା ସୂଚନାନୁଯାୟୀ, ପ୍ରାକ୍-ଏସ୍‌ଆଇଆର ସମୟରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ଥିବା ବେଳେ ସେମାନଙ୍କ ମଧ୍ୟରୁ ୩.୧୬ କୋଟି (୯୪.୬ ପ୍ରତିଶତ) ଭୋଟରଙ୍କ ମ୍ୟାପିଂ ସଫଳତାର ସହ ଶେଷ ହୋଇଥିଲା। ଏଯାବତ୍ ମାତ୍ର ୫.୩୪ପ୍ରତିଶତ ଭୋଟର୍‌ଙ୍କ ଅନ-ମ୍ୟାପିଂ ରହିଛି। ଏବେ ସୁଦ୍ଧା ଅର୍ଥାତ୍ ୧୬ତାରିଖ ସୁଦ୍ଧା ୯୯.୨୦ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ସେଥିମଧ୍ୟରୁ ୪୬.୪୪ ପ୍ରତିଶତ ଭୋଟରଙ୍କର ଡିଜିଟାଇଜେସନ୍ ହୋଇଛି। ପରିଗଣନା ଫର୍ମ ବଣ୍ଟନ ଓ ଡିଜିଟାଇଜେସନ ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲ୍ଲା ସାରା ରାଜ୍ୟରେ ଶୀର୍ଷରେ ରହି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହି ଅବସରରେ ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ୯ଟି ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କ ସହ ସେମାନଙ୍କ ଜିଲ୍ଲାର ସ୍ଥିତି ବାବଦରେ ପୃଥକ ପୃଥକ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ସିଇଓ ସୁଶାନ୍ତକୁମାରମିଶ୍ରବରିଷ୍ଠଉପ-ନିର୍ବାଚନଆୟୁକ୍ତଙ୍କନିକଟରେ ରାଜ୍ୟରେ ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ଉପରେ ଏକ ପାୱାର ପଏଣ୍ଟ ପ୍ରଦର୍ଶନ କରିଥିଲେ। ପରିଗଣନା ଫର୍ମ ବଣ୍ଟନ ଓ ଦାଖଲର ଶେଷ ସମୟ ସୀମା ଜୁନ୍ ୨୮ ତାରିଖ ରହିଛି। ତେବେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ ଉପସ୍ଥିତ ଥିବା ୯ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଆସନ୍ତା ଜୁନ୍ ୨୩ ଓ ୨୪ ତାରିଖ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଭାରତୀ ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ଯାଇ ସେଠାରେ ସ୍ୱତନ୍ତ୍ର ସଘନ ସଂଶୋଧନର ଅଗ୍ରଗତି ନେଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

■ ଟ୍ରେସ୍ ମ୍ୟାପ୍ ପାଇଁ ୪ ହଜାର ଟଙ୍କା ଲାଞ୍ଚ ନେଉଥିଲେ

## ଭିଜିଲାନ୍ସ ଜାଲରେ ମହିଳା ରାଜସ୍ୱ ନିରୀକ୍ଷକ

ଜୟପୁର, ୧୬।୬(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ସଂଧ୍ୟାରେ ବୋରିଗୁମ୍ମା ତହସିଲ କସାଗୁଡା ମୌଜାର ରାଜସ୍ୱ ନିରୀକ୍ଷକ ଶୈଳବାଳା ନାୟକ ନିଜ ସର୍କଲ କାର୍ଯ୍ୟାଳୟଠାରେ ଜଣେ ମତ୍ସ୍ୟ ଚାଷୀଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତ ମହିଳା ରାଜସ୍ୱ ନିରୀକ୍ଷକଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ନିକଟରୁ ଲାଞ୍ଚ ନେଉଥିବା ୪ ହଜାର ଟଙ୍କା ଜବତ କରାଯାଇଛି। ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ନେଇ ଦୁଇଟି ସ୍ଥାନରେ ଯାଞ୍ଚ ଆରମ୍ଭ ହୋଇଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁଯାୟୀ, କସାଗୁଡ଼ା ମୌଜାରେ ସରକାରଙ୍କ ମତ୍ସ୍ୟ ପୋଖରୀ ଯୋଜନାରେ ଜଣେ ହିତାଧିକାରୀ ନିଜ ଜମିରେ ପୋଖରୀ ଖୋଳି ମାଛ ଚାଷ କରୁଥିଲେ। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସବ୍‌ସିଡି ରାଶି ପାଇଁ ମତ୍ସ୍ୟ ବିଭାଗ ନିକଟରେ ଆବେଦନ କରିଥିଲେ। ରାଜସ୍ୱ ବିଭାଗ ନିକଟରୁ ପୋଖରୀର ଏକ ଟ୍ରେସ ମ୍ୟାପ ଆଣିବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିନେଇ ହିତାଧିକାରୀ ତହସିଲ କାର୍ଯ୍ୟାଳୟରେ ଟ୍ରେସ ମ୍ୟାପ ନିମନ୍ତେ ଆବେଦନ କରିଥିଲେ। ଟ୍ରେସ ମ୍ୟାପ ପ୍ରଦାନ ନେଇ ଅଭିଯୁକ୍ତା ରାଜସ୍ୱ ନିରୀକ୍ଷକ ଶ୍ରୀମତି ନାୟକ ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ହିତାଧିକାରୀ ଜୟପୁର ଭିଜିଲାନ୍ସ ଏସ୍‌ପି ଏସ.ସୁଶ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ପି ଶ୍ରୀମତୀ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣି, ଇନ୍‌ସପେକ୍ଟର ସଞ୍ଜୟ ପ୍ରଧାନ, ଅନୁଭା ଦାସ, ସାବିତ୍ରୀ ପ୍ରଧାନ, ସନ୍ତୋଷୀ ବାରିକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଏକ ଦଳ ଆଜି ସଂଧ୍ୟାରେ ପୂର୍ବ ଯୋଜନା ଅନୁଯାୟୀ ଚଢ଼ଉ କରିବା ସହିତ ଅଭିଯୁକ୍ତାଙ୍କୁ ଗିରଫ କରିବା ସହିତ ଟଙ୍କା ଜବତ କରିବାରେ ସଫଳ ହୋଇଛନ୍ତି।

**ନୂଆପଡ଼ା ଜିଲ୍ଲାରେ ଚାଷୀ ଆନ୍ଦୋଳନ**

## ମନ୍ତ୍ରୀଙ୍କ ଗସ୍ତ ବେଳେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ



ନୂଆପଡ଼ା/ସିନାପାଲି/କୋମନା, ୧୬।୬(ସମିସ): ମନ୍ତ୍ରୀଙ୍କ ଗସ୍ତ ବେଳେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ। ସରକାର ଗଠନକୁ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଏସି ରୁମ୍‌ରେ ମନ୍ତ୍ରୀ ସଫଳତାର କାହାଣୀ ବଖାଣୁଥିବା ବେଳେ ବାହାରେ ଉଦୁଉଦିଆ ଖରାରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ। ମଣ୍ଡି ଅବ୍ୟବସ୍ଥା ଓ ଟୋକନ୍ ସମସ୍ୟା ନେଇ ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ଜଣେ ଚାଷୀ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଦିନିକିଆ ନୂଆପଡ଼ା ଗସ୍ତରେ ଆସିଥିଲେ। ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସରକାରଙ୍କ ସଫଳତାର କାହାଣୀ ବଖାଣୁଥିଲେ। ସେହି ସମୟରେ ମଣ୍ଡି ଅବ୍ୟବସ୍ଥାକୁ ବିରୋଧ କରି ନୂଆପଡ଼ା ସଦର ବ୍ଲକର ୮ ଟି ପ୍ୟାକ୍ସର ହଜାରହଜାର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ ସମୟରେ କୁଳିଆବନ୍ଧା ପେକସ୍ ଅନ୍ତର୍ଗତ ଚାଷୀ ମୋହିତ ନାଏକ ହଠାତ୍ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉପସ୍ଥିତ ଅନ୍ୟ ଚାଷୀମାନେ ତୁରନ୍ତ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ବେଳେ ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମୋହିତଙ୍କ ପାଖକୁ ପ୍ରତିବର୍ଷ ଠିକ୍ ସମୟରେ ଧାନ ବିକ୍ରି ପାଇଁ ଟୋକନ୍ ଆସୁଥିବା ବେଳେ ଚଳିତବର୍ଷ ଏପର୍ଯ୍ୟନ୍ତ କୌଣସି ଟୋକନ୍ ଆସିନାହିଁ। ମଣ୍ଡି ବନ୍ଦ ହେବା ପୂର୍ବରୁ ଯଦି ଟୋକନ୍ ନଆସେ, ତେବେ ସେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି।

ଗତ ମେ' ୨୦ ତାରିଖରୁ ନୂଆପଡ଼ା ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଜିଲ୍ଲାର ୫୧ଟି ପେକସ୍‌ରେ ଧାନ କିଣିବା ପାଇଁ ବ୍ୟବସ୍ଥା ହୋଇଥିବା ଦାବି କରାଯାଉଥିଲେ ସୁଦ୍ଧା ବାସ୍ତବରେ ମାତ୍ର ୩୬ଟି ପ୍ୟାକ୍ସ କାର୍ଯ୍ୟକ୍ଷମ ରହିଛି। ସରକାରୀ ରିପୋର୍ଟ ଅନୁସାରେ, ଏପର୍ଯ୍ୟନ୍ତ ୪,୮୯୫ ଜଣ ଚାଷୀଙ୍କଠାରୁ ୨ଲକ୍ଷ ୫୨ହଜାର କ୍ୱିଣ୍ଟାଲ ଧାନ କିଣାଯାଇଛି। କିନ୍ତୁ ଅବଶିଷ୍ଟ ପ୍ୟାକ୍ସ କାର୍ଯ୍ୟକ୍ଷମ ନହେବା ଏବଂ ହଜାର ହଜାର ଚାଷୀ ଟୋକନ୍ ପାଇବାରୁ ବଞ୍ଚିତ ହେବା ପ୍ରଶାସନିକସ୍ତରରେ ଥିବା ବଡ଼ ତ୍ରୁଟିକୁ ପଦାରେ ପକାଇଛି। ଚାଷୀଙ୍କ ଏଭଳି ସଂଗୀନ ଅଭିଯୋଗ ଏବଂ ଚାଷୀ ଆତ୍ମହତ୍ୟା ଉଦ୍ୟମ ଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ଗୌରୀଶଙ୍କରଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରଦାର

ବରଗଡ଼, ୧୬।୬(ସମିସ)

ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ବରଗଡ଼ ସହର ଚଳଚଞ୍ଚଳ ହୋଇଛି। ଚଜୋରଦାର ପ୍ରସ୍ତୁତି ଚାଲିଛି। ବୁଧବାରଠାରୁ ୧୯ ତାରିଖ ଯାଏ ୩ ଦିନ ଧରି ବରଗଡ଼ ସହରରେ କଳାକାର ଏକାଠି ହେବେ। ବିଲୁପ୍ତ ଲୋକ ସଂସ୍କୃତି, ଲୋକନାଚ, ଲୋକବାଦ୍ୟରେ ସମଗ୍ର ବରଗଡ଼ ସହର ଦୁଲୁକିବ। ଦେବ ଦେବ ମହାଦେବ ବାବା ଗୌରୀଶଙ୍କର ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ମହୋତ୍ସବକୁ ସଫଳ କରିବା ପାଇଁ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ବାବା ଗୌରୀଶଙ୍କର ଓ ମାତା ପାର୍ବତୀଙ୍କ ବିବାହ ପାଇଁ ବିଭିନ୍ନ ପ୍ରକାର ଅଳଙ୍କାର, ପାଟ ବସ୍ତ୍ର ଆଦି ଯୋଗାଡ଼ରେ କନ୍ୟା ପିତାମାତା ଓ ବର ପିତାମାତା ଲାଗି ପଡ଼ିଛନ୍ତି। ଦେବ ଦମ୍ପତିଙ୍କ ମାତାପିତା ହେବା ଅତ୍ୟନ୍ତ ସୌଭାଗ୍ୟ ବୋଲି ବର ଓ କନ୍ୟା ପିତାମାତା କହିଛନ୍ତି। ତେବେ ବରଗଡ଼ ଶୀତଳ ଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ, ଇସାଇ ଧର୍ମାବଲମ୍ବୀ ସଭିଏଁ ଦେବ ଦେବ ମହାଦେବଙ୍କ ବିବାହ ମହୋତ୍ସବରେ ସାମିଲ ହୋଇଥାନ୍ତି। ବରଗଡ଼ ସହରବାସୀ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବରେ ଭାଇଚାରା, ସାମ୍ପ୍ରଦାୟିକ, ସଦଭାବନା, ଭକ୍ତି, ଉପାସନା ଓ ଏକତାର ବାର୍ତ୍ତା ଦେଇଥାନ୍ତି। ଦେବ ଦେବ ମହାଦେବ ବାବା ଗୌରୀଶଙ୍କରଙ୍କୁ ପୁତ୍ର ରୂପେ ପାଇ ନିଜକୁ ସୌଭାଗ୍ୟ ମନେ କରିଛନ୍ତି ବରଗଡ଼ ସହରର ବିନୋଦ ମହାପାତ୍ର ଓ ତାଙ୍କ ପତ୍ନୀ ବବିତା ମହାପାତ୍ର। ବାବା ଗୌରୀଶଙ୍କର ଓ ମାତା ପାର୍ବତୀଙ୍କ ବିବାହ ମହୋତ୍ସବ ପାଇଁ ସୁନା ଓ ରୂପା ଅଳଙ୍କାର ସହ ପାଟଶାଢ଼ୀ, ବାସନକୁସନ ଭଳି ବିଭିନ୍ନ ସାମଗ୍ରୀ ଯୋଗାଡ଼ରେ ଲାଗିପଡ଼ିଛନ୍ତି ବର ପିତାମାତା ଓ ସାରା ପରିବାର। ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ଦିଆଯାଇଛି। ସେହିଭଳି ଚଳିତ ବର୍ଷ ବରଗଡ଼ ସହର ଶିବାନନ୍ଦ ନଗରବାସୀ ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ଛବିଚନ୍ଦ୍ର ମେହେରେ ଓ ତାଙ୍କ ପତ୍ନୀ ରଜନୀରାଣୀ ମେହେର କନ୍ୟା ପିତାମାତା ହେବାର ପରମ ସୌଭାଗ୍ୟ ପାଇଛନ୍ତି। ୨୬ ବର୍ଷ ତଳେ ଏହି ଦମ୍ପତ୍ତି ମାତା ପାର୍ବତୀଙ୍କୁ ଝିଅ ରୂପେ ପାଇବା ଓ ତାଙ୍କୁ ଶୀତଳ ଷଷ୍ଠୀ ଯାତ୍ରାରେ ଦେବ ଦେବ ମହାଦେବଙ୍କୁ ବିବାହ କରିବାକୁ ମାନସିକ କରିଥିଲେ। ଶେଷରେ ଏହି ଦମ୍ପତିଙ୍କ ମାନସିକ ପୂରଣ ହେବାକୁ ଯାଉଛି। ବାବା ଗୌରୀଶଙ୍କରଙ୍କୁ ଜ୍ୱାଇଁ ରୂପେ ପାଇ ସାରା ପରିବାର ଖୁସିରେ ବିଭୋର ହୋଇଛନ୍ତି। ମାତା ପାର୍ବତୀଙ୍କ ବିବାହ ପାଇଁ ସୁନା, ରୂପା ଗହଣା, ପାଟ ବସ୍ତ୍ର, ସମ୍ବଲପୁରୀ ପାଟ ଶାଢ଼ୀ ଆଦି ସହ ଅଳଙ୍କାର, ଯାନିଯୌତୁକ ଯୋଗାଡ଼ରେ କନ୍ୟା ପିତାମାତା ଲାଗିପଡ଼ିଛନ୍ତି। ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ମହିଳାଙ୍କ ପାଇଁ ଶୌଚାଳୟ, ପାନୀୟଜଳ, ବିଜୁଳି, ବିଶ୍ରାମଗୃହ ଭଳି ସୁବିଧା କରାଯାଇଛି।



## ସୋଲାର ପ୍ଲେଟ୍ ଚୋରି ଘଟଣାରେ ୪ ଗିରଫ

ବିଜେପୁର, ୧୬।୬(ସମିସ): ବରଗଡ଼ ଜିଲ୍ଲା ବଡ଼ବାଉସେନ ପଞ୍ଚାୟତ କୁର୍ଲାମୁଣ୍ଡା ଗ୍ରାମରେ ସୋଲାର ପ୍ଲେଟ୍ ଚୋରି ଘଟଣାର ୩ ଦିନ ପରେ ୪ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ବିଜେପୁର ଥାନା ଲାଉମୁଣ୍ଡା ଗ୍ରାମର ୩ ଜଣ ହେଲେ ପ୍ରକାଶ ପୁଟେଲ (୨୩), ସରୋଜ ବରିହା (୨୮), ଶିଶିର ବରଗ୍ତି ର(୨୩) ଓ ଖୁଣ୍ଟପାଲି ଗ୍ରାମର କୁଞ୍ଜହାରି ସହା(୨୧)। ସମସ୍ତ ୪ ଜଣଙ୍କୁ ଗିରଫ କରି କୋର୍ଟ ପଠାଇଥିବା ବିଜେପୁର ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୫ଟି ସୋଲାର ପ୍ୟାନେଲ, ୪ଟି ବ୍ୟାଟେରୀ ଓ ଅପରାଧରେ ସମ୍ପୃକ୍ତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ବଡ଼ବାଉସେନ ପଞ୍ଚାୟତ ପକ୍ଷରୁ କୁର୍ଲାମୁଣ୍ଡା ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା; କିନ୍ତୁ ରବିବାର ରାତିରେ କିଛି ଦୁର୍ବୃତ୍ତ ପ୍ରକଳ୍ପରେ ଲାଗିଥିବା ସୋଲାର ପ୍ଲେଟ ଚୋରି କରିଥିଲେ। ଏନେଇ ବଡ଼ବାଉସେନ ସରପଞ୍ଚ ପଙ୍କଜିନୀ ମହାନନ୍ଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ସୋଲାର ପ୍ଲେଟ ଉଦ୍ଧାର ପାଇଁ ତଦନ୍ତ ଜାରି ରଖିଥିଲା।

## ପଦ୍ମପୁର ଉପ-କାରାଗାର କଏଦୀଙ୍କ ଅନଶନ

ପଦ୍ମପୁର, ୧୬।୬(ସମିସ): ପଦ୍ମପୁର ଉପ-କାରାଗାରରେ କଏଦୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜେଲ୍ ପ୍ରଶାସନ ବିରୋଧରେ ବିଭିନ୍ନ ଅବ୍ୟବସ୍ଥାର ଅଭିଯୋଗ ଆଣି କଏଦୀମାନେ ଆମରଣ ଅନଶନରେ ବସିଛନ୍ତି। ଖାଦ୍ୟର ମାନ ଏବଂ ମୌଳିକ ସୁବିଧା ଯୋଗାଇଦେବା ଭଳି ପ୍ରମୁଖ ଦାବିକୁ ନେଇ କଏଦୀମାନେ ଏହି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଜେଲରେ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ବୋଲି କଏଦୀମାନେ ଅଭିଯୋଗ କରିଛନ୍ତି। ନିଜ ପରିବାର ଲୋକ ଓ ସମ୍ପର୍କୀୟମାନଙ୍କୁ ଭେଟିବା ପାଇଁ ବର୍ତ୍ତମାନ ମିଳୁଥିବା ସମୟ ଅତି କମ୍ ହୋଇଥିବାରୁ ଏହି ସାକ୍ଷାତକାର ସମୟ ବଢ଼ାଇବାକୁ ସେମାନେ ଅଡ଼ି ବସିଛନ୍ତି। କଏଦୀମାନଙ୍କ ଅନଶନ ଯୋଗୁଁ ଜେଲ୍ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜେଲ୍ ନିୟମାବଳୀ ଅନୁଯାୟୀ ଜେଲରଙ୍କ କହିବା ଅନୁସାରେ ସାପ୍ତାହିକୁ ଦିନଟିଏ ମୋବାଇଲ ମାଧ୍ୟମରେ କଥା ହେବା ବ୍ୟବସ୍ଥା ରହିଛି। ଏଥିପାଇଁ କାରାଗାରରେ ଦୁଇଟି ମୋବାଇଲ ରହିଛି। କଏଦୀ କିନ୍ତୁ ଆହୁରି ଅଧିକ ସମୟ ଓ ମୋବାଇଲ ବ୍ୟବସ୍ଥା ପାଇଁ ଦାବି କରୁଛନ୍ତି। ତେବେ ସେମାନଙ୍କୁ ଅପରାହ୍ନରେ ବୁଝା ସୁଝା କଲା ପରେ ଖାଦ୍ୟ ଗ୍ରହଣ କରିଛନ୍ତି।

## ଫ୍ୟୁଜନ୍ ଫାଇନାନ୍ସ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ପଦ୍ମପୁର, ୧୬।୬(ସମିସ): ଫ୍ୟୁଜନ୍ ଫାଇନାନ୍ସ ପଦ୍ମପୁର ଶାଖା ପକ୍ଷରୁ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ଏକ ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ମହିଳା ଅଂଶଗ୍ରହଣ କରି ସଞ୍ଚୟ ଓ ଆର୍ଥିକ ପରିଚାଳନା ସମ୍ପର୍କରେ ସଚେତନତା ଲାଭ କରିଥିଲେ। ପ୍ରଦୀପ ସାହୁ, ଆମ୍ରିତଲାଲ ରାମ, ଟୁକୁନା ସାହୁ, ଗଜେନ୍ଦ୍ର ସାହୁ, ଶଙ୍କର ଟାକି, ପ୍ରମୋଦ ଟାଣ୍ଡି ଏବଂ ହରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ସଞ୍ଚୟର ଗୁରୁତ୍ୱ, ଖର୍ଚ୍ଚ ନିୟନ୍ତ୍ରଣ, ଘରୋଇ ବଜେଟ ପରିଚାଳନା ଏବଂ ଆର୍ଥିକ ସ୍ୱାବଲମ୍ବନତା ବିଷୟରେ ମହିଳାଙ୍କୁ ସଚେତନ କରିଥିଲେ।

## ସମ୍ବର୍ଦ୍ଧନା ପର୍ବ ଓ ଭଜନ ସନ୍ଧ୍ୟା



ଅମ୍ବାଭୋନା, ୧୬।୬(ସମିସ): ପ୍ରକାଶପୁରଠାରେ ଜୟ ଜଗନ୍ନାଥ କଳାପରିଷଦ ପକ୍ଷରୁ ଏକ ସମ୍ବର୍ଦ୍ଧନା ପର୍ବ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିବ ଭୋଇ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୁରୁଶ୍ରୀ ମୁରଲୀଧର ଓ ଗୁରୁଶ୍ରୀ ରବିଶଙ୍କର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସୁବୋଧ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଷ୍ଠା ପରିବାର ଅହମଦାବାଦରେ ସମ୍ବର୍ଦ୍ଧିତ




ବରଗଡ଼, ୧୬।୬(ସମିସ): ଗୁଜରାଟସ୍ଥିତ ଅହମଦାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ମିଳନୀରେ ବରଗଡ଼ ନିଷ୍ଠା ପରିବାର ସମ୍ବର୍ଦ୍ଧିତ ହୋଇଛି। ବରଗଡ଼କୁ ରକ୍ତଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ। ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ ଓ ସଂଯୋଜକ ଭୋଳାନାଥ ସାହୁ ଏହି ସମ୍ମାନ ଗ୍ରହଣ କରିଥିଲେ।

## ଶିବବିବାହ ଉତ୍ସବରେ କନ୍ୟା ଅନ୍ୱେଷଣ ପର୍ବ ସମାପନ

ବରପାଲି, ୧୬।୬(ସମିସ): ବରପାଲି ଶୀତଳଷଷ୍ଠୀ ମହୋତ୍ସବର ଆଦ୍ୟପର୍ବ ପତରପେଣ୍ଡି ନୀତି ସମ୍ପନ୍ନ ହୋଇଛି। ଯାତ୍ରାକମିଟି ଓ ଶୈବଭକ୍ତଙ୍କ ଗହଣରେ ଏକ ଶୋଭାଯାତ୍ରା ଭଣ୍ଡାରଗୃହରୁ ବାହାରି ବାବା କପିଳେଶ୍ୱର ମନ୍ଦିରରେ ପହଞ୍ଚି ଥିଲା। ପୂଜାର୍ଚ୍ଚନା ସହିତ ଶିବପାର୍ବତୀ ଦେବଦମ୍ପତିଙ୍କୁ ପାଲିଙ୍କିଯାତ୍ରାରେ ପରିକ୍ରମା ମାଧ୍ୟମରେ ପୂଜାମଣ୍ଡପ (ଭଣ୍ଡାରଗୃହ)କୁ ଅଣାଯାଇଥିଲା। ଶୋଭାଯାତ୍ରା ଗାନ୍ଧୀଛକରେ ପହଞ୍ଚିଲା ପରେ ଭକ୍ତଙ୍କ ଦ୍ୱାରା ସହସ୍ର ଆରତୀ ଅର୍ପଣ କରାଯାଇଥିଲା। ମଧ୍ୟରାତିରେ ଶ୍ରୀ ଶ୍ରୀ କପିଳେଶ୍ୱର ବାବାଙ୍କ ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା। ମଙ୍ଗଳବାର ପତରପେଣ୍ଡି ଉତ୍ସବ ଆୟୋଜିତ ହୋଇଥିଲା। ହରପାର୍ବତୀ ଓ ନଟରାଜ ଦେବଙ୍କ ସ୍ନାନ ସମାପନ ପରେ ଶତଆରତୀ, ପ୍ରାର୍ଥନା, ଭୋଗ ଅର୍ପଣ ହୋଇଥିଲା। ରୁଦ୍ରଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ପରେ ଦେବଦମ୍ପତିଙ୍କୁ ଅମୃତ ମଣୋହି ଭୋଗ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଆରତୀ, ପ୍ରାର୍ଥନା ପରେ ବାବା କପିଳେଶ୍ୱରଙ୍କ ତରଫରୁ ପାତ୍ରୀ (କନ୍ୟା) ମନୋନୟନ ପତରପେଣ୍ଡି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବା ସହ ହିମାଦ୍ରୀ ନଗର ନୂଆପଡ଼ାରେ ପହଞ୍ଚିଥିଲା। ଏହି ପାତ୍ରୀ ମନୋନୟନ ଉତ୍ସବ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। ଯୋଗେଶ୍ୱର ମନ୍ଦିରରେ ମହାଦୀପ ସଂସ୍ଥାପନ ହୋଇଥିଲା। ବୁଧବାର ଭୈରବ ଦେବଙ୍କ ପରିକ୍ରମାରେ ଦେବନିମନ୍ତ୍ରଣ ଓ ଗୁଆଗୁଣ୍ଡା ବିତରଣ ଉତ୍ସବ ପାଳିତ ହେବ।



## ଜମନକିରାର ମୁକ୍ତେଶ୍ୱର ବାବାଙ୍କ ପତରପେଣ୍ଡି ସମ୍ପନ୍ନ

ଜମନକିରା, ୧୬।୬(ସମିସ): ଶୀତଳଷଷ୍ଠୀ ଯାତ୍ରା ଅବସରରେ ସମ୍ବଲପୁର ଜିଲ୍ଲା ଜମନକିରାସ୍ଥିତ ପ୍ରସିଦ୍ଧ ମୁକ୍ତେଶ୍ୱର ବାବାଙ୍କ ପତ୍ରପେଣ୍ଡି ସମ୍ପନ୍ନ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ରଥ ପୌରୋହିତ କରିଥିଲେ। ଚଳିତ ବର୍ଷ ବର ପିତାମାତା ଭାବେ ସତ୍ୟ ନାରାୟଣ ସାହୁ ଓ ତାଙ୍କ ସହ ଧର୍ମଣୀ ବିନୋଦିନୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିଭଳି କନ୍ୟା ପିତା ମାତା ଭାବେ ରାଜେଶ ପଟେଲ ଓ ତାଙ୍କ ସହ ଧର୍ମଣୀ ସ୍ୱାଗତିକା ପଟେଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରପକ୍ଷ କନ୍ୟାଗୃହରେ ପହଞ୍ଚି ଦେବଦେବ ମହାଦେବଙ୍କ ପାଇଁ ବିବାହ ପ୍ରସ୍ତାବ ଦେଇଥିଲେ। କନ୍ୟା ପିତାମାତା ଏହି ପ୍ରସ୍ତାବରେ ଆନନ୍ଦର ସହ ସମ୍ମତି ପ୍ରକାଶ କରିଥିଲେ। ପରେ ପାରମ୍ପରିକ ନିୟମ ଅନୁସାରେ ଶାଳପତ୍ର, ପଦ୍ମଫୁଲ ଏବଂ ଚନ୍ଦନ ଦେଇ ପତ୍ରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପକ୍ଷରୁ ଏହି ସମସ୍ତ ମାଙ୍ଗଳିକ ଓ ବୈଦିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିସହିତ ଯାତ୍ରା କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଶହ ଶହ ପୁରୁଷ ଓ ମହିଳା ଏହି ଶୋଭାଯାତ୍ରା ସାମିଲ ହୋଇଥିଲେ। ମାଙ୍ଗଳିକ ଉତ୍ସବରେ ମୁକ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପି କେ କାନ୍ହାପାନ, ସମ୍ପାଦକ ସାଲେଗ୍ରାମ ପଧାନ, ରମେଶ ସାହୁ, ଆଦି ପ୍ରସାଦ ମହାକୁଲ ରାଜକୁମାର କେଡ଼ିଆ, ନଟବର ଅଗ୍ରୱାଲ, ଅଶୋକ ମେହେରଙ୍କ ସମେତ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣାଣି ଶିବିରକୁ ଆସିଲେନି ଜିଲ୍ଲାପାଳ

ଝାରବନ୍ଧ, ୧୬।୬(ସମିସ): ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହାଙ୍କ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପାଣ୍ଡବ ଶବର, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା ଏବଂ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ତେବେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ୧୨୮ଟି ବ୍ୟକ୍ତିଗତ ଏବଂ ୨୮ଟି ସାମୂହିକ ଅଭିଯୋଗ ହୋଇଥିଲା।



## ଚଳନ୍ତା ଟ୍ରେନରୁ ଡେଇଁ ମହିଳା ଗୁରୁତର

କୁଚିଣ୍ଡା, ୧୬।୬(ସମିସ): ବାମରା ରେଳ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଡେଇଁ ଜଣେ ମାନସିକ ଅନଗ୍ରସର ମହିଳା ଗୁରୁତର ହୋଇଛନ୍ତି। ଆହତ ମହିଳାଙ୍କୁ ଆର୍‌ପିଏଫ୍ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ସୂଚନା ଅନୁସାରେ, ମଙ୍ଗଳବାର ଭୋର୍‌ରେ ବାମରା ଷ୍ଟେସନ ଅତିକ୍ରମ କରୁଥିବା ୧୨୮୧୧ ମୁମ୍ବାଇ-ହାଟିଆ ଏକ୍ସପ୍ରେସ ଟ୍ରେନରୁ ଜଣେ ମହିଳା ହଠାତ୍ ଡେଇଁ ପଡ଼ିଥିଲେ। ଖବର ପାଇ ଆର୍‌ପିଏଫ୍ କର୍ମଚାରୀ ନବନୀତ ପଟେଲ ଓ ଦୀନେଶ ଚନ୍ଦ୍ର ଯାଦବ ତୁରନ୍ତ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସୁନ୍ଦରଗଡ଼ ମେଡିକାଲକୁ ରେଫର କରାଯାଇଛି। ଆହତ ମହିଳା ଜଣକ ଝାଡ଼ଖଣ୍ଡ ରାଜ୍ୟ ଗୁମଲା ଜିଲ୍ଲା ବସିଆ ଅଞ୍ଚଳର ଅଞ୍ଜଳି ବାର୍ଲା ବୋଲି ପରିଚୟ ମିଳିଛି। ପ୍ରାଥମିକ ତଦନ୍ତରୁ ସେ ମାନସିକ ଅନଗ୍ରସର ବୋଲି ଜଣାପଡ଼ିଛି। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି।

## ମଦ ଓ କଫସିରପ କାରବାରରେ ୨ ଗିରଫ

ସମ୍ବଲପୁର, ୧୬।୬(ସମିସ): ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳରେ ପୁଲିସ ଚଢ଼ଉ କରି ମଦ ଓ କଫସିରାପ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରଭାଟି ଅଞ୍ଚଳର ପ୍ରମୋଦ ଓରାମ (୨୮) ଏବଂ ଭୂତାପଡ଼ାର ମଜହର ଖାନ (୩୪)। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତମାନଙ୍କ ଠାରୁ ୪୨ ଲିଟର ବେଆଇନ ଦେଶୀ ରନ୍ଧା ମଦ ଓ ୩୪ ବୋତଲ କଫ ସିରପ ଜବତ ହୋଇଛି। ଏହି କାରବାରରେ ବ୍ୟବହୃତ ହେଉଥିବା ଏକ ବାଇକ୍ ମଧ୍ୟ ପୁଲିସ ଜବତ କରିଛି। ପୁଲିସ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ ସୂଚନା ଦେଇଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

ସମ୍ବଲପୁର, ୧୬।୬(ସମିସ): ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ତବଲା ଗ୍ରାମ ନିକଟରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଗମ୍ଭାରୀପଙ୍କ ଗ୍ରାମର ଅମିତ ସାହୁ (୨୩)। ସୂଚନା ଅନୁଯାୟୀ, ଅମିତ ସାହୁ ଓ ଆକାଶ ବାଙ୍କ ଏକ ବାଇକ ଯୋଗେ ଯାଉଥିବାବେଳେ ସାମ୍ନା ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ସେମାନଙ୍କ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଅମିତଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଶାସନ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାମରାରେ ୧୧୮ ଅଭିଯୋଗ ଗ୍ରହଣ



କୁଚିଣ୍ଡା, ୧୬।୬(ସମିସ): ବାମରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମ୍ବଲପୁର ଜିଲ୍ଲାପାଳ ଅନୁପସ୍ଥିତ ଥିବାବେଳେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ (ଡିଆର୍‌ଡିଏ) ପ୍ରସନ୍ନ ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ୍ ସି, କୁଚିଣ୍ଡା ଉପଖଣ୍ଡ ପୁଲିସ ଅଧିକାରୀ ପ୍ରଦୀପ ଦାସ, ଏସିଏଫ୍ ଆଲୋକ ଷଡ଼ଙ୍ଗୀ, ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ ଏବଂ ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୮୬ଟି ବ୍ୟକ୍ତିଗତ ଓ ୩୨ଟି ଗୋଷ୍ଠୀଗତ ରହିଥିଲା। ଶିବିର ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର କିରାଣି ଜୟମଙ୍ଗଳ ସେଠ, ସରୋଜ କିସାନ, ସଞ୍ଜୟ ରାଉତ, ପ୍ରିୟଙ୍କା ମେହେରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଜଣେ ଗୁରୁତର

କୁଚିଣ୍ଡା, ୧୬।୬(ସମିସ): ବାମରା-କୁଚିଣ୍ଡା ମୁଖ୍ୟ ରାସ୍ତାର ପି. ନିକ୍ତିମାଲ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେ ହେଲେ ପାରୀମୁଣ୍ଡା ନିକ୍ତିମାଲ ଗ୍ରାମର ବେଞ୍ଜାମିନ ଗୁଡ଼ିଆ। ଗତକାଲି ରାତିରେ ବେଞ୍ଜାମିନ ରାସ୍ତା ପାର ହେଉଥିବାବେଳେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ବଡ଼ ମେଡିକାଲକୁ ପଠାଯାଇଛି।

## ପୋଲ ଉପରେ ଅଟୋ ଓଲଟି ଜଣେ ଗୁରୁତର, ୭ ଆହତ

ରେଢ଼ାଖୋଲ, ୧୬।୬(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚୁଡାପୁଡୁଗ ଗ୍ରାମ ରାସ୍ତାର ଶିମିଳି ପୋଲ ଉପରେ ଅଟୋ ଓଲଟି ଜଣେ ଗୁରୁତର ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ସମସ୍ତେ ଚୁଡାପୁଡୁଗ ଓ ଭାଡିଦର ଗ୍ରାମର ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ରେଢ଼ାଖୋଲରୁ ବଜାର ସାରି ଅଟୋ ଯୋଗେ ଘରକୁ ଫେରୁଥିବା ବେଳେ ଅଟୋଟି କୌଣସି କାରଣରୁ ପୋଲ ଉପରେ ଓଲଟି ପଡ଼ିଥିଲା। ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତ ଓ ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

# ପଟ୍ଟା ମିଳିଛି; ହେଲେ ମିଳୁନି ଜମି

### ୩ ବର୍ଷ ଧରି ଅପେକ୍ଷାରେ ୧୦୦ରୁ ଅଧିକ ପରିବାର

ବରଗଡ଼, ୧୬।୬(ସମିସ)

ବରଗଡ଼ ବ୍ଲକ କୁରୁଆଁ ପଞ୍ଚାୟତରେ ବସୁନ୍ଧରା ଯୋଜନାରେ ପଟ୍ଟା ପାଇଥିବା ୧୦୦ରୁ ଅଧିକ ଭୂମିହୀନ ପରିବାର ଦୀର୍ଘ ୩ ବର୍ଷ ହେଲା ଜମିର ବାସ୍ତବ ଦଖଲ ପାଇବାକୁ ଅପେକ୍ଷା କରି ରହିଛନ୍ତି। ସରକାରୀ ଭାବେ ୨ ଡିସିମିଲ ଲେଖାଏ ଘରଡିହ ଜମିର ପଟ୍ଟା ପ୍ରଦାନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ହିତାଧିକାରୀଙ୍କୁ ଜମିର ଦଖଲ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। କୁରୁଆଁ ପଞ୍ଚାୟତର ବିଭିନ୍ନ ଗ୍ରାମର ଭୂମିହୀନ ଓ ଗରିବ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପ୍ରଦାନ କରାଯାଇଥିଲା; କିନ୍ତୁ ପଟ୍ଟା ବଣ୍ଟନର ୩ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ଏବଂ ଦଖଲ ପ୍ରଦାନ କରାଯାଇନାହିଁ। ଏହାଫଳରେ ଅନେକ ପରିବାର ନିଜ ଘର ନିର୍ମାଣ କରିବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀଙ୍କ ଅଭିଯୋଗ ଯେ, ସେମାନେ ବାରମ୍ବାର ବରଗଡ଼ ତହସିଲଦାର ସୋନାଲୀ ପଟ୍ଟନାୟକ ଏବଂ କୁରୁଆଁ ଆରଆଇଙ୍କ ନିକଟରେ ଲିଖିତ ଓ ମୌଖିକ ଭାବରେ ଗୁହାରି କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ବରଗଡ଼ ତହସିଲ ଅଫିସକୁ ଅନେକ ଥର ଗଲେ ବି ତହସିଲଦାରଙ୍କ ଦେଖା ମିଳୁନି। ଅଧସ୍ତନ କର୍ମଚାରୀଙ୍କୁ କହିଲା ପରେ ବି କିଛି କାମକୁ ନାହିଁ। ଏହାଦ୍ୱାରା ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାର ମୂଳ ଉଦ୍ଦେଶ୍ୟ ବିଫଳ ହେଉଥିବା ସେମାନେ କହିଛନ୍ତି। ପଟ୍ଟାଧାରୀ ହିତାଧିକାରୀ କହିଛନ୍ତି ଯେ, ସରକାର ପଟ୍ଟା ଦେଇଛନ୍ତି, କିନ୍ତୁ ଜମି ଦଖଲ ନ ମିଳିବାରୁ ଏହା କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ୩ ବର୍ଷ ଧରି ଅଧିକାରୀଙ୍କ ଦ୍ୱାରସ୍ଥ ହେଉଛନ୍ତି; କିନ୍ତୁ କୌଣସି ସୁଫଳ ମିଳୁନାହିଁ। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସତର୍କ କରିଛନ୍ତି।



## ପଦକ ଜିତିଲେ ପେନ୍‌ଚକ୍ ସିଲାଟ ପ୍ରତିଯୋଗୀ

ବରଗଡ଼, ୧୬।୬(ସମିସ): ଖୋର୍ଦ୍ଧା ଇନଡୋର ଷ୍ଟାଡିୟମରେ ନବମ ରାଜ୍ୟସ୍ତରୀୟ ପେନଚକ ସିଲାଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୫୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ବରଗଡ଼ ଜିଲ୍ଲାରୁ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ୨୦ ଜଣ ଯୁବ କ୍ରୀଡାବିତ ଏହି ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ବର୍ଗରେ ପଦକ ଜିତିଛନ୍ତି। ଶିବଂଶୀ ଦାଶ ୨ଟି ସ୍ୱର୍ଣ୍ଣ, ପ୍ରିନଜଲ ମେହେର ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, କ୍ରୀତିକା ସାହୁ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ, ଟି ନିବେଦିତା ଦାସ ୨ଟି ସ୍ୱର୍ଣ୍ଣ, ରାହି ପ୍ରିୟଦର୍ଶନୀ ସ୍ୱାଇଁ ଗୋଟିଏ ରୌପ୍ୟ, ସଚିନ ସିଂହଳ ଗୋଟିଏ ବ୍ରୋଞ୍ଜ, କ୍ରିତି ନାଗ ଗୋଟିଏ ବ୍ରୋଞ୍ଜ, ସ୍ୱସ୍ତିକ ମିଶ୍ର ଗୋଟିଏ ବ୍ରୋଞ୍ଜ, ରୋହନ କନ୍ଦ୍ରା ଗୋଟିଏ ରୌପ୍ୟ, ଏସ୍ ଲକ୍ଷ୍ୟ ଗୋଟିଏ ରୌପ୍ୟ, ଶୁବନାଥ ସେଠ ଗୋଟିଏ ରୌପ୍ୟ, ଅର୍ଣ୍ଣଭିର ସିଂ ଗୋଟିଏ ରୌପ୍ୟ, ସିବୟା କର ଗୋଟିଏ ବ୍ରୋଞ୍ଜ, ଦ୍ୱାରିକେଶ ପାତ୍ର ଗୋଟିଏ ବ୍ରୋଞ୍ଜ, ସ୍ୱର୍ଣ କୁମାରୀ ବରାଦ ଗୋଟିଏ ରୌପ୍ୟ, ଅନ୍ୟନା ଜେନା ଗୋଟିଏ ବ୍ରୋଞ୍ଜ, ଗଗନଦୀପ ସିଂ ଗୋଟିଏ ବ୍ରୋଞ୍ଜ, ପ୍ରଭୁଦତ୍ତ ମିଶ୍ର ୨ଟି ବ୍ରୋଞ୍ଜ ଓ ସୌମ୍ୟ ଶ୍ରୀମୟ ଶତପଥୀ ଗୋଟିଏ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ପ୍ରଦୀପ ମେହେର ରେଫରି ଥିଲେ। ବରଗଡ଼ ଜିଲ୍ଲା ପେନଚକ ସିଲାଟ ସଭାପତି ପ୍ରୀତମ ବେହେରା, ମେମ୍ବର କୈଳାଶ ଦାସ, ଫକିର ମୋହନ ବାଗ, ଦୀପକ ସେଠ, ଝସକେତନ ଷଡଙ୍ଗୀ ଓ ନୀହାର ପଣ୍ଡା ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବରଗଡ଼ ରେଳ ଷ୍ଟେସନ୍‌ଠାରେ ସ୍ୱାଗତ କରିଥିଲେ।



# ଅଭିଯୋଗ ଶୁଣାଣି ଶିବିରକୁ ଆସି ଅଧିକାରୀ ହଟହଟା

ଦେବଗଡ଼, ୧୬।୬(ସମିସ)

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଝରାକଣ୍ଟ ପଞ୍ଚାୟତ ପୁରୁଣାପାଣି-ଝିଙ୍ଗା ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ମାସ ହେବ ଅଧାପନ୍ତରିଆ ପଡ଼ି ରହିଛି। ଏଥିଯୋଗୁଁ ଗ୍ରାମବାସୀ ପ୍ରତିଦିନ ପ୍ରଦୂଷଣ ଓ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦ କରି ଝରାକଣ୍ଟ ପଞ୍ଚାୟତରେ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ଶିବିରରେ ଲୋକେ ଉତ୍ତେଜିତ ହୋଇ ଉଠିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଉପ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଅଟକ ରଖିଥିଲେ। କାହାକୁ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଅଭିଯୋଗ ଶିବିରକୁ ଗ୍ରାମବାସୀ ବିରୋଧ କରିଥିଲେ। ତେବେ ପ୍ରବଳ ଗୁଳୁଗୁଳି ସହ ଉତ୍ତେଜନା ମଧ୍ୟରେ କେତେକ ଗ୍ରାମବାସୀ ରାସ୍ତା ଉପରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଉପସ୍ଥିତ ଅଧିକାରୀମାନେ ବୁଝାସୁଝା ପାଇଁ ପ୍ରୟାସ କରି ନୟାନ୍ତ ହୋଇଥିଲେ। ଲୋକଙ୍କ ବିରୋଧ, ଅସନ୍ତୋଷ ଯୋଗୁଁ ଅଭିଯୋଗ ଶୁଣାଣି ଶିବିର ହୋଇ ପାରି ନ ଥିଲା। ସେହିପରି ଘଟଣା ସ୍ଥଳରେ ବାରକୋଟ ଥାନା ପୁଲିସ ମଧ୍ୟ ବୁଝାସୁଝା କରି ବିଫଳ ହୋଇଥିଲା। ଶିବିରରେ ଯୋଗ ଦେବାକୁ ଯାଇଥିବା ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଶେଷରେ ଫେରି ଆସିଥିଲେ। ତେବେ ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରା ନ ଗଲେ ପ୍ରଶାସନିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ ବିରୋଧ କରିବା ସହ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

- ରାସ୍ତା କାମକୁ ନେଇ ଲୋକେ ତାତିଲେ
- ବୁଝାଇ ପାରିଲେନି ଅଧିକାରୀ କି ପୁଲିସ
- ବାତିଲ ହେଲା ଅଭିଯୋଗ ଶୁଣାଣି ଶିବିର
- ଫେରିଗଲେ ଉପ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ



# ଆଜିଠାରୁ ବଲାଙ୍ଗିରରେ ଶୀତଳ ଷଷ୍ଠୀ ଯାତ୍ରା

ବଲାଙ୍ଗିର, ୧୬।୬(ସମିସ): ଆଜିଠାରୁ ବଲାଙ୍ଗିରରେ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହେବ। ଜଗତଜନନୀ ମା' ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ବିବାହ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ତୁଙ୍ଗରେ ହୋଇଛି। ସହରର ବିଭିନ୍ନ ଯାତ୍ରା କମିଟି ସହ ଦେବ ଦମ୍ପତିଙ୍କ ମାତା-ପିତା ଦାୟିତ୍ୱ ନିର୍ବାହ କରୁଥିବା କର୍ତ୍ତା ବେଶ୍ ଉତ୍ସାହର ସହ ପାଳନ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଚଳିତବର୍ଷ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ବା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବଲାଙ୍ଗିର ସହର ଚଳଚଞ୍ଚଳ ହୋଇପଡ଼ିଛି। ବଲାଙ୍ଗିରରେ ୧୭ ଓ ୧୮ରେ ଦେବଦମ୍ପତି ମନ୍ଦିରରୁ ନିଜ ନିଜ ପିତାମାତାଙ୍କ ଗୃହକୁ ଗମନ କରିବେ। ୧୮ ତାରିଖ ରାତିରେ ବିବାହ ଉତ୍ସବ ସମ୍ପନ୍ନ ପରେ ୧୯ରେ ଦେବଦମ୍ପତି ଶ୍ରଦ୍ଧାଳୁଙ୍କୁ ଯୁଗଳ ମୂର୍ତ୍ତିରେ ଦର୍ଶନ ଦେବେ। ୨୦ରେ ଦେବ ଦମ୍ପତି ଲେଉଟାଣି ଶୋଭାଯାତ୍ରାରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ସହରର ବିଭିନ୍ନ ଶିବାଳୟ ପକ୍ଷରୁ ବର ଓ କନ୍ୟାପକ୍ଷ ମନୋନୀତ ହୋଇଛନ୍ତି। ସୁଦପଡ଼ା, ପେଲେସଲାଇନ, ଏବିଏସଏସ, ବିବିଏସଏସ, କଂସାରିପଡ଼ା, ଗାନ୍ଧୀନଗରପଡ଼ା, ରାଧାରାଣୀପଡ଼ା, ବ୍ରାହ୍ମଣପଡ଼ା, ଲାଲଟିକ୍ରା, ରେଳଷ୍ଟେସନ ରୋଡ, ସାଗରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ସରିଛି। ହିନ୍ଦୁ ପରମ୍ପରାର ବିବାହ ରୀତିନୀତି ଅନୁଯାୟୀ ଦେବ ଦମ୍ପତିଙ୍କ ପିତାମାତାଙ୍କ ଘରେ ପୂଜାବିଧି ଆରମ୍ଭ ହୋଇଛି। ନିମନ୍ତ୍ରଣଠାରୁ ଆରମ୍ଭ କରି ବରଯାତ୍ରୀ ପର୍ଯ୍ୟନ୍ତ ସବୁ କିଛି ଆୟୋଜନ କରାଯାଇଛି। ପ୍ରଶାସନ ପକ୍ଷରୁ ସମସ୍ତ କମିଟି କର୍ମକର୍ତ୍ତାଙ୍କ ସହ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଛି। ନିୟମ ଅନୁସାରେ ଯାତ୍ରା ଆୟୋଜନ କରିବାକୁ କମିଟି କର୍ମକର୍ତ୍ତାଙ୍କୁ ସମସ୍ତ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ଯାତ୍ରାରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୁଲିସ ଅଧିକାରୀଙ୍କ ନେତୃତ୍ୱରେ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ସହ ନିଶା କାରବାର ଉପରେ ଦୃଷ୍ଟି ଦେବାକୁ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ସୂଚନା ଦେଇଛନ୍ତି।

- ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଇଁ ସବୁଆଡେ ଉତ୍ସାହ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ
- ୨୦ ରେ ଲେଉଟାଣି ଶୋଭାଯାତ୍ରା

## ମଇଦାନକୁ ଓହ୍ଲାଇବା ପୂର୍ବରୁ ବିଜେଡିର ରଣନୀତି

- କୋକସରାରେ ବୁଥ୍ ଏଜେଣ୍ଟଙ୍କ ମହାମନ୍ଥନ




କୋକସରା, ୧୬।୬(ସମିସ): ବୁଥ୍‌ସ୍ତରରେ ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବାକୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଏହି ବୁଥ୍‌ସ୍ତରୀୟ ଏଜେଣ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଛି। ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ମୌଷଧି ବାଗ, ଗୋବର୍ଦ୍ଧନ ଦାସ, ଜିଲ୍ଲା ଉପସଭାପତି ବଦ୍ରିନାରାୟଣ ପଟ୍ଟନାୟକ, ଟିକେଲାଲ ସାହୁ, ଏସଟିସେଲ ଜିଲ୍ଲା ସଭାପତି ପ୍ରଶାନ୍ତ ନାଏକ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଋତୁରାଜ ମାଝି ଓ ଜିଲ୍ଲାପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

ବିଶେଷ କରି ବୁଥ୍ ସ୍ତରରେ ଏଜେଣ୍ଟମାନେ କିଭଳି ସଫଳତାର ସହ କାର୍ଯ୍ୟ ତୁଲାଇବେ ସେ ନେଇ ପ୍ରଶିକ୍ଷକମାନେ ଉପାଦେୟ ଟିପ୍ସ ଦେଇଥିଲେ। ଏହା ସହିତ 'ଏସ୍‌ଆଇଆର' ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ ଶାସକ ଦଳର ଲୋକେ ବିଭିନ୍ନ ଚକ୍ରାନ୍ତ କରି ଏସ୍‌ଆଇଆର ଅଳରେ ଭୋଟରଙ୍କୁ ପ୍ରଭାବିତ କରୁଥିବା କଥା କର୍ମୀମାନଙ୍କୁ ଅବଗତ କରାଯାଇଥିଲା। ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ବୁଥ୍ ଏଜେଣ୍ଟଙ୍କ ସହିତ ମହାମନ୍ଥନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ପଙ୍କଜ ପୋଡ, ଧବଳେଶ୍ୱର ନାଗ, ଆମପାଣି ଜୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ପ୍ରଶାନ୍ତ ତିୱାରୀ, ମହେଶ ଗୁପ୍ତା, ଭକ୍ତିରାମ ପୋଡ, ଅଭିମନ୍ୟୁ ଗୋପାଳ, ରବିନାରାୟଣ ଦାସ, ସଞ୍ଜୟ ସିଙ୍ଘଲ, ବିନୋଦ ସିଂ, ପ୍ରେମଲାଲ ଶବର, ଧର୍ମାନନ୍ଦ ନାଏକ, ବିମଳ କ୍ରିଷ୍ଣ ଦାସ, ବାବୁ ସାହୁ, ମୁକ୍ତେଶ୍ୱର ନାଏକ ସମେତ କୋକସରା ବ୍ଲକର ୩ଟି ଜିଲ୍ଲାପରିଷଦ ଜୋନ୍‌ର ସମସ୍ତ ପଞ୍ଚାୟତ ସ୍ତରୀୟ ସଭାପତିଙ୍କ ସମେତ ଶତାଧିକ ସକ୍ରିୟ ଦଳୀୟ କର୍ମୀ ଯୋଗଦେଇ ସଂଗଠନକୁ ଆଗକୁ ନେବାକୁ ସଂକଳ୍ପ କରିଥିଲେ।

## ବିପୁଳ ମହୁଲ ପୋଚ ସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ



ଶଗଡ଼ା, ୧୬।୬(ସମିସ): ବାଉଁଶୁଣୀ ପୁଲିସ ରେଙ୍ଗାଲି ନିକଟ ନାଳରେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିବା ସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଘଟଣା ସ୍ଥଳରୁ ପୁଲିସ ୭୦କେଜି ମହୁଲ ପୋଚ ଜବତ କରି ନଷ୍ଟ କରିବା ସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି। ତେବେ ପୁଲିସକୁ ଦେଖି ମାଫିଆ ଘଟଣା ସ୍ଥଳରୁ ଫେରାର ମାରିଥିଲେ।

## ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରାରେ ସାମିଲ ହେଲେ ୩୦ ଯାତ୍ରୀ

ଦେବଗଡ଼, ୧୬।୬(ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିରୋଇସ୍ଥିତ ନୂଆ ବସ୍‌ଷ୍ଟାଣ୍ଡରେ ରାଜ୍ୟ ସରକାରଙ୍କ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୩ ବ୍ଲକ ଓ ପୌରପରିଷଦରୁ ୯ ଜଣ ମହିଳା ଓ ୨୧ ଜଣ ପୁରୁଷ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେମାନେ ସୋମନାଥ ଯାତ୍ରା କରିଛନ୍ତି। ଯାତ୍ରୀଙ୍କୁ ସୁରକ୍ଷିତ ନେବା ପାଇଁ ସେମାନଙ୍କ ଦାୟିତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଏସ୍କର୍ଟ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ଦୟାଲ ଓମ୍ ପ୍ରକାଶ ସାହୁ ଯାତ୍ରା କରଛନ୍ତି।

# କିର୍ମିରାରେ ଜନ ଅଭିଯୋଗ ଶୁଣାଣି



ଝାରସୁଗୁଡ଼ା, ୧୬।୬(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ୩୮ଟି ଅଭିଯୋଗରୁ ୧୫ଟି ସାମୂହିକ ଥିଲା। ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା, କଙ୍କରାମୁଣ୍ଡା ଗ୍ରାମର ଗଣ୍ଡପଡ଼ାରେ ନଳକୂପ ମରାମତି, ଜୋରଡୁଲି ପାଖରେ ଗଭିର ନଳକୂପ ଖନନ, ଚେକଡ୍ୟାମ ତିଆରି, ଧୁତୁରା ଗ୍ରାମର କେତେକ ଚାଷୀଙ୍କ ଜମିରେ ରେଳ ଲାଇନ ତିଆରି ଓ ଧୁତୁରା ମୁଖ୍ୟ ରାସ୍ତା ପିଚୁ କରିବା, କାଦୋବାହାଲ ସ୍କୁଲରେ ପିଇବା ପାଣି ସୁବିଧା, ବାଗଡ଼ିହି ମୁଖ୍ୟ ରାସ୍ତା ମରାମତି, ତେଲିତିହି ମୁଖ୍ୟ ରାସ୍ତା ମରାମତି, ସିଆଳରମା ଅଙ୍ଗନବାଡି କେନ୍ଦ୍ରରେ ବର୍ଷାପାଣି ଝରୁଥିବାରୁ ମରାମତି, ଅର୍ଡ଼ାରୁ ତାଲମାଲ ରାସ୍ତା ମରାମତି ନେଇ ସାହୂହିକ ଅଭିଯୋଗ ଆସିଥିଲା। ସେହିଭଳି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଜମି ବିବାଦ, ପ୍ରଧାନମନ୍ତ୍ରୀ ପକ୍କା ଘର, ମାସିକ ଭତ୍ତା ୧୦୦୦ରୁ ୩୫୦୦ ଶହ ଟଙ୍କା ବୃଦ୍ଧି ନେଇ ଅଭିଯୋଗ ହୋଇଥିଲା। ଶିବିରରେ ଜିଲ୍ଲା ଆଦିବାସୀ ଉନ୍ନୟନ ଅଧିକାରୀ ସଞ୍ଜୀବ ପଟେଲ, ଅତିରିକ୍ତ ଏସ୍‌ପି ଜ୍ୟୋସ୍ନାମୟୀ ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମାଧୁରୀ ପଟେଲ, ବିଡିଓ ଅବିନାଶ ଲାକ୍ରା, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ ସହ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ବଡ଼ଗୁଣ୍ଡୁରୀସାହିରେ ରକ୍ତଦାନ ଶିବିର




ହରଭଙ୍ଗା, ୧୬।୬(ସମିସ): ବୌଦ୍ଧର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୟୂରୀ ଇଣ୍ଡିଆ ଆନୁକୂଲ୍ୟରେ ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ବଡ଼ଗୁଣ୍ଡୁରୀସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଜିତେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ପ୍ରଦୀପ୍ତ ସାହୁ, ଛତ୍ରଙ୍ଗର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ସୁଶୀଲ ପ୍ରଧାନ, ସଂକୁଲେଇ ସରପଞ୍ଚ ପ୍ରତିନିଧି ସତ୍ୟବାଦୀ ଚାଉଳିଆ ଯୋଗ ଦେଇଥିଲେ। ନନ୍ଦିନୀ ପ୍ରଧାନ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ସୁଧିର ଦୀପ ସମ୍ପାଦକୀୟ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅମିତାଭ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ସିଦ୍ଧାର୍ଥ ଶଙ୍କର ସାହୁ, ବୌଦ୍ଧ ରକ୍ତ କେନ୍ଦ୍ରର ଲାବ ଟେକନିସିଆନ ଦିଲ୍ଲୀପ ଭୋଇ, କାଉନସେଲର ବନୋଜ ପ୍ରଧାନ, ନର୍ସିଂ ଅଫିସର ଜୁଡ଼ା ଶବର, ଆଟେଣ୍ଡାଣ୍ଟ ସୁରଜ ଶେଖର ଭୋକ୍ରା ପ୍ରମୁଖ ଯୋଗଦେଇ ୩୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଗ୍ରାମର ରଶ୍ମିରଞ୍ଜନ ବେହେରା, ହେମନ୍ତ ବେହେରା, ଅଜିତ ପ୍ରଧାନ, ସଞ୍ଜୟ ଦୀପ, ରମେଶ ପ୍ରଧାନ, ମୌସମ ନାଏକ, ୱାର୍ଡମେମ୍ବର ତରଣୀସେନ ପ୍ରଧାନ ଏବଂ ଧୁଙ୍ଗିଆମୁଣ୍ଡା ସଭାପତି ରବି ବେହେରାଙ୍କ ସହ ଉଭୟ ଧୁଙ୍ଗିଆମୁଣ୍ଡା ଓ ଗୁଣ୍ଡୁରୀସାହି ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମୁଣ୍ଡିପଦରରେ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର

ଜହ୍ନାପଙ୍କ, ୧୬।୬(ସମିସ): ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ମୁଣ୍ଡିପଦର ଗ୍ରାମରେ ୱାଇସିଡ଼ିଏ ଓ ଦେଶାଇ ଫାଉଣ୍ଡେସନର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଉଁଶୁଣୀ ମେଡିକାଲର ଡାକ୍ତର ଡ. ପ୍ରାଚୀ ଗୁପ୍ତା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ମିତାଞ୍ଜଳି ମଳିକ ଓ ଅଭିଜିତ ତରିଆ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିଥିଲେ। ତାଙ୍କ ସହ ମୁଣ୍ଡିପଦର ଗ୍ରାମର ଅଙ୍ଗନବାଡି ଓ ଆଶା କର୍ମୀ ସହଯୋଗ କରିଥିଲେ। ଏହି ଶିବିରରେ ୮ଟି ଗ୍ରାମର ୩୦୬ ମହିଳା, ପୁରୁଷ ଯୋଗ ଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମହେଶ ମେହେରଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିଲା। ଜ୍ୟୋସ୍ନାରାଣୀ ମହାନନ୍ଦିଆ ସହଯୋଗ କରିଥିଲେ।




## ଶିଶୁ ଶ୍ରମିକ ନିରାକରଣ ସଚେତନତା ପକ୍ଷ ପାଳିତ

ଦେବଗଡ଼, ୧୬।୬(ସମିସ): ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପାଇଁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପ ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲ୍ଲା ଶ୍ରମ ଅଧିକାରିଣୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହର ପରିକ୍ରମା କରି ଜିଲ୍ଲା ସୂଚନା ଲୋକସମ୍ପର୍କ ପାଠାଗାରରେ ପହଞ୍ଚିଥିଲା।

## ଖଟଖଟିଆ ସେବା ସମବାୟ ସମିତିରେ ଭଙ୍ଗାରୁଜା

ମନମୁଣ୍ଡା, ୧୬।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ଅଧୀନ ଖଟଖଟିଆରେ ନବ ନିର୍ମିତ ସେବା ସମବାୟ ସମିତିରେ ଦୁର୍ବୃତ୍ତ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସମ୍ପାଦକ ଅମ୍ବରିଶ ବାଘ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା କ୍ରମେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି। ଖଟଖଟିଆ ଗ୍ରାମର ସାଗର ବସ୍ତିଆ, ବବୁନ ବସ୍ତିଆ, ରାହୁଲ ମାଝୀ, ଚନ୍ଦ୍ରଶେଖର ଗରିଆ ଏବଂ ଆହୁରି ଅନେକ ନୂବ ନିର୍ମିତ ମାଁ ମେଟାକାନି ସେବା ସମବାୟ ସମିତି କାର୍ଯ୍ୟାଳୟର ବିଦ୍ୟୁତ୍ ବୋର୍ଡ, ବଲବ୍, ବୋରୱେଲ ପାଇପ, ପାଣି ପମ୍ପ, ଝରକା ଇତ୍ୟାଦି ଅନେକ ଜିନିଷ ମେଢା, ଟାଙ୍ଗିଆ ଇତ୍ୟାଦି ଦ୍ୱାରା ଭଙ୍ଗାରୁଜା କରିଛନ୍ତି। ରାତ୍ର ଜଗୁଆଳି ସତ୍ୟନାରାୟଣ ହାତୀ ପାଟି କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେବା ସହ ମାରିବାକୁ ଗୋଡ଼ାଇଥିଲେ। ଜୀବନ ବଞ୍ଚାଇବା ସକାଶେ ଚିତ୍କାର କରିବା ପୂର୍ବକ ସେ ଧାଇଁ ପଳାଇ ଯିବାରୁ ବଞ୍ଚିଯାଇଥିଲେ। ଖଟଖଟିଆ ଗ୍ରାମର ଅଜିତ ସୁନା, ନେପାଳ ମହାନନ୍ଦିଆ, ଶୁଭଦୟ ମହାନନ୍ଦିଆ, ରୋଶନ ମହାନନ୍ଦିଆ, ଜଗା ମହାନନ୍ଦିଆ ପ୍ରମୁଖ ପାଟିତୁଣ୍ଡ ଶୁଣି ଆସିବାରୁ ଦୁର୍ବୃତ୍ତ ପଳାଇ ଯାଇଥିଲେ। ତେବେ ସେମାନଙ୍କ ବିରୋଧରେ ଯିଏ ଥାନାରେ ଜଣାଇବ ସେମାନଙ୍କୁ ଜୀବନରୁ ମାରି ଶେଷ କରିଦେବେ ବୋଲି ଧମକ ଦେଇଥିଲେ।

## ବେହେରାମାଲ ପଞ୍ଚାୟତରେ ଅଭିଯୋଗ ଶୁଣାଣି




ଡୁଙ୍ଗୁରିପାଲି, ୧୬।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅଧୀନ ବେହେରାମାଲରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨ଟି ବ୍ୟକ୍ତିଗତ ଓ ୩ଟି ସାହୁହିକ ଅଭିଯୋଗ ଆସିଥିଲା। ବିଡିଓ ସଞ୍ଜୀବ ସାହୁ ଯୋଗ ଦେଇ ଅଭିଯୋଗ ଶୁଣାଣି କରିଥିଲେ। ବେହେରାମାଲ ସରପଞ୍ଚ ନରେଶ ପୂଝରୀ ଓ ପିଇଓ ମାନିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଆବାସ ଘର ଯୋଜନା, ରାସନ କାର୍ଡ, ଭତ୍ତା ନେଇ ଅଭିଯୋଗ ହୋଇଥିଲା।

## ବିକାଶ ଓ ଉପଲବ୍ଧି ବର୍ଣ୍ଣନା କଲେ ରାଜସ୍ୱ ମନ୍ତ୍ରୀ

ଦେବଗଡ଼, ୧୬।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରେକ୍ଷାଳୟଠାରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ୨ ବର୍ଷର ପୂର୍ତ୍ତି ଅବସରରେ ବିକାଶ ଓ ଉପଲବ୍ଧି ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସିଆରସିସି ପ୍ରାଣବନ୍ଧୁ ଘଡେଇ ଓ ଶିକ୍ଷକ ବିଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଡ଼ିଓଙ୍କୁ ଭେଟିଲେ ବଡ଼ନୂଆପାଲି ଗ୍ରାମବାସୀ



ଡୁଙ୍ଗୁରିପାଲି, ୧୬।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ବଡ଼ନୁଆପାଲି ଗ୍ରାମର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଗାଁକୁ କଂକ୍ରିଟ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଏଣୁ ଶୀଘ୍ର କାମ କରିବାକୁ ବିଡ଼ିଓଙ୍କୁ ଏମାନେ ଅବଗତ କରିଥିଲେ। ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ଶତପଥୀ, ୱର୍ଡସଭ୍ୟ ଚୁଡାମଣି ପଧାନ, ପରମେଶ୍ୱର ନାଏକ, ସତ୍ୟନାରାୟ ସା, ସୁଦାମ ଦିଶ୍ରୀ, ମୁନୁ ଦିଶ୍ରୀ, ବିଷ୍ଣୁ ସୁନା, ରସିକ ସାଗର ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ।

# କମିନି ଗ୍ରୀଷ୍ମ ପ୍ରବାହ; ଚିନ୍ତାରେ ଅଭିଭାବକ

- ୪୦ ଡିଗ୍ରୀ ଖରାରେ ସ୍କୁଲ ଯିବେ ଛାତ୍ରଛାତ୍ରୀ
- ମୁଣ୍ଡଫଟା ଖରା, ପ୍ରବଳ ଗୁଳଗୁଳିରେ ସିଝିବେ ଛାତ୍ରଛାତ୍ରୀ

ବଲାଙ୍ଗିର, ୧୬।୬(ସମିସ)

ବଲାଙ୍ଗିରରେ ଖରା ପ୍ରକୋପ ଜାରି ରହିଛି। ଗତ ସପ୍ତାହେ ଭିତରେ ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀରୁ ତଳକୁ ଖସି ନ ଥିବା ବେଳେ ଏପଟେ କିନ୍ତୁ ସ୍କୁଲ ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇସାରିଛନ୍ତି। ତାହା ପୁଣି ସକାଳ ୧୦ଟାରୁ ୪ ଟା ପର୍ଯ୍ୟନ୍ତ ସମୟ ରଖାଯାଇଛି। ଏଣୁ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି। ପ୍ରାୟତଃ ଜୁନ ୧୫ ତାରିଖ ସୁଦ୍ଧା ବର୍ଷା ହୋଇଥାଏ। ନ ହେଲେ କାଳ ବୈଶାଖୀ ବର୍ଷା ଯୋଗୁଁ କିଛିଟା ତାପମାତ୍ରା କମିଥାଏ; କିନ୍ତୁ ଚଳିତ ବର୍ଷ ଜିଲ୍ଲାର ପାଗ ଭିନ୍ନ ରହିଛି। ୧୮ ତାରିଖରୁ ସ୍କୁଲ ଖୋଲିବାକୁ ନେଇ ଅଭିଭାବକ ଚିନ୍ତାରେ ରହିଛନ୍ତି।

ଆସନ୍ତା ୧୮ ତାରିଖରୁ ରାଜ୍ୟରେ ସମସ୍ତ ସ୍କୁଲ, କଲେଜ ଖୋଲିବା ନେଇ ସରକାର ଘୋଷଣା କରିସାରିଛନ୍ତି; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଛୁଟି ବଢ଼ାଇବା ନେଇ ଅଭିଭାବକ ମହଲରେ ଦାବି ଉଠିଛି। ଗତ ଗୋଟିଏ ସପ୍ତାହ ଭିତରେ ଜିଲ୍ଲାରେ ତାପମାତ୍ରା କମି ନ ଥିବା ବେଳେ ୪୦ ଡିଗ୍ରୀ ଉପରେ ହିଁ ରହିଛି। ମଙ୍ଗଳବାର ତାପମାତ୍ରା ୩୮ ରୁ ୪୦ ଡିଗ୍ରୀ ରହିଥିବା ବେଳେ ସୋମବାର ମଧ୍ୟ ସମାନ ତାପମାତ୍ରା ରହିଥିଲା। ରବିବାର ୩୯ ଡିଗ୍ରୀ, ଶନିବାର ୪୦ ଡିଗ୍ରୀ, ଶୁକ୍ରବାର ୪୧ ଡିଗ୍ରୀ, ଗୁରୁବାର ୪୨ ଡିଗ୍ରୀ ରହିଥିଲା। ଏହା ସହିତ କିଛି ଦିନ ଭିତରେ ସଂଧ୍ୟା ସମୟରେ ହୋଇଥିବା ସାମାନ୍ୟ କାଳବୈଶାଖୀ ବର୍ଷା ଯୋଗୁଁ ଜିଲ୍ଲାରେ ଆଦ୍ରତା ବୃଦ୍ଧି ପାଇଥିବାରୁ ପ୍ରବଳ ଗୁଳଗୁଳି ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ସ୍କୁଲ ଖୋଲିଲେ ନିହାତି ଭାବେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାର ଯଥେଷ୍ଟ ଆଶଙ୍କା ରହିଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲ ସକାଳୁଆ ବଦଳରେ ସକାଳ ୧୦ରୁ ୪ ପର୍ଯ୍ୟନ୍ତ କରାଯାଇଥିବାରୁ ଏହା ଅଧିକ ବିପଦ ବୋଲି ଅଭିଯୋଗ ହୋଇଛି। ବିଶେଷ କରି ସ୍କୁଲରେ ଛାତ୍ରଛାତ୍ରୀ ଗରମରୁ ରକ୍ଷା ପାଇବା ପାଇଁ ସେହିଭଳି କୌଣସି ବ୍ୟବସ୍ଥା ନାହିଁ। ଖରାରେ ସ୍କୁଲ ଯିବା ପୁଣି ଝାଞ୍ଜି ପବନ ଭିତରେ ଘରକୁ ଫେରିବା ଓ ମଧ୍ୟାହ୍ନ ଖରାରେ ଖାଇବା ଓ ପାଠ ପଢ଼ିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ ସମସ୍ୟା ହେବ। ସରକାରଙ୍କ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ଚଳିତ ବର୍ଷ ରେକର୍ଡ କରିବା ସହ ସାରା ଦେଶରେ ଏକ ଉତ୍ତପ୍ତ ଜିଲ୍ଲା ସାଜିଥିଲା। ଏହିଭଳି ପରିସ୍ଥିତିରେ ଜିଲ୍ଲାରେ ସ୍କୁଲ ଖୋଲିବା ନିଷ୍ପତ୍ତି ବିପଦକୁ ହାତ ଠାରି ଡାକିବା ଭଳି ସ୍ଥିତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଦିଓ ସ୍କୁଲ ଖୋଲିବା ପାଇଁ ସ୍କୁଲ ପରିସରର ସଫା ସୁତୁରା କାମ କରାଯାଇଛି ତଥାପି ସ୍କୁଲ ଛୁଟି କିଛି ଦିନ ବଢ଼ାଇବା ପାଇଁ ଅଭିଭାବକ ଦାବି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। କାର୍ଯ୍ୟଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନା ମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଶ୍ଚର୍ଯ୍ୟଜନକ ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୭୯୯ - ନେପୋଲିଅନ୍ ବୋନାପାର୍ଟ ଇଟାଲୀକୁ ନିଜ ସାମ୍ରାଜ୍ୟରେ ସାମିଲ୍ କଲେ।
- ୧୮୮୫- ଷ୍ଟାଚ୍ୟୁ ଅଫ୍ ଲିବର୍ଟି ନ୍ୟୁୟର୍କରେ ପହଞ୍ଚିଲା।
- ୧୯୩୮ - ଜାପାନ ଚୀନ୍ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୦- ସିକାଗୋରେ ପ୍ରଥମ ଥର ପାଇଁ ବୃକ୍କ ପ୍ରତ୍ୟାରୋପଣ ହେଲା।
- ୨୦୧୨- ମିଶରରେ ପ୍ରଥମ ଥର ରାଷ୍ଟ୍ରପତି ପଦ ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ୱାଟରଗନ୍‌ରେ ଗୁପଚୁପ୍




ଆଜିର ସମୟରେ କେବଳ ଭଲ କାମ ନୁହେଁ, ବରଂ କିଛି ଭିନ୍ନ କରି କିଭଳି ଅନ୍ୟମାନଙ୍କ ଦୃଷ୍ଟିଆକର୍ଷଣ କରାଯାଇପାରିବ, ତାହା ବେଶି ଗୁରୁତ୍ୱ ବହନ କରେ। ଏ ଦୃଷ୍ଟିରୁ ଏବେ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ବ୍ୟବସାୟୀମାନେ ନିଆରା କୌଶଳ ସବୁ ଆପଣାଉଛନ୍ତି। ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଜଣେ ଗୁପଚୁପ୍ ବ୍ୟବସାୟୀଙ୍କ ଭିଡିଓ ଚର୍ଚ୍ଚା ସାଜିଛି। ସେ ଏଭଳି ଭାବେ ଗୁପଚୁପ୍ ବିକ୍ରି କରୁଛନ୍ତି, ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସାଧାରଣତଃ ଗୁପଚୁପ୍ ଖାଇବା ବେଳେ ଛୋଟ ଗିନା ନଚେତ୍ ଛୋଟ ଦନାରେ ଗୁପଚୁପ୍ ଗ୍ରାହକଙ୍କୁ ପରଷା ଯାଏ। ହେଲେ ଏଠାରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳୁଛି। ଗୁପଚୁପ୍ ବିକୁଥିବା ଯୁବକ ଜଣକ ହଲିଉଡ୍ ସୁପର୍ ହିରୋ ଭଳି ପୋଷାକ ପିନ୍ଧିଛନ୍ତି। ଆଖିରେ କଳାଚଷମା ପିନ୍ଧିଛନ୍ତି। ଯୁବକଙ୍କ ହାତରେ ଏକ ବଡ଼ ୱାଟର ଗନ୍ ରହିଛି। ଯୁବକଙ୍କ ବେଶଭୂଷା ଦେଖି ପ୍ରଥମେ ଯେକେହି କୌଣସି ଫିଲ୍ମର ଆକ୍ସନ୍ ସିନ୍ ଚାଲିଛି ବୋଲି ଭାବିବେ। କିଛି ସେକେଣ୍ଡ ପରେ ଜଣାପଡୁଛି ଯେ, ସେ କୌଣସି ଫିଲ୍ମର ସୁଟିଂ କରୁନାହାନ୍ତି, ବରଂ ଗ୍ରାହକଙ୍କୁ ଗୁପଚୁପ୍ ଖୁଆଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ସେ ୱାଟର ଗନ୍ ସାହାଯ୍ୟରେ ଗୁପଚୁପ୍‌ରେ ପାଣି ଭରୁଛନ୍ତି ଏବଂ ଅନେକ ସମୟରେ ସେହି ଅନ୍ଦାଜରେ ଲୋକଙ୍କୁ ଗୁପଚୁପ୍ ପାଣି ମଧ୍ୟ ପିଆଉଥିବା ଦେଖାଯାଉଛନ୍ତି। ତାଙ୍କର ଏହି ଷ୍ଟାଇଲ ଲୋକଙ୍କୁ ବେଶ୍ ପସନ୍ଦ ଆସୁଛି। ଏହି କାରଣ ଯୋଗୁଁ ଆଖପାଖର ଲୋକେ କେବଳ ଏଠାକୁ ଗୁପଚୁପ୍ ଖାଇବାକୁ ଆସୁଛନ୍ତି ତାହା ନୁହେଁ, ବରଂ ଏହାର ମଜା ନେବା ଲାଗି କିଛି ସମୟ ଏହି ସ୍ଥାନରେ ଅଟକି ଯାଉଛନ୍ତି। ଅନେକ ଲୋକ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି ଏବଂ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି।

## ପଞ୍ଚମ ଦା'ଙ୍କ ଭୂମିକାରେ ଫରହାନ୍



ବଲିଉଡ୍‌ର ମହାନ ସଙ୍ଗୀତଜ୍ଞ ଆର୍. ଡି. ବର୍ମନ୍ (ପଞ୍ଚମ ଦା')ଙ୍କ ଜୀବନୀ ଉପରେ ଏକ ବାୟୋପିକ୍ ନିର୍ମାଣ ହେଉଛି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଖ୍ୟାତନାମା ନିର୍ଦ୍ଦେଶକ ନୀରଜ ପାଣ୍ଡେ। ନୀରଜ ପଞ୍ଚମ ଦା'ଙ୍କ ଭୂମିକାରେ ଅଭିନୟ କରିବା ପାଇଁ ବଲିଉଡ୍ ଅଭିନେତା ଫରହାନ୍ ଅଖତରଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ନୀରଜ ଏବେ ଏହାର କାହାଣୀ ଲେଖୁଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ନୀରଜ ପାଣ୍ଡେ ଏବଂ କମଲ ଜୈନ ଏହି ପ୍ରୋଜେକ୍ଟର ନିର୍ଦ୍ଦେଶନା ଏବଂ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଇତିମଧ୍ୟରେ ଫିଲ୍ମ ନିର୍ମାତାମାନେ ପଞ୍ଚମ ଦା'ଙ୍କ ଅନେକ ସୁପରହିଟ୍ ଏବଂ କାଳଜୟୀ ଗୀତର ଅଧିକାର ମଧ୍ୟ ହାସଲ କରିଛନ୍ତି। ଏଠାରେ ପ୍ରକାଶ ଥାଉ କି, ଆର. ଡି. ବର୍ମନ ବଲିଉଡ୍‌ର ଜଣେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ଥିଲେ। ସେ ନିଜର ନିଆରା ଶୈଳୀ ଦ୍ୱାରା ହିନ୍ଦୀ ଚଳଚ୍ଚିତ୍ର ସଙ୍ଗୀତ ଜଗତରେ ଏକ ବିପ୍ଳବ ଆଣିଥିଲେ। ତାଙ୍କର ସବୁଠାରୁ ଚର୍ଚ୍ଚିତ ଗୀତଗୁଡ଼ିକ ମଧ୍ୟରେ 'ଚୁରା ଲିଆ ହୈ ତୁମନେ ଜୋ ଦିଲ୍ କୋ', 'ଦମ୍ ମାରୋ ଦମ୍', 'ମେହବୁବା ମେହବୁବା', 'ତେରେ ବିନା ଜିନ୍ଦେଗୀ ସେ' ଆଦି ଗୀତ ରହିଛି। ଫରହାନ୍ ଓ ରଣବୀର ସିଂହଙ୍କ ମଧ୍ୟରେ 'ଡନ୍ ୩'କୁ ନେଇ ବିବାଦ ଚାଲିଥିବାବେଳେ ସେ କିନ୍ତୁ ଏହି ପ୍ରୋଜେକ୍ଟକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଏହି ଫିଲ୍ମ ବିଷୟରେ ନିର୍ମାତା ବିଧିବଦ୍ଧ ଭାବେ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି।



## ଅନନ୍ୟ ମନ୍ଦିର
## 'ଶୁଭଲଗ୍ନ ଓ ମୁହୂର୍ତ୍ତ ବିନା ବିବାହ'



ହିନ୍ଦୁ ପରମ୍ପରାରେ ବାହାଘର ଏକ ପବିତ୍ର ସଂସ୍କାର ହୋଇଥିବାରୁ ବିବାହ ପାଇଁ ଶୁଭ ଲଗ୍ନ ଓ ମୁହୂର୍ତ୍ତ ଧରାଯାଏ। ଶାସ୍ତ୍ର ଅନୁଯାୟୀ, ଗ୍ରହ ଓ ନକ୍ଷତ୍ରମାନଙ୍କର ସ୍ଥିତିକୁ ବିଚାର କରି ବିବାହର ଦିନ ଏବଂ ସମୟ ସ୍ଥିର କରାଯାଏ, ଯାହାଦ୍ୱାରା ବର-କନ୍ୟାଙ୍କର ଜୀବନ ସୁଖମୟ ହୋଇଥାଏ। ହେଲେ ମଧ୍ୟପ୍ରଦେଶ, ରାଜଗଡ଼ ଜିଲ୍ଲା ସ୍ଥିତ ଜାଲପା ଦେବୀ ମନ୍ଦିରରେ କୌଣସି ଶୁଭ ସମୟ ବିନା ବିବାହ ସମ୍ପନ୍ନ ହୋଇଥାଏ। ଏହି ମନ୍ଦିରଟି ରାଜଗଡ଼ ସହରଠାରୁ ୬ କିଲୋମିଟର ଦୂରରେ ଏକ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ। ଏହି ସିଦ୍ଧପୀଠର ଏକ ଅଦ୍ଭୁତ ମାନ୍ୟତା ରହିଛି। ଯଦି କାହାର ବିବାହ ପାଇଁ ପଣ୍ଡିତମାନେ କୌଣସି ଶୁଭ ମୁହୂର୍ତ୍ତ ପାଉନାହାନ୍ତି, ତେବେ ସେମାନେ ମାତାଙ୍କ ଦରବାରକୁ ଆସନ୍ତି। ମନ୍ଦିରର ପୂଜାରୀ ଦେବୀଙ୍କ ଚରଣ ତଳେ ଅର୍ପିତ ଗହମ କିମ୍ବା ଶସ୍ୟ ଦାନାକୁ ଗଣି ବିବାହ ପାଇଁ ଶୁଭ ସମୟ କାଢ଼ନ୍ତି। ମୁହୂର୍ତ୍ତ ବାହାର କରିବା ପରେ ପୂଜାରୀ ଏକ ପତ୍ର ଲେଖି ମୁହୂର୍ତ୍ତ ବିଷୟରେ ପରିବାର ଲୋକଙ୍କୁ ଦିଅନ୍ତି। ମନ୍ଦିରରେ ପଣ୍ଡିତଙ୍କ ଦ୍ୱାରା ଏକ ବିବାହ ନିମନ୍ତ୍ରଣ କାର୍ଡ ଲେଖାଯାଏ। ଦେବୀଙ୍କ ଆଶୀର୍ବାଦରୁ କୌଣସି ଅସୁବିଧା ବିନା ବିବାହ ହୁଏ। ବିବାହ ସମ୍ପନ୍ନ ହେବା ପରେ ନବ ବିବାହିତ ଦମ୍ପତି ଉକ୍ତ ପତ୍ରକୁ ଦେବୀଙ୍କ ମନ୍ଦିରରେ ରଖି ଦେଇ ଆସନ୍ତି ଓ ଆଶୀର୍ବାଦ ନିଅନ୍ତି। ତେବେ ଏହି ମନ୍ଦିରରେ ବିବାହ କରିବାର ପରମ୍ପରା ଶହ ଶହ ବର୍ଷ ଧରି ଚଳିଆସୁଛି। ବିବାହ କରିବା ପାଇଁ ଏହି ମନ୍ଦିରକୁ ବହୁ ଦୂରଦୂରାନ୍ତରୁ ଲୋକେ ଆସନ୍ତି। ସ୍ଥାନୀୟ ମାନ୍ୟତା ଅନୁଯାୟୀ, ଏହି ମନ୍ଦିରଟି ପ୍ରାୟ ୧୧୦୦ ବର୍ଷ ପୁରୁଣା। ରାଜଗଡ଼ରେ ଭିଲ୍ ରାଜାମାନଙ୍କ ଶାସନ ସମୟରେ ପାହାଡ଼ ଉପରେ ଏକ ଚଉତରା ନିର୍ମାଣ କରାଯାଇ ମାତାରାଣୀଙ୍କୁ ସ୍ଥାପନ କରାଯାଇଥିଲା। କୁହାଯାଏ ଯେ, ଭକ୍ତ ଜ୍ୱାଲାନାଥଙ୍କ କଠୋର ତପସ୍ୟାରେ ପ୍ରସନ୍ନ ହୋଇ ମା' ଏଠାରେ ଏକ ଅଶ୍ୱତ୍ଥ ଗଛ ମୂଳେ ପ୍ରକଟ ହୋଇଥିଲେ। ପରେ ଏଠାରେ ଦେବୀଙ୍କ ପଥର ନିର୍ମିତ ମୂର୍ତ୍ତି ସ୍ଥାପନା କରାଗଲା।

## ସମ୍ଭାବନା



## କିପରି କରିବେ ବିଦେଶରେ ଚାକିରି



**ଅନେକ ଯୁବପିଢ଼ିଙ୍କ ଇଚ୍ଛା ଥାଏ ବିଦେଶରେ ଚାକିରି କରିବାକୁ। ହେଲେ ବିଦେଶରେ କିଭଳି ଚାକିରି କରିବେ, ସେ ସମ୍ପର୍କରେ ଅନେକ ଜାଣି ନ ଥାନ୍ତି।**

- ଶିକ୍ଷା, ଅଭିଜ୍ଞତା ଓ ଦକ୍ଷତା ଅନୁସାରେ ଚାକିରି ସନ୍ଧାନ କରନ୍ତୁ। ଆଇଟି, ଇଞ୍ଜିନିୟରିଂ, ହେଲଥ କେୟାର୍, ଫାଇନାନ୍ସ, ଡିଜିଟାଲ ମାର୍କେଟିଂ, ଶିକ୍ଷା ଭଳି କ୍ଷେତ୍ରରେ ବିଦେଶରେ ଭଲ ଚାହିଦା ରହିଥାଏ। ଚାକିରି ସନ୍ଧାନ କରିବା ଲାଗି ଲିଙ୍କଡଇନ୍, ଇନ୍‌ଡିଡ୍, ଗ୍ଲାସ୍‌ଡୋର ଏବଂ କମ୍ପାନିର ବିଧିବଦ୍ଧ ୱେବ୍‌ସାଇଟ୍‌ର ଉପଯୋଗ କରାଯାଇପାରିବ। ଗୋଟିଏ ପ୍ରଫେସନାଲ ବାୟୋଡାଟା ଏବଂ ଏ ଲାଗି କଭର୍ ଲେଟର ପ୍ରସ୍ତୁତ କରିବା ଖୁବ୍ ଜରୁରି।
- ବିଦେଶୀ କମ୍ପାନି ସାଧାରଣତଃ ଅନଲାଇନ୍ ସାକ୍ଷାତକାର ନେଇଥାନ୍ତି। ତେଣୁ ଭିଡିଓ ସାକ୍ଷାତକାର ପ୍ରସ୍ତୁତି କରିବା ଦରକାର। ଇଂରାଜୀ କଥାବାର୍ତ୍ତା ଉପରେ ଗୁରୁତ୍ୱ ଦେବା ବି ଜରୁରି। ଅନେକ ଦେଶରେ ଚାକିରି ମିଳିବା ପରେ କମ୍ପାନି ୱାର୍କ ଭିସା ସ୍ପନସର କରିଥାଏ। ଏଣୁ ଆବେଦନ କରିବା ସମୟରେ କମ୍ପାନି ଭିସା ସ୍ପନସରସିପ୍ ପ୍ରଦାନ କରୁଛି କି ନାହିଁ ଜାଣନ୍ତୁ।
- ବିଦେଶରେ ଚାକିରି ପାଇବା ଲାଗି ସେହି ଦେଶରେ ରହିବା ଜରୁରି ନୁହେଁ। ଅନେକ କମ୍ପାନି ଅନ୍‌ଲାଇନ୍‌ରେ ନିଯୁକ୍ତି ପ୍ରଦାନ କରୁଛନ୍ତି। ତେଣୁ ପ୍ରାର୍ଥୀ ଘରେ ବସି ଆବେଦନ କରିପାରିବେ। ଘରେ ବସି ଆବେଦନ କରିବାର ସବୁଠୁ ବଡ଼ ଲାଭ ହେଉଛି ଏକାକାଳୀନ ଅନେକ ଦେଶର ଚାକିରି ଲାଗି ଆବେଦନ କରିପାରିବେ। ସେହିପରି କୌଣସି ଏଜେଣ୍ଟଙ୍କୁ ଟଙ୍କା ଦେବା ପୂର୍ବରୁ ବିଶ୍ୱସନୀୟତାକୁ ପରଖନ୍ତୁ। ଠକ ଚାକିରିଠାରୁ ଦୂରେଇ ରହିବା ଉଚିତ।

## ବ୍ୟକ୍ତିତ୍ୱ ବିକାଶର ଗୁରୁତ୍ୱ

**କର୍ପୋରେଟ୍ ଦୁନିଆରେ ଏବର ସମୟରେ କେବଳ କାମ ନୁହେଁ, ବରଂ ବ୍ୟକ୍ତିତ୍ୱ ମଧ୍ୟ ଖୁବ୍ ଗୁରୁତ୍ୱ ବହନ କରେ। ଅନେକ ସମୟରେ ଏମିତି ହୁଏ, ଦକ୍ଷତା ଥିଲେ ବି ନିଜକୁ ଠିକ୍ ଭାବେ ଉପସ୍ଥାପନ ନ କରିବା ଦ୍ୱାରା ପଛରେ ରହିବାକୁ ପଡ଼ିଥାଏ। ଏଭଳି କ୍ଷେତ୍ରରେ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦେବା ଜରୁରି।**



- କଥାବାର୍ତ୍ତା ସ୍ପିଡ୍ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଜଲଦି ଜଲଦି କଥା କହିଲେ ଲୋକେ ଭୟଭୀତ ଥିବା ଭାବନ୍ତି। ତେଣୁ କିଭଳି କଥାକୁ ଧୀର, ନମ୍ର ଓ ସ୍ପଷ୍ଟ ଭାବେ କହିବେ, ସେ ଉପରେ ଗୁରୁତ୍ୱ ଦିଅନ୍ତୁ। ସେହିପରି ବୁଲେଇ ବଙ୍କେଇ କଥା ନ କହି ସିଧା କଥା କୁହନ୍ତୁ।
- ସେହିପରି ବଡି ଲାଙ୍ଗୁଏଜର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନଇଁକି ବସିବା କିମ୍ବା ମୁଣ୍ଡ ତଳକୁ କରି ଛିଡ଼ା ହେବା ଅଭ୍ୟାସରେ ପରିବର୍ତ୍ତନ ଆଣିବା ଜରୁରି। ଅଫିସ୍‌ରେ ଲୋକଙ୍କ ସହିତ ସ୍ମିତ ହସ ସହିତ ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହା ଦ୍ୱାରା ନିଜର ଏକ ଭିନ୍ନ ବ୍ୟକ୍ତିତ୍ୱ ପ୍ରତିଫଳିତ ହୁଏ।
- ଆତ୍ମବିଶ୍ୱାସ ଲାଗି ନିଜକୁ ଭିତରୁ ପ୍ରସ୍ତୁତ କରିବା ଉଚିତ। ଅଫିସ୍‌ର କୌଣସି ପ୍ରୋଜେକ୍ଟରେ କାମ କରୁଥିଲେ, ତାହା ଉପରେ ଗବେଷଣା କରନ୍ତୁ। ଏଭଳି ହେଲେ କେହି କିଛି ପ୍ରଶ୍ନ କଲେ ତାହାର ଉତ୍ତର ରଖିଲେ ଆତ୍ମବିଶ୍ୱାସ ପ୍ରତିଫଳିତ ହୋଇଥାଏ। ଯାହାକି ବ୍ୟକ୍ତିତ୍ୱ ବିକାଶ ଲାଗି ନିହାତି ଦରକାର।
- ନିଜେ ନିଜକୁ ଜାଣିବାକୁ ଚେଷ୍ଟା କରନ୍ତୁ। ନିଜର ଦୋଷ ଦୁର୍ବଳତାକୁ ଜାଣି ସେ ଦିଗରେ କାମ କଲେ କେହି ବି ଅଣଦେଖା କରିବେ ନାହିଁ।

## ପାଠପଢ଼ାକୁ ଉନ୍ନତ କରିବ ଏଆଇ



**ଆଜିର ସମୟରେ ପଢ଼ାର ଶୈଳୀ ବଦଳିବାରେ ଲାଗିଛି। ଏଥିରେ ଏଆଇ ଟୁଲ୍ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏହି ଟୁଲ୍ ପଢ଼ାକୁ ବ୍ୟବସ୍ଥିତ କରିବା, ସମୟ ସଞ୍ଚୟ ଏବଂ ଧ୍ୟାନ ବୃଦ୍ଧିରେ ସାହାଯ୍ୟ କରୁଛି। ଛାତ୍ରଛାତ୍ରୀ ମଧ୍ୟ ଏକପ୍ରକାର ଅଧିକ ପରିଶ୍ରମ ନ କରି ଉନ୍ନତ ଉପାୟରେ ପଢ଼ିପାରୁଛନ୍ତି। ଏଆଇ ସାହାଯ୍ୟରେ ନୋଟ୍ ପ୍ରସ୍ତୁତ କରିବା, ସମୟ ସାରଣୀ ପ୍ରସ୍ତୁତ କରିବା ସହଜ ହେଉଛି। ଏହା ଦ୍ୱାରା ପୂର୍ବ ତୁଳନାରେ ପଢ଼ା ଅଧିକ ସହଜ ଓ ସରଳ ହୋଇପାରୁଛି।**

**ଏଆଇ ନୋଟ୍ ପ୍ରସ୍ତୁତି:** ଏଆଇ ଟୁଲ୍ ସାହାଯ୍ୟରେ ନୋଟ୍ ପ୍ରସ୍ତୁତି କରିବା ଖୁବ୍ ସହଜ ହୋଇଛି। ମେମ୍ ଟୁଲ୍ ଶିକ୍ଷକଙ୍କ ନୋଟ୍‌କୁ ନିଜେ ପ୍ରସ୍ତୁତ କରି ଦେଉଛି। ତାହାକୁ ଠିକ୍ ଭାବେ ବ୍ୟବସ୍ଥିତ ବି କରୁଛି। ସେହିପରି ଛାତ୍ର ଅଟର ଏଆଇ ସାହାଯ୍ୟରେ ଲେକଚର ରେକର୍ଡ କରିପାରିବେ। ଏହା ଦ୍ୱାରା ପିଲାଙ୍କୁ କ୍ଲାସ୍‌ରେ ଧ୍ୟାନ ଦେବାର ସୁଯୋଗ ମିଳେ। ନୋଟ୍ ପ୍ରସ୍ତୁତିର ଚିନ୍ତା ରହେ ନାହିଁ।

**ସ୍ମାର୍ଟ ଟାଇମ୍ ଟେବଲ:** ଏଆଇ ଟୁଲ୍ ଏବେ ପଢ଼ା ଲାଗି ସ୍ମାର୍ଟ ଟାଇମ୍ ଟେବଲ ପ୍ରସ୍ତୁତ କରୁଛି। ଏହା ଦ୍ୱାରା ଛାତ୍ରଙ୍କ ସମୟ ଠିକ୍ ଭାବେ ବ୍ୟବହାର ହୋଇପାରୁଛି। ମୋସନ ଏବଂ ରିକଲେମ୍ ଭଳି ଏଆଇ ଟୁଲ୍ ପଢ଼ାର ସମୟ ନିଜେ ସ୍ଥିର କରୁଛି। କାମକୁ ଛୋଟ ଭାଗରେ ବଣ୍ଟନ କରୁଛି। ଯଦି କୌଣସି କାମ ଜଲଦି ଶେଷ ହୋଇଯାଉଛି, ତେବେ ଟୁଲ୍ ଆପେ ଆପେ ସମୟ ବଦଳାଇ ଦେଉଛି। ଏହା ଦ୍ୱାରା ପଢ଼ାର ଯୋଜନା ଠିକ୍ ରହୁଛି ଏବଂ ଛାତ୍ର ପ୍ରଭାବୀ ଉପାୟରେ ପଢୁଛନ୍ତି।

**ଏଆଇ କୁଇଜ୍:** କ୍ୱିଜ୍‌ଲେଟ୍ ଏବଂ କ୍ୱିଜ୍‌ଗିକୋ ଭଳି ଏଆଇ ଟୁଲ୍ ପଢ଼ାକୁ ଅଧିକ ମଜଭୁତ କରୁଛି। ଏହି ଟୁଲ୍ ନୋଟ୍ ଆଧାରରେ କୁଇଜ୍ ଏବଂ ପ୍ରଶ୍ନ ପ୍ରସ୍ତୁତ କରେ। ଏହା ଦ୍ୱାରା ପରୀକ୍ଷା ଭଳି ପରିବେଶ ସୃଷ୍ଟି ହୁଏ। ତା'ସହ ଛାତ୍ର ନିଜ ଦୁର୍ବଳତାକୁ ଚିହ୍ନଟ କରନ୍ତି। ନିୟମିତ ଅଭ୍ୟାସ ଦ୍ୱାରା ପଢ଼ାଯାଇଥିବା ବିଷୟ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ।

**ଧ୍ୟାନ ବୃଦ୍ଧିରେ ଏଆଇ ଟୁଲ:** ପଢ଼ା ସମୟରେ ଧ୍ୟାନ କେନ୍ଦ୍ରିତ କରିବା ବହୁତ ଜରୁରି। ଏଥିରେ ଏଆଇ ଟୁଲ୍ ସାହାଯ୍ୟ କରେ। ନୋସନ ଏଆଇ କଠିନ ବିଷୟକୁ ସହଜ କରି ଛୋଟ ଅଂଶରେ ବୁଝାଏ। ସେହିପରି ଚାଟ୍‌ଜିପିଟି ଶିକ୍ଷକଙ୍କ ଭଳି କାମ କରେ। କଠିନ ବିଷୟକୁ ସରଳ ଉପାୟରେ ବୁଝାଏ। ଏହା ଦ୍ୱାରା ପିଲାଙ୍କ ଧ୍ୟାନ ଭଙ୍ଗ ହୁଏ ନାହିଁ, ବରଂ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରନ୍ତି।

## ଇନଷ୍ଟାଗ୍ରାମ୍‌ର ନୂଆ ଫିଚର୍

ଇନଷ୍ଟାଗ୍ରାମ୍ ତା'ର ମୁଖ୍ୟ ହୋମ୍ ଫିଡ୍ ଲାଗି ଏକ ନୂଆ ଫିଚର୍ ଜାରି କରିଛି। ଏହାର ନାଁ 'ଇଓର ଆଲଗରିଦିମ୍'। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ କେବଳ ଏକଥା ଜାଣିପାରିବେ ନାହିଁ ଯେ, ଇନଷ୍ଟାଗ୍ରାମ୍ ସେମାନଙ୍କ ବାବଦରେ କ'ଣ ଚିନ୍ତା କରୁଛି ଏବଂ ସେମାନଙ୍କର କେଉଁ ବିଷୟ ପ୍ରତି ରୁଚି ରହିଛି। ବରଂ ଏ ସଂକ୍ରାନ୍ତୀୟ ବିଷୟକୁ ସେମାନେ ନିଜ ହିସାବରେ ବଦଳାଇପାରିବେ। ସରଳ ଭାଷାରେ କହିଲେ, ଭୁଲ୍‌ବଶତଃ କୌଣସି ଲଗଜୁରି କାର୍, କୁକିଂ ହ୍ୟାକ୍ କିମ୍ବା ଫିଟ୍‌ନେସ୍ ରିଲ୍ କିଛି ସେକେଣ୍ଡ ଅଧିକ ଦେଖି ଦେଲେ, ଇନଷ୍ଟାଗ୍ରାମ୍‌ର ଆଲଗରିଦିମ ମାନି ନିଏ ଯେ, ଏହା ବ୍ୟବହାରକାରୀଙ୍କୁ ପସନ୍ଦ, ପୂରା ଫିଡ୍ ସେହି ପ୍ରକାର ରିଲ୍‌ସରେ ଭରିଯାଏ। ହେଲେ ଏହି ନୂଆ ଫିଚର୍‌ରେ ଏଭଳି ହେବ ନାହିଁ। ଏହି ନୂଆ ଫିଚର ମାଧ୍ୟମରେ ସେହି ବିଭାଗର ତାଲିକା ସବୁ ରହିବ, ଯାହା ଇନଷ୍ଟାଗ୍ରାମ୍ ବ୍ୟବହାରକାରୀଙ୍କ ଲାଗି ମନୋନୀତ କରାଯାଇଥିବ। ଯଦି ବ୍ୟବହାରକାରୀଙ୍କ ଆଗ୍ରହକୁ ଇନଷ୍ଟା ଠିକ୍ ଭାବେ ଚିହ୍ନଟ କରି ନ ଥିବ, ତେବେ ତାହାକୁ ତୁରନ୍ତ ଠିକ୍ କରିପାରିବେ। ଏବେ ଏହାକୁ ମୁଖ୍ୟ ଫିଡ୍‌ରେ ଲଗାଯାଉଛି।








## ଫିଫା ବିଶ୍ୱକପ୍‌ରେ ରାଜନୀତି ସରଗରମ

# ମ୍ୟାଚ୍ ପରେ ଆମେରିକାରୁ ବିଦା ହେଲା ଇରାନ

ଲସ୍‌ଏଞ୍ଜେଲ୍ସ,୧୬।୬(ଏଜେନ୍ସି)

ନ୍ୟୁଜିଲାଣ୍ଡ ସହ ସୋଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌କୁ ଇରାନ ୨-୨ ଗୋଲରେ ଡ୍ର ରଖିବା ପରେ ତୁରନ୍ତ ଆମେରିକା ଛାଡିବାକୁ ପଡ଼ିଛି। ଏହି ନିର୍ଦ୍ଦେଶ କିଏ ଓ କାହିଁକି ଦେଇଛି ତାହା ଜଣାପଡ଼ି ନାହିଁ କିମ୍ବା ଜାଣିବାର ଆବଶ୍ୟକତା ନାହିଁ। ମ୍ୟାଚ୍ ପରେ ଆମକୁ ଫିଟ୍ ହେବାକୁ ଗୋଟିଏ ରାତି ଏଠାରେ ରହିବାର ଆବଶ୍ୟକତା ଥିଲାବୋଲି ଇରାନ କୋଚ୍ ଅମୀର ଘାଲେନୋଇ କହିଛନ୍ତି। ମ୍ୟାଚ୍ ପରେ ଜଣେ ଖେଳାଳି ଯେତିକି ବିଶ୍ରାମ ପାଇବା କଥା ତାହା ସମସ୍ତଙ୍କୁ ମିଳୁଛି। କିନ୍ତୁ ଆମ କ୍ଷେତ୍ରରେ ଏପରି କାହିଁକି କରାଗଲା ବୋଲି କୋଚ୍ ପ୍ରଶ୍ନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଆମେରିକା ଓ ଇସ୍ରାଏଲ ଫେବୃଆରୀ ୨୮ରେ ମିଳିତଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଛି। ଯେଉଁଥିଲାଗି ଆମେରିକାରେ ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍ ସ୍ଥାନାନ୍ତର ଲାଗି ଫିଫାକୁ ଇରାନ ଅନୁରୋଧ କରିଥିଲା। କିନ୍ତୁ ଫିଫା ଏଥିରେ ରାଜି ନ ହେବାରୁ ଇରାନ ମେକ୍ସିକୋରେ ରହି ଆମେରିକା ଖେଳିବାକୁ ଆସିଛି। ବାକି ଲିଗ୍ ମ୍ୟାଚ୍ ଦୁଇଟିରେ ମଧ୍ୟ ସମାନ ଢ଼ଙ୍ଗରେ ଖେଳାଯିବ।





ପୂର୍ବରୁ ସୋଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ନିଜଠାରୁ ୬୫ଟି ମାନ୍ୟତାରେ କମ୍‌ରେ ଥିବା ନ୍ୟୁଜିଲାଣ୍ଡ ସହ ଇରାନ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ନିରାଶ ସୃଷ୍ଟି କରିଥିଲା। ଇରାନ ପକ୍ଷରୁ ରାମିନ ରାଜାଇଆନ୍ ଓ ମହମ୍ମଦ୍ ମୋହେବୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡର ଏଲିଜା ଜଷ୍ଟ ଉଭୟ ଗୋଲକୁ ଶୁଝାଇଦେଇଥିଲେ। ଫଳରେ ଏକତରଫା ଭାବେ ଜିତିବାକୁ ଥିବା ମ୍ୟାଚ୍‌କୁ ଇରାନ ଡ୍ର ରଖିବାକୁ ବାଧ ହୋଇଥିଲା। ରାମିନ ଇରାନର ଏକମାତ୍ର ଖେଳାଳି ଭାବେ ଦୁଇଟି ବିଶ୍ୱକପ୍‌ରେ ଗୋଲ ଦେବାରେ ସଫଳ ହୋଇଛନ୍ତି। କମ୍ ମାନ୍ୟତାପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଉନ୍ନତ ଖେଳ ପ୍ରଦର୍ଶନ କରିଛି। ଦଳ ନିକଟରେ ୫୩ଶତକଡ଼ା ଓ ପ୍ରତିଦ୍ୱନ୍ଦ୍ୱୀ ଇରାନ ନିକଟରେ ୪୭ ଶତକଡ଼ା ବଲ ନିୟନ୍ତ୍ରଣରେ ରହିଥିଲା। ଇରାନ ପୋଷ୍ଟକୁ ୧୭ଟି ସଟ୍ ମାରିଥିଲା। ଅନ୍ୟ ସବୁଥିରେ ନ୍ୟୁଜିଲାଣ୍ଡ ଆଗରେ ରହିଥିଲା। ଦଳର ଯୁବ ଖେଳାଳି ଏଲିଜା ଜଷ୍ଟ ଖେଳର ୭ମ ଓ ୫୫ତମ ମିନିଟରେ ଗୋଲ ଦେଇ ଅଗ୍ରଣୀ କରାଇଥିଲେ। ପ୍ରତିଥର ଇରାନ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ଆଣିଥିଲା। ୩୨ତମ ମିନିଟ୍‌ରେ ରାମିନ୍ ଓ ୬୪ତମ ମିନିଟ୍‌ରେ ମୋହେବୀ ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଏହି ମ୍ୟାଚ୍‌ରେ ଇରାନକୁ ଭଲ ସମର୍ଥନ ମିଳିଥିଲା। ଇରାନ ବାହାରେ ଯଦି ଅଧିକ ଇରାନୀୟବାସୀ ବସବାସ କରନ୍ତି ତାହା ହେଉଛି ଲସ୍ ଏଞ୍ଜେଲସ। ଏମାନେ ଇରାନର ବର୍ତ୍ତମାନ ସରକାରଙ୍କୁ ବିରୋଧ କରୁଥିଲେ ମଧ୍ୟ ଫୁଟବଲ ଦଳକୁ ସମର୍ଥନ ଜଣାଇ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ୨୦୧୦ ପରେ ନ୍ୟୁଜିଲାଣ୍ଡ ପ୍ରଥମ ଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହାକୁ ମିଶାଇ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଡ୍ର ରଖିଛି। ୨୦୧୦ରେ ଦଳ ତାହାର ସମସ୍ତ ୩ଟିଯାକ ମ୍ୟାଚ୍ ଡ୍ର ରଖିଥିଲା।

## ପରାଜୟରୁ ବର୍ତ୍ତିଗଲା ବେଲ୍‌ଜିୟମ

ସିଆଟଲ,୧୬।୬(ଏଜେନ୍ସି): ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉତ୍ତେଜନାମୂଳକ ଗ୍ରୁପ୍-ବି' ମୁକାବିଲାରେ ଇଜିପ୍ଟଠାରୁ ଅଳ୍ପକେ ବର୍ତ୍ତିଯାଇଛି ବେଲଜିୟମ। ଖେଳର ୨୦ତମ ମିନିଟ୍‌ରେ ଏମାମା ଆଶୋର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଇଜିପ୍ଟ ଗୋଲ ଉପରେ ବେଲଜିୟମ ଯେତେ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧରେ ଇଜିପ୍ଟ ୧-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ବେଲଜିୟମର ଆକ୍ରମଣ ପ୍ରଭାବୀ ନ ହେବାରୁ ଆହତ ହେବା ପରେ ପୂରା ଫିଟ୍ ହୋଇ ନ ଥିବା ସୁପରଷ୍ଟାର ରୋମେଲୁ ଲୁକାକୁଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। ଲୁକାକୁ ପଡ଼ିଆକୁ ଆସିବା ପରେ ବେଲଜିୟମକୁ ଭଲ ଫଳ ମିଳିଥିଲା। ତାଙ୍କ ପ୍ରଥମ ଆକ୍ରମଣରେ ଇଜିପ୍ଟର ମହମ୍ମଦ୍ ହାନି ବଲ୍‌କୁ ନିୟନ୍ତ୍ରଣ କରି ନ ପାରି ନିଜ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ମ୍ୟାଚ୍ ସମାନସ୍ତରକୁ ଆସିଯାଇଥିଲା ଓ ଲୁକାକୁଙ୍କୁ ପଡ଼ିଆକୁ ଆଣି ବେଲଜିୟମ କୋଚ୍ ଏକ ମାଷ୍ଟର ଷ୍ଟ୍ରୋକ୍ ଖେଳିଥିଲେ। ଏହା ପରେ ମଧ୍ୟ ଇଜିପ୍ଟ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ଯାହା ଫଳରେ ବେଲଜିୟମ ପରାଜୟରୁ ବର୍ତ୍ତିଯାଇଥିଲା।

## ଟ୍ୟୁନିସିଆ କୋଚ୍ ବହିଷ୍କୃତ

ଟ୍ୟୁନିସ,୧୬।୬(ଏଜେନ୍ସି): ସ୍ୱିଡେନଠାରୁ ୫-୧ ଗୋଲ୍‌ରେ ହାରିଯିବା ପରେ ଟ୍ୟୁନିସିଆର ହେଡ୍ କୋଚ୍ ସାବରି ଲାମୋଚିଙ୍କୁ ବହିଷ୍କାର କରାଯାଇଛି। ଫିଫା ବିଶ୍ୱକପ୍ ଖେଳିବାକୁ ଆସିବା ପୂର୍ବରୁ ସେ ଗତ ଜାନୁଆରୀ ମାସରେ ଦଳର ଦାୟିତ୍ୱ ନେଇଥିଲେ ଓ ତାଙ୍କ ପ୍ରଶିକ୍ଷଣରେ ଦଳ ମାତ୍ର ୫ଟି ମ୍ୟାଚ୍ ଖେଳିଥିଲା। ଉତ୍ତର ଆଫ୍ରିକାର ଏହି ଦଳ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ପ୍ରଥମ ମ୍ୟାଚ୍ ହାରି ନକ୍‌ଆଉଟ ଯିବାକୁ ଆଶାୟୀ ରହିଛି। ସାବରିଙ୍କ ସ୍ଥାନରେ ଫ୍ରାନ୍ସର ହର୍ଭ ରେନାର୍ଡଙ୍କୁ ଟ୍ୟୁନିସିଆ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଜଣେ ହେଡ୍ କୋଚ୍‌କୁ ବହିଷ୍କାର କରାଯାଇଛି।



## ଗୋଟିଏ ଦିନରେ ସମସ୍ତ ମ୍ୟାଚ୍ ଡ୍ର

ୱାଶିଂଟନ,୧୬।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ଫଇସଲା ହୋଇପାରି ନାହିଁ। ଏହି ଦିନ ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ସ୍ପେନ୍ ଓ ବେଲଜିୟମ ଖେଳିଥିଲେ ମଧ୍ୟ ସେମାନେ ୨୦୨୬ରେ ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଜିତିପାରି ନ ଥିଲେ। ପ୍ରଥମେ ଖେଳାଯାଇଥିବା ମ୍ୟାଚ୍‌ରେ ଡେବ୍ୟୁଟାଣ୍ଟ ଟିମ୍‌ର ଭୋଜିନାଙ୍କ ଚମତ୍କାର ଗୋଲରକ୍ଷା ବଳରେ କେପ୍ ଭର୍ଡ ଓ ସ୍ପେନ୍ ମଧ୍ୟରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଉରୁଗୁଏ ସହ ସାଉଦି ଆରବ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିଛି। ଗ୍ରୁପ୍-ଜି'ରେ ବେଲଜିୟମ ଓ ଇଜିପ୍ଟ ମଧ୍ୟରେ ୧-୧ ଗୋଲ୍‌ରେ ଏବଂ ଇରାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨-୨ ଗୋଲ୍ ହେବା ଫଳରେ ଖେଳର ଫଳାଫଳ ମିଳି ପାରି ନ ଥିଲା। ଚଳିତ ବିଶ୍ୱକପ୍‌ର ପ୍ରଥମଥର ଏପରି ଫଳାଫଳ ଦେଖିବାକୁ ମିଳିଛି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୧୭, ବୁଧବାର ରାତି |
| ପର୍ତ୍ତୁଗାଲ-କଙ୍ଗୋ |
| ହଷ୍ଟନ, ରାତି ୧୦.୩୦ |
| ଇଂଲଣ୍ଡ-କ୍ରୋଏସିଆ |
| ଆର୍ଲିଙ୍ଗଟନ, ରାତି ୧.୩୦ |
| ଘାନା-ପାନାମା |
| ଟରଣ୍ଟୋ, ରାତି ୪.୩୦ (୧୮ ତାରିଖ ଭୋର) |
| ଜୁନ୍-୧୮ ଗୁରୁବାର |
| କଲମ୍ବିଆ-ଉଜ୍‌ବେକିସ୍ତାନ |
| ମେକ୍ସିକୋ ସିଟି, ସକାଳ ୭ଟା୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ବିଜୟରୁ ବଞ୍ଚିତ ହେଲା ସାଉଦି ଆରବ

ମିଆମି,୧୬।୬(ଏଜେନ୍ସି): ସ୍ଥାନୀୟ ମିଆମି ଷ୍ଟାଡିୟମ୍‌ରେ ଉରୁଗୁଏ ଓ ସାଉଦି ଆରବ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଏଚ୍ ମୁକାବିଲା ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ଭଲ ଖେଳି ମଧ୍ୟ ସାଉଦି ଆରବ ବିଜୟରୁ ବଞ୍ଚିତ ହୋଇଛି। ଉରୁଗୁଏର ମ୍ୟାକ୍ସିମିଲାନୋ ଆରାଜୁଙ୍କ ୮୦ତମ ମିନିଟ୍ ଗୋଲ ବଳରେ ଏହି ମ୍ୟାଚ୍‌ଟି ୧-୧ ଗୋଲ୍‌ରେ ଡ୍ର ରହିଥିଲା। ଖେଳର ୪୧ତମ ମିନିଟ୍‌ରେ ଅବଦୁଲେଲା ଅଲ-ଆମରିଙ୍କ ଗୋଲ ବଳରେ ସାଉଦି ଆରବ ଏହି ମ୍ୟାଚରେ ଅଗ୍ରଣୀ ନେଇଥିଲା। କିନ୍ତୁ ମ୍ୟାକ୍ସିମିଲାନୋଙ୍କ ଚମତ୍କାରିତା ଯୋଗୁଁ ସାଉଦି ଆରବ ଆଉ ଏକ ଐତିହାସିକ ବିଜୟ ହାସଲ କରିପାରି ନାହିଁ। ୨୦୨୨ରେ ଆର୍ଜେଣ୍ଟିନାକୁ ୨-୧ ଗୋଲରେ ହରାଇ ସାଉଦି ଆରବ ଯେଉଁ ବିପର୍ଯ୍ୟୟ ସୃଷ୍ଟି କରିଥିଲା ତାହାର ପୁନରାବୃତ୍ତି କରିବାକୁ ଦେଇ ନ ଥିଲେ ମ୍ୟାକ୍ସିମିଲାନୋ। କିନ୍ତୁ ଏସିଆର ଏହି ବିତ୍ତଶାଳୀ ଦଳ ମ୍ୟାଚ୍ ସାରା ପ୍ରଭାବୀ ବିସ୍ତାର କରିଥିଲା। ୪୧ତମ ମିନିଟ୍‌ରେ ଫର୍ଣ୍ଣାଣ୍ଡୋ ମୁସ୍‌ଲେରା ହେଡ୍ ମିସ୍ କରିବା ପରେ ଅଲ-ଅମୀର ଏଥିରୁ ଫାଇଦା ଉଠାଇ ବଲକୁ ଉରୁଗୁଏର ଗୋଲପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ସାଉଦି ଆରବର ରକ୍ଷଣଭାଗ ଯେପରି ଶୃଙ୍ଖଳାର ସହ ଖେଳିଥିଲା, ସେଥିରେ ଉରୁଗୁଏ ଅଗ୍ରଭାଗ ଖେଳାଳିଙ୍କୁ ଆକ୍ରମଣୀ ସୁଯୋଗ ମିଳି ନ ଥିଲା। ଏହା ସତ୍ତ୍ୱେ ଦଳ ମ୍ୟାଚ୍ ଜିତି ନ ପାରିବା କେବଳ ଖେଳାଳି ଓ କର୍ମକର୍ତ୍ତା ନୁହେଁ ସମର୍ଥକଙ୍କୁ ମଧ୍ୟ ନିରାଶ କରିଛି।



## ଫୁଟବଲ ବିଶ୍ୱକପ୍ ଖେଳିଲେ ସରପ୍ରୀତ୍ ଓ ନିଶାନ୍





ନୂଆଦିଲ୍ଲୀ,୧୬।୬(ଏଜେନ୍ସି): ଇରାନ ବିପକ୍ଷ ମ୍ୟାଚ୍ ଖେଳି ସରପ୍ରୀତ୍ ସିଂହ ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଖେଳାଳି ଫୁଟବଲ ବିଶ୍ୱକପ୍ ଖେଳିବାରେ ସମର୍ଥ ହୋଇଛନ୍ତି। ଭାରତୀୟ ବଂଶୋଦ୍ଭବ ଏହି ଖେଳାଳି ନ୍ୟୁଜିଲାଣ୍ଡରେ ଜନ୍ମଗ୍ରହଣ କରିଥିଲାବେଳେ ଗତ ୨ ବର୍ଷ ହେଲା ୧୦ ନମ୍ବର ଜର୍ସିରେ ଅନ୍ତର୍ଜାତୀୟ ଫୁଟବଲ ଖେଳିଆସୁଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ନିଶାନ ଭେଲୁପାଲି ମଧ୍ୟ ତୁର୍କୀ ବିପକ୍ଷରେ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଖେଳିଥିଲେ। ସେ ଅବଶ୍ୟ ଜଣେ ବଦଳ ଖେଳାଳି ଥିଲେ। ପୂର୍ବରୁ ୨୦୦୬ ବିଶ୍ୱକପ୍‌ରେ ଫ୍ରାନ୍ସ ପକ୍ଷରୁ ବିକାଶ ଧୁରାସୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଫିଫା ବିଶ୍ୱକପ୍‌ରେ ଖେଳିବାର ଗୌରବ ଅର୍ଜନ କରିଥିଲେ। ଚଳିତ ବିଶ୍ୱକପ୍ ଖେଳିବାକୁ ଆଉ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଅପେକ୍ଷାରେ ରହିଛନ୍ତି। ସେମାନେ ହେଲେ ଡିଆର କଙ୍ଗୋର ସାମୁଏଲ ମୋଟୁସ୍ୱାମୀ। ଅନ୍ୟ ଜଣେ ହେଲେ କତାରର ତହସିନ ମହମ୍ମଦ୍ ଜାମସିଦ୍। ପ୍ରଥମ ମ୍ୟାଚ୍‌ରେ କତାର ତାଙ୍କୁ ଖେଳିବାକୁ ସୁଯୋଗ ଦେଇନାହିଁ।

# ଆଗୁଆ ସିରିଜ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିକିଆ ଆଜି**

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ଜିଓ ହଟ୍‌ଷ୍ଟାର**

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ବୁଧବାର ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଧର୍ମଶାଳାରେ ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ଘରୋଇ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା। ତେଣୁ ଏହି ବିଜୟଧାରା ବଜାୟ ରଖି ଭାରତ ଏଠାରେ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଆଫଗାନିସ୍ତାନ ପାଇଁ ଏହି ମ୍ୟାଚ୍ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଅର୍ଥାତ୍ ଏଠାରେ ପରାସ୍ତ ହେଲେ ଭ୍ରମଣକାରୀ ଦଳ ସିରିଜ ହାତଛଡ଼ା କରିବ। ତେଣୁ ଯେକୌଣସି ପରିସ୍ଥିତିରେ ମ୍ୟାଚ୍ ଜିତି ଆଫଗାନିସ୍ତାନ ସିରିଜକୁ ଉଜ୍ଜୀବିତ ରଖିବାକୁ ଲକ୍ଷ୍ୟ ରଖିଛି। ତେଣୁ ବୁଧବାର ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବା ଆଶାରେ ଦର୍ଶକ ରହିଛନ୍ତି।

ଘରୋଇ ଭାରତୀୟ ଦଳର ଦୁଇ ପ୍ରମୁଖ ଖେଳାଳି ଓପନର୍ ରୋହିତ ଶର୍ମା ଓ ଶ୍ରେୟାସ ଆୟରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମ ଦିନିକିଆରେ ରୋହିତ୍ ୧୬ ଓ ଆୟର ୧୨ ରନ କରି ଫେଲ୍ ମାରିଥିଲେ। ଅଧିନାୟକ ଶୁବମନ ଗିଲ୍ ୮୪ ରନର ଅପରାଜିତ ପାଳି ଖେଳିବାରୁ ଭାରତ ୧୯୫ ରନର ଲକ୍ଷ୍ୟକୁ ୩ ୱିକେଟ ହରାଇ ସହଜରେ ଜିତିନେଇଥିଲା। ତେଣୁ ସିରିଜ କବଜା କରିବାକୁ ହେଲେ ରୋହିତ ଓ ଆୟରଙ୍କ ବ୍ୟାଟରୁ ଟିମ୍ ମ୍ୟାନେଜମେଣ୍ଟ ବଡ଼ ସ୍କୋର ଆଶା ରଖିଛି। ସେହିଭଳି ବୋଲିଂରେ ଦୁଇ ପଦାର୍ପଣକାରୀ ହର୍ଷ ଦୁବେ ଓ ଗୁର୍‌ନୁର ବ୍ରାର ୩ଟି ଲେଖାଏ ୱିକେଟ୍ ନେଇ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଏହାସତ୍ତ୍ୱେ ଆଫଗାନିସ୍ତାନ ଓପନର୍ ରହମନୁଲ୍ଲା ଗୁର୍‌ବାଜ ଶତକ ହାସଲ କରି ଭାରତୀୟ ବୋଲରଙ୍କୁ କଡ଼ା ପାଇଁ ଚ୍ୟାଲେଞ୍ଜ ଦେଇଛନ୍ତି।

**ମହିଳା ଟି-୨୦ ବିଶ୍ୱକପ୍**

## ଆଜି ନେଦରଲ୍ୟାଣ୍ଡସକୁ ଭେଟିବ ଭାରତ

ହେଡିଂଲୀ, ୧୬।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ବୁଧବାର ନେଦରଲ୍ୟାଣ୍ଡସକୁ ଭେଟିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ଏହାର ପ୍ରଥମ ମ୍ୟାଚରେ ୬୪ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ହରମନପ୍ରୀତ୍ କୌରଙ୍କ ଦଳ ଏବେ ବିଶ୍ୱ ମାନ୍ୟତାର ୧୪ତମ ସ୍ଥାନରେ ରହିଥିବା ଦୁର୍ବଳ ନେଦରଲ୍ୟାଣ୍ଡସକୁ ମାତ୍ ଦେଇ ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହରମନପ୍ରୀତ୍ କୌରଙ୍କ ସମେତ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସଙ୍କ ଭଳି ଷ୍ଟାର୍ ଖେଳାଳି ରହିଥିବାରୁ ଭାରତ ଏହି ମ୍ୟାଚରେ ଫେଭରାଇଟ୍ ବିବେଚିତ ହେଉଛି। ଅପରପକ୍ଷରେ ଚଳିତ ବିଶ୍ୱକପ୍‌ରେ ମଙ୍ଗଳବାର ରାତିରେ ଗ୍ରୁପ୍-ବି'ର ଏକ ରୋମାଞ୍ଚକ ମ୍ୟାଚରେ ଶ୍ରୀଲଙ୍କା ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୫୧ ରନ ଲକ୍ଷ୍ୟକୁ ଶ୍ରୀଲଙ୍କା ୨ଟି ବଲ୍ ବାକି ଥାଇ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ନୀଳାକ୍ଷି ସିଲଭା ଅପରାଜିତ ୫୪ ରନର ପାଳି ଖେଳିଥିଲେ।

**ଟାଇମ ମାଗାଜିନର ପ୍ରଭାବଶାଳୀ-୧୦୦ କ୍ରୀଡ଼ାବିତ**

## ମନ୍ଧାନା ଏକମାତ୍ର ଭାରତୀୟ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆମେରିକାର ପ୍ରସିଦ୍ଧ ଟାଇମ୍ ମାଗାଜିନ ପକ୍ଷରୁ ବର୍ଷ ୨୦୨୬ ଲାଗି ବିଶ୍ୱର ଶ୍ରେଷ୍ଠ ୧୦୦ଜଣ ପ୍ରଭାବଶାଳୀ କ୍ରୀଡ଼ାବିତ୍‌ଙ୍କ ତାଲିକା ପ୍ରକାଶ ପାଇଛି। ଏହି ସମ୍ମାନଜନକ ତାଲିକାରେ ଏକମାତ୍ର ଭାରତୀୟ ଭାବେ କ୍ରିକେଟର୍ ସ୍ମୃତି ମନ୍ଧାନା ସ୍ଥାନ ପାଇଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ସୁପରଷ୍ଟାର୍ ବିରାଟ କୋହଲି, ରୋହିତ୍ ଶର୍ମାଙ୍କ ଭଳି କିମ୍ବଦନ୍ତୀ ଖେଳାଳି ଏହି ୧୦୦ ଜଣିଆ ଏଲିଟ୍ ତାଲିକାରେ ସ୍ଥାନ ପାଇନାହାନ୍ତି। ବିଶ୍ୱର ଅନ୍ୟତମ କ୍ରିକେଟର୍ ଭାବେ ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମାଙ୍କ ଏଥିରେ ସାମିଲ ରହିଛନ୍ତି। ଟାଇମ ମାଗାଜିନ ପକ୍ଷରୁ କୁହାଯାଇଛି ଯେ ୨୯ ବର୍ଷୀୟା ମୁମ୍ବଇ ଜନ୍ମିତା ମନ୍ଧାନା ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ରହିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଘରୋଇ ଦିନିକିଆ ଫର୍ମାଟ୍‌ରେ ଦ୍ୱିଶତକ ହାସଲ କରିବାର ବିରଳ ସଫଳତା ହାସଲ କରିଥିଲେ। ସେହିଭଳି ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ମଧ୍ୟ ଶତକ ମାରିଛନ୍ତି। ଟାଇମ୍ ପତ୍ରିକାର ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆମେରିକୀୟ ବାସ୍କେଟବଲ୍ ଖେଳାଳି ଲେବ୍ରନ୍ ଜେମ୍ସ, ଫୁଟବଲ୍ ଷ୍ଟାର ଲିଓନେଲ୍ ମେସି, କ୍ରିଷ୍ଟିଆନୋ ରୋନାଲ୍ଡୋ, ଟେନିସ୍ ଷ୍ଟାର କାର୍ଲୋସ୍ ଆଲକାରାଜ, ବାସ୍କେଟବଲ୍ ଖେଳାଳି ଭିକ୍ଟର ୱେମ୍ବାନ୍ୟାମା, କିମ୍ବଦନ୍ତୀ ଗଲ୍ଫର୍ ରୋରି ମ୍ୟାକଇଲରୟ ପ୍ରମୁଖ ରହିଛନ୍ତି।

**ଖଣ୍ଡିତର ସର୍ବଭାରତୀୟ କବାଡ଼ି**

# ଶେଷଦିନରେ ବର୍ଷା ସାଜିଲା ପ୍ରତିବନ୍ଧକ



କୁଆଖିଆ,୧୬।୬(ସମିସ):

ଯାଜପୁର ଜିଲ୍ଲା କବାଡି ସଂଘ ଆନୁକୂଲ୍ୟରେ ଖଣ୍ଡିତରଠାରେ ଚାଲିଥିବା ୭୧ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତାର କ୍ରମାଗତ ଦ୍ୱିତୀୟ ବର୍ଷ ବର୍ଷାଯୋଗୁଁ ବାଧାପ୍ରାପ୍ତ ହୋଇଛି। ଏହା ଫଳରେ କବାଡି ସମର୍ଥକ ଓ ଆୟୋଜକ ନିରାଶ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ପୂର୍ବରୁ ବର୍ଷା ହେବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ପୂର୍ବରୁ ମହିଳା ବିଭାଗରେ ଫାଇନାଲ ଖେଳିବାକୁ ଭୁବନେଶ୍ୱରର ପଟ୍ଟନାୟକ ଏକାଡେମୀ ରାଜନନ୍ଦନଗାଓଁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲରେ ରାଜନନ୍ଦନଗାଓଁ ୪୩-୧୯ ପଏଣ୍ଟରେ ରାୟପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ପଟ୍ଟନାୟକ ଏକାଡେମୀ ୩୭-୩୧ ପଏଣ୍ଟରେ କିଟ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ପୁରୁଷ ବିଭାଗରେ ସେମିରେ ବିଳାସପୁର ସହ ଜବଲପୁର ଓ ରୋହତକ ସହ ନାଗପୁର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶେଷଦିନରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟବକ୍ତା, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ଓ କିମ୍ସରେ ଉପନିର୍ଦ୍ଦେଶକ ଡାକ୍ତର ସଙ୍ଗୀତା ବେହେରା ଓ ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଂଘର ଉପସଭାପତି ଅଭୟ କୁମାର ମହାନ୍ତି, ଅରୁଣ କୁମାର ସାହୁ, ଉପଦେଷ୍ଟା ରବୀନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

**● ନେସନ୍ସ କପ୍ ମହିଳା ହକି**

## କ୍ରମାଗତ ବିଜୟ ସହ ସେମିରେ ଭାରତ

ଅକ୍‌ଲାଣ୍ଡ, ୧୬।୬ (ଏଜେନ୍ସି): ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍‌ର ପର୍ଯ୍ୟାୟର ଏକ ମ୍ୟାଚରେ ଭାରତ ୨-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ବିଜୟୀ ଭାରତୀୟ ଦଳ ପକ୍ଷରୁ ଅଧିନାୟିକା ସାଲିମା ଟେଟେ ଓ ଲାଲରେସିଆମି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ଜାପାନ ପାଇଁ ହିରାମିତସୁ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ। ନେସନ୍ସ କପ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଛି। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ଗତକାଲି ୩-୨ ଗୋଲ୍‌ରେ ଆମେରିକାକୁ ପରାସ୍ତ କରିଥିଲା। ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ଭାରତ ୬ ପଏଣ୍ଟ ପାଇ ପୁଲ୍-ଏ ଶୀର୍ଷରେ ରହି ସେମିଫାଇନାଲରେ ପହଞ୍ଚିଛି। ପୁଲ୍ ପର୍ଯ୍ୟାୟରେ ଭାରତ ଏହାର ଶେଷ ମ୍ୟାଚରେ ଗୁରୁବାର ଉରୁଗୁଏକୁ ଭେଟିବ।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS